ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ମାସିକ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ



୫

ଅପ୍ରେଲ ୨୦୧୬ ସଂସ୍କରଣ

ଉତ୍କଳୀୟ ନବବର୍ଷ ଉପଲକ୍ଷେ ଆହ୍ୱାନ ଇ-ପତ୍ରିକାର ବିଶେଷ ସଂକଳନ

# ବନ୍ଦେ ଉତ୍କଳ ଜନନୀ

ଏକାଦଶ ବର୍ଷ, ଚତୁର୍ଥ ସଂଖ୍ୟା
ଅପ୍ରେଲ ୨୦୧୬

www.aahwaan.com

# ଆହ୍ୱାନ

ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟ ଇ-ପତ୍ରିକା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡ଼ି,ଏମ୍.ସି.ଏଚ୍, ପି.ଜି.ଡ଼ି.ଏଚ୍.ଏମ୍

ବୀମା ନଗର, ଦ୍ୱିତୀୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଫୋନ୍ : ୯୦୪୦୯୮୫୪୬୩ ଇ-ମେଲ୍ : aahwaan@gmail.com

'ଆହ୍ୱାନ'ରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖାଗୁଡ଼ିକୁ ହିଁ କପିରାଇଟର ବ୍ୟବସ୍ଥାରେ ଚୟନ କରାଯାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ, ଯେତେବେଳ ଯାଏଁ କୌଣସି ସୂଚନା କିମ୍ବା ନିର୍ଦ୍ଦେଶ ଦିଆଯାଇନାହିଁ । ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତ ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣ ମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଏକ ଅପରାଧ । ଦୟାକରି ଏହି ବିଷୟ ପ୍ରତି ବିଶେଷ ଧ୍ୟାନ ଦେବେ । ଲେଖକମାନେ ଚାହିଁଲେ ନିଜ ଲେଖାର ପ୍ରଚାର ହେତୁ ସେମାନଙ୍କ ଲେଖା ପ୍ରକାଶିତ ହୋଇଥିବା ପୃଷ୍ଠାମାନଙ୍କ ପ୍ରତିଛବି ଗଣମାଧ୍ୟମରେ / ଇଣ୍ଟରନେଟରେ ଦେଇ ପାରିବେ ।

# ସମ୍ପାଦକୀୟ



ଗ୍ରୀଷ୍ମର ନିଦାଘ, ଚଳିତ ବର୍ଷ ଓଡ଼ିଶା ଉପରେ ଅଧିକ କରାଳ ରୂପରେ ପ୍ରକଟ ହୋଇଛି । ଗ୍ରୀଷ୍ମଋତୁର ଆଗମନ ହେବା ପୂର୍ବରୁ ହିଁ ରାଜଧାନୀ ଭୁବନେଶ୍ୱରର ତାପମାତ୍ରା ୪୫ ଡିଗ୍ରୀରୁ ଅଧିକ ହୋଇଛି । ଏହା ଅତ୍ୟନ୍ତ ଚିନ୍ତାର ବିଷୟ । ବିଗତ ଅନେକ ଦଶନ୍ଧିରେ ଏମିତି କେବେ ବି ହୋଇନଥିଲା । ଜାଣିବାଶୁଣିବା ଲୋକ କହୁଛନ୍ତି ଇୟେ କାଳେ ଗୋଟେ ନୂଆ ଘଟଣା ।

କିଛି ବୁଦ୍ଧିଜୀବିଙ୍କ ମତରେ ରାଜଧାନୀରେ ବର୍ଦ୍ଧିତ ତାପମାତ୍ରାର ଏକମାତ୍ରକାରଣ ହେଉଛି ସହରୀକରଣ ଓ ଜଙ୍ଗଲ କାଟି ସଫା କରିବା ମନୋବୃତ୍ତି । ବିଗତ ତିନିଦଶନ୍ଧିରେ ଭୁବନେଶ୍ୱରର ଆୟତନ ଅନେକ ଗୁଣରେ ବୃଦ୍ଧିପାଇଛି । ଯେଉଁଠି ଦିନେ ଘନ ସବୁଜିମା ଥିଲା, ଆଜି ସେଠି ବହୁତଳ ପ୍ରାସାଦ ମାନ ନିର୍ମାଣ ହୋଇଛି । ସହରରେ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଆବୋରି ନେବାପାଇଁ ନୂଆ ନୂଆ ଜନବସତି ନିର୍ମାଣ ହେତୁ, ଜଙ୍ଗଲକୁ କାଟି ସଫା କରାଯାଉଛି । ଏହା ତୁଳନାରେ ବନୀକରଣ ପ୍ରକଳ୍ପ କିଛି କାମ କରୁନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ । ଭୁବନେଶ୍ୱର ବର୍ତ୍ତମାନ ସମୁଦାୟ ଭାରତବର୍ଷରେ ସ୍ମାର୍ଟସିଟିର ମାନ୍ୟତା ପାଇବା ପରେ ଲାଗୁଛି ସତେ ଯେମିତି ଦ୍ରୁତ ଗତିରେ ଏହା ଏକ କଂକ୍ରିଟ ଜଙ୍ଗଲରେ ପରିଣତ ହେବାରେ ଲାଗିଛି ।

ରାଜଧାନୀରେ ଦିନକୁ ଦିନ ବଢୁଥିବା ତାପମାତ୍ରାକୁ ନେଇ

ଅନେକ ବ୍ୟଙ୍ଗାତ୍ମକ ଚିତ୍ର ଓ କଥାମାନ ସୋସିଆଲ୍ ମେଡ଼ିଆରେ ପ୍ରକାଶିତ ହୋଇଛି, ହେଲେ ଏହାକୁ ମାତ୍ର ବ୍ୟଙ୍ଗ ବୋଲି ଭାବିନେଇ ଦେଖିଲେ ହେବନାହିଁ । ପ୍ରତ୍ୟେକ ବାର୍ତ୍ତାରେ କିଛି ନା କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରହିଛି ଆଉ ଆମକୁ ସେହି ସବୁ ତଥ୍ୟ ଉପରେ କାର୍ଯ୍ୟ କରିବାକୁ ପଡ଼ିବ । ପୃଥିବୀ ପୃଷ୍ଠରୁ ଦ୍ରୁତଗତିରେ ଲୋପପାଉଥିବା ସବୁଜବନାନୀକୁ ପୁଣିଥରେ ଫେରେଇ ଆଣିବାକୁ ପଡ଼ିବ । ହୁଏତ ସେଥିରେ ଏହି ତାପମାତ୍ରା କିଛି କମ ହୋଇପାରେ । ବିଗତ ଦୁଇ ଦଶନ୍ଧିରେ ଓଡ଼ିଶାକୁ ଦୁଇ ଦୁଇଥର ଦୈବୀ ଦୁର୍ବିପାକର ସମ୍ମୁଖୀନ ହେବାକୁ ପଡ଼ିଛି । ମହାବାତ୍ୟା ଓ ଫାଇଲିନ୍ ପରେ ବନୀକରଣକୁ ଯେଉଁ ଗତିରେ କରିବାର ଥିଲା, ବୋଧହୁଏ ସେମିତି କରାଯାଇନାହିଁ । ତେଣୁ ପରିବେଶରେ ଅସନ୍ତୁଳନ ଦେଖା ଦେଇଛି ।

ଭେଷଜ ବିଜ୍ଞାନରେ ଆମକୁ ଶିକ୍ଷା ଦିଆଯାଇଥିଲା, “ନିରାକରଣ, ଚିକିତ୍ସାଠାରୁ ଶ୍ରେୟସ୍କର” । ଅର୍ଥାତ, ରୋଗ ହେବାପୂର୍ବରୁ ଯଦି ଆମେ ବହୁତ ପଦକ୍ଷେପ ନେଇପାରିବା ତା ହେଲେ ରୋଗ ହେବନାହିଁ କି ଚିକିତ୍ସାପାଇଁ ଆମକୁ ହଟହଟା ହେବାକୁ ପଡ଼ିବ ନାହିଁ, ସେମିତି ବାତାବରଣ ବିଷୟରେ ମଧ୍ୟ ଆମକୁ ସଚେତନ ହେବାକୁ ପଡ଼ିବ । ଯଦି ଆଜି ଆମେ ସବୁଜ ବନୀକରଣକୁ ପ୍ରାଧାନ୍ୟ ଦେବାନାହିଁ, ତା ହେଲେ କାଲି ଆମେ କେତେ ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ଲଗାଇଲେ ସୁଦ୍ଧା ଗରମର ନିସ୍ତାର ପାଇବା ନାହିଁ । ପୁଣି ସେ ସବୁ ପାଇଁ ଆବଶ୍ୟକ ବିଦ୍ୟୁତ ଶକ୍ତି ପାଇବା କେଉଁଠାରୁ ? ବର୍ତ୍ତମାନ ଆମ ରାଜ୍ୟ ବିଦ୍ୟୁତ ଶକ୍ତିରେ ଉନ୍ନତ ଥିବା କଥା ଆମେ ଶୁଣିଆସୁଥିବା ବେଳେ ସୁଦ୍ଧା ବିଦ୍ୟୁତ ବିଭ୍ରାଟ ପ୍ରାୟ ନିତିଦିନିଆ ଘଟଣା ହୋଇଛି । ତେଣୁ ଆମକୁ ପରିବେଶ ସନ୍ତୁଳନ ପାଇଁ କାର୍ଯ୍ୟ କରିବାକୁ ପଡ଼ିବ । ତେବେ ଯାଇ ଆମେ ପରିବେଶରେ ହେଉଥିବା ଏ ସବୁ ବିଭ୍ରାଟ ଦୂର କରିପାରିବା ।

ବସନ୍ତ ଋତୁ ଓ ଗ୍ରୀଷ୍ମଋତୁରେ ହେଉଥିବା ଆଉ ଏକ ଉଲ୍ଲେଖନୀୟ ଘଟଣା ହେଉଛି ବିଷୁବ ସଂକ୍ରାନ୍ତି ବା ଉତ୍କଳୀୟ ନବବର୍ଷ । ଓଡ଼ିଶା ପାଇଁ ଏହି ପର୍ବର ମହତ୍ତ୍ୱ ବହୁତ ଅଧିକ । କୁହାଯାଇପାରେ ଯେ ଏହା ଓଡ଼ିଶାର ଜାତୀୟ ପର୍ବ । ଚଳିତ ବର୍ଷ ଏହି ପର୍ବ ସମୁଦାୟ

ଓଡ଼ିଶାରେ ମହା ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଛି ଏହା ସମେତ, ଓଡ଼ିଶା ବାହାରେ ରହୁଥିବ ଓଡ଼ିଆମାନେ ମଧ୍ୟ ଏହି ପର୍ବକୁ ଅତ୍ୟନ୍ତ ଆନନ୍ଦରେ ପାଳନ କରିଥିବାର ଖବର ଆମେ ପାଇଛୁ । ସୁଦୂର ଆମେରିକାରେ ରହୁଥିବା ଓଡ଼ିଆମାନେ ଉତ୍କଳ ଦିବସ ଓ ଉତ୍କଳୀୟ ନବବର୍ଷକୁ ହର୍ଷୋଲ୍ଲାସର ସହ ପାଳନ କରିଥିଲେ, ଏହା ସହିତ ଦୁବାଇ, ଇଂଲଣ୍ଡ, ସାଉଦି ଆରବ ଆଦି ଦେଶରେ ରହୁଥିବା ଓଡ଼ିଆମାନେ ମଧ୍ୟ ପାଳନ କରିଥିଲେ । ଭାରତ ମଧ୍ୟରେ ଦିଲ୍ଲୀ, କୋଲକାତା, ସୁରତ, ବାଙ୍ଗାଲୋର, ପୁନେ, ମୁମ୍ବାଇ ଆଦି ସ୍ଥାନରେ ମଧ୍ୟ ଓଡ଼ିଆ ନବବର୍ଷ ପାଳନ ହୋଇଥିବା ଆମେ ସୋସିଆଲ୍ ମିଡ଼ିଆରୁ ଜାଣିବାକୁ ପାଇଛୁ ।

ବର୍ଷରେ ସିନା ଛଅ ଋତୁ ଏବଂ ଗ୍ରୀଷ୍ମଋତୁରେ ଅତ୍ୟଧିକ ଉତ୍ତାପ ରହେ, ହେଲେ ଭାରତୀୟ ରାଜନୀତିରେ ବର୍ଷସାରା ଉତ୍ତାପର ବାତାବରଣ ରହିଥାଏ । କୌଣସି ନା କୌଣସି କାରଣରୁ ସବୁବେଳେ ଏହା ଲାଗିରହିଥାଏ । କେନ୍ଦ୍ର ସରକାର ହେଉ ବା ରାଜ୍ୟ ସରକାର ଭିନ୍ନ ଭିନ୍ନ କାରଣରୁ ସବୁବେଳେ ବିରୋଧୀମାନଙ୍କ ସମ୍ମୁଖରେ ଶରବ୍ୟ ହୁଅନ୍ତି । ସେ ସବୁର ଖବର ସମସ୍ତ ସମ୍ବାଦପତ୍ରର ଶିରୋନାମା ମଣ୍ଡନ କରିଥାଏ, ଚଳିତ ସଂସ୍କରଣ ପୂର୍ବରୁ ଏମିତି କିଛି ଖବର ଯାହା ସମଗ୍ର ଦେଶକୁ ଆନ୍ଦୋଳିତ କରିଥିଲା ସେ ସବୁ ବିଷୟରେ ଜଣାଇବା ଉଚିତ ମନେ କରୁଛି । ବିହାର ରାଜ୍ୟକୁ ସମ୍ପୂର୍ଣ୍ଣଭାବରେ ମଦମୁକ୍ତ ବୋଲି ଘୋଷଣା କରାଯିବା ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା । ସୂଚନାଯୋଗ୍ୟ ଯେ ବିହାର ନିର୍ବାଚନ ସମୟରେ ପ୍ରାର୍ଥୀ ଶ୍ରୀ ନିତିଶ କୁମାର ମତଦାତାଙ୍କୁ ପ୍ରତିଶୃତି ଦେଇଥିଲେ ଯେ ଯଦି ସେ ନିର୍ବାଚନରେ ବିଜୟୀ ହୁଅନ୍ତି ତେବେ ସେ ବିହାରକୁ ମଦମୁକ୍ତ ବୋଲି ଘୋଷଣା କରିବେ ଏବଂ ସେ ନିଜ ପ୍ରତିଶୃତି ରକ୍ଷା କରିଛନ୍ତି । ଯଦିଓ ଏହା ଦ୍ୱାରା ଜନ ଅଶାନ୍ତି ଦେଖା ଦେଇଛି, କିନ୍ତୁ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଆମେ ଭାବୁ । ଖବର କାଗଜରୁ ପଢ଼ିବାକୁ ପାଇଲୁ ଯେ ଯେଉଁମାନେ ନିଶାଖୋର ସେମାନେ କାଳେ ଏହା ଦ୍ୱାରା ବିଚଳିତ ହୋଇ କାଗଜ, ସାବୁନ, ଇତ୍ୟାଦି ଜିନିଷ ଖାଇପକାଉଛନ୍ତି । କିନ୍ତୁ ଧିରେ ଧିରେ ସବୁ ସାମାନ୍ୟ ହୋଇଯିବ ବୋଲି ଆମେ ଆଶାବାଦୀ, ଅବଶ୍ୟ ଏହା ସହିତ ଗ୍ରେଟ

ମଦବ୍ୟାପାର ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ । ଏହା ଦ୍ୱାରା ରାଜସ୍ୱହାନୀ ହେବା ସହ ସମାଜରେ ଦୌରାତ୍ମ୍ୟ ବୃଦ୍ଧିପାଇବ ବୋଲି ଅନେକେ ମତ ଦିଅନ୍ତି ।

ବିଗତ ମାସରେ କାଶ୍ମୀରର ଶ୍ରୀନଗରରେ ଥିବା ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜୀରେ ଛାତ୍ର ଅଶାନ୍ତି ଏକ ପ୍ରମୁଖ ଖବର ଥିଲା । ବିଶ୍ୱକପ ଟି ଟ୍ୱେଣ୍ଟି ମ୍ୟାଚରେ ଭାରତର ପରାଜୟ ପରେ କିଛି ଛାତ୍ର ଏହି ଖବରକୁ ନେଇ କଲେଜ କ୍ୟାମ୍ପସରେ ଖୁସି ମନାଉଥିବା ଅନେକ ଛାତ୍ରଙ୍କୁ ଭଲ ଲାଗିନଥିଲା । ଭାରତର ପରାଜୟରେ ଆନନ୍ଦିତ ହେଉଥିବା ସେହି ଛାତ୍ରମାନଙ୍କୁ ବିରୋଧ କରି ଅନେକ ଛାତ୍ର ଅନ୍ଦୋଳନାତ୍ମକ ପଦକ୍ଷେପ ନେଇଥିଲେ ଏବଂ କ୍ୟାମ୍ପସ ଭିତରେ ଭାରତ ମାତାକି ଜୟ କହିବା ସହିତ ମୁଖ୍ୟ କାର୍ଯ୍ୟାଳୟ ଉପରେ ଭାରତର ତ୍ରିରଙ୍ଗା ପତାକା ଲଗାଇଥିଲେ । ପରେ କ୍ୟାମ୍ପସରେ ବଢୁଥିବା ଉତ୍ତେଜନାକୁ ଦେଖି ପୋଲିସ ଦ୍ୱାରା ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ସମସ୍ତ ଗଣମାଧ୍ୟମ ଏବଂ ରାଜନୈତିକ ଦଳମାନେ ନିନ୍ଦା କରିଥିଲେ । କିନ୍ତୁ ପ୍ରଥମଥର କାଶ୍ମୀରର କୌଣସି ଏକ ପ୍ରମୁଖ ଶିକ୍ଷାନୁଷ୍ଠାନ ମଧ୍ୟରେ ଭାରତମାତା କି ଜୟ ବୋଲି ଶୁଣା ଯାଇଥିବା କଥା ସମସ୍ତେ ଏକ ସ୍ୱରରେ ସ୍ୱୀକାର କରିଥିଲେ । ସବୁବେଳେ ପାକିସ୍ତାନ ଜିନ୍ଦାବାଦ ବୋଲି ଶୁଣାଯାଉଥିବା ଏବଂ ଅନେକ ସମୟରେ ପାକିସ୍ତାନୀ ପତାକା ଦେଖାଦେଉଥିବା ଘାଟିରେ ଭାରତ ପତାକା ସଗର୍ବେ ଉଡୁଥିବାର ଦୃଶ୍ୟ ସୋସିଆଲ୍ ମିଡ଼ିଆରେ ପ୍ରସାର ହୋଇଥିଲା ।

କିଛି ଦିନତଳେ କେରଳର ଏକ ପ୍ରମୁଖ ମନ୍ଦିରରେ ଉତ୍ସବ ପାଳନ ହେଉଥିବା ସମୟରେ ବାଣ ଫୁଟାଉଥିବାର ଦୃଶ୍ୟ ଦେଖିବା ପାଇଁ ଏକତ୍ରିତ ଜନ ସମଗ୍ର ହଠାତ ବିସ୍ଫୋରଣ ଦ୍ୱାରା ଚମକି ପଡ଼ିଥିଲେ । ବାଣ ସଂଗୃହୀତ ହୋଇ ରହିଥିବା ଏକ ଗୋଦାମଘରେ ନିଆଁ ଲାଗିବା ଫଳରେ ବିସ୍ଫୋରଣ ହୋଇ ଅନ୍ୟୁନ ଶହେରୁ ଅଧିକ ଲୋକଙ୍କ ପ୍ରାଣ ହାନୀ ହୋଇଥିଲା । ସବୁବେଳେ ଏହି ମନ୍ଦିରରେ ବାର୍ଷିକ ଉତ୍ସବ ସମୟରେ ଏମିତ ଆତସବାଜୀ ହୁଏ ବୋଲି ମନ୍ଦିର ତରଫରୁ କୁହାଯାଇଛି । ଅବଶ୍ୟ ଏହି ପ୍ରକାରର ଆତସବାଜୀ ପାଇଁ କୌଣସି ପ୍ରକାର ନିୟମ

ଉଚ୍ଚତମ ନ୍ୟାୟାଳୟ ଦେଇନାହାନ୍ତି । ତଥାପି ସର୍ବସାଧାରଣ ଏମିତ ଉତ୍ସବ ସମୟରେ ସାବଧାନ ରହିବା ପାଇଁ ସରକାରୀ ଭାବରେ ନିର୍ଦ୍ଦେଶ ଜାରୀ କରାଯାଇଛି ।

ବିଷୁବ ସଂକ୍ରାନ୍ତି ଉପଲକ୍ଷେ ଓଡ଼ିଶା ଉତ୍ସବମୁଖର ହେଉଥିବା ବେଳେ ଓଡ଼ିଶାରେ ଆହୁରି ଶହେଟି 'ଆହାର' ଖାଦ୍ୟ ବିତରଣ କେନ୍ଦ୍ରର ଉଦଘାଟନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କରିଛନ୍ତି । ଏହା ଫଳରେ ଦୈନିକ ଷାଠିଏ ହଜାର ଲୋକଙ୍କୁ ସ୍ୱଳ୍ପ ମୂଲ୍ୟରେ ଭାତ ଓ ଡାଲମା ଯୋଗାଇ ଦିଆଯିବ ବୋଲି ଜଣାପଡ଼ିଛି । ସୂଚନାଯୋଗ୍ୟ ଯେ ଏହି ଯୋଜନା ଦ୍ୱାରା ସହରାଞ୍ଚଳରେ ରହୁଥିବା ଏବଂ ଯାତାୟାତ କରୁଥିବା ଅନେକ ଗରୀବ ଲୋକ ଲାଭାନ୍ୱିତ ହୋଇଛନ୍ତି । ମାତ୍ର ପାଞ୍ଚଟଙ୍କା ବିନିମୟରେ ଭାତ ଓ ଡାଲମା ଯୋଗାଇ ଦେବାର ଏହି ଅଭିନବ ଯୋଜନା ଦ୍ୱାରା ଯେତେ ଅଧିକ ଲୋକ ଲାଭାନ୍ୱିତ ହେଉଛନ୍ତି ସେତେ ଅଧିକ ପରିମାଣର ଲୋକ କର୍ମକୋଢ଼ିଆ ହେବାର ଭୟ ରହିଛି ବୋଲି ଆମେ ଅନୁଭବ କରୁ । ଲୋକଙ୍କୁ ମାଗଣାରେ କମ୍ବା ସ୍ୱଳ୍ପ ମୂଲ୍ୟରେ ଖାଇବାକୁ ଦେବା ଦ୍ୱାରା ସେମାନଙ୍କର କାମ କରିବା ପ୍ରବୃତ୍ତିକୁ ଧିରେ ଧିରେ ଦବେଇ ଦିଆଯାଉଛି ବୋଲି ଅନୁମାନ କରାଯାଏ । ବରଂ ଏହା ବଦଳରେ ଜନହିତକାରୀ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇ ଲୋକଙ୍କୁ କର୍ମନିଯୁକ୍ତି ଦିଆଗଲେ ହୁଏତ ଆହୁରି ବହୁତ ଭଲ ହୁଅନ୍ତା ବୋଲି ଆମେ ମନେ କରୁ ।

ସର୍ବୋପରି ଅପ୍ରେଲ ମାସର ଏହି ଗରମ ସମୟରେ ଆପଣମାନଙ୍କୁ ଆହ୍ୱାନ ଇପତ୍ରିକାର ଏକ ବିଶେଷ ସଂସ୍କରଣ ଭେଟି ଦେଉଥିବା ବେଳେ ଅତ୍ୟନ୍ତ ଆନନ୍ଦ ଅନୁଭବ କରୁଛି । ଉତ୍କଳୀୟ ନବବର୍ଷ ଉପଲକ୍ଷେ ସମସ୍ତ ପାଠକ ପାଠିକାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା - ସମ୍ପାଦକ, ଆହ୍ୱାନ ଓଡ଼ିଆ ପରିବାର

# ଏହି ସଂସ୍କରଣରେ ଅଛି...


| | | | |
|---|---|---|---|
| ସମ୍ପାଦକୀୟ | ୪ | ଦେବଲୋକରେ ଦେବରାଜ | ୩୬ |
| ଆମ ନୂଆ ବର୍ଷ | ୧୨ | *ଡା ମୀନକେତନ ପଟ୍ଟନାୟକ* | |
| *ଶ୍ରୀ ହିମାଂଶୁ ଶେଖର ବାରିକ* | | ତର୍ଲାକୋଟାର ଜଗନ୍ନାଥ ମନ୍ଦିର | ୪୧ |
| ମାଆ ତୁ ଉତ୍କଳ ଜନନୀ | ୧୯ | *ଶ୍ରୀ ଲିଙ୍ଗରାଜ ପ୍ରସାଦ ଅମୂଲ୍ୟ ପଟ୍ଟନାୟକ* | |
| ମାଆ ଓ ମାତୃଭାଷା | ୨୦ | *ଅନୁବାଦ - ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ* | |
| ଓଡ଼ିଆର ଶତ୍ରୁ | ୨୧ | ସାଗର ସୀମା | ୪୬ |
| *ଡମ୍ବରୁଧର ପଟ୍ଟନାୟକ* | | *ମଧୁମିତା ମହାନ୍ତି (ମିତୁ)* | |
| ସୁସ୍ୱାଗତ ନବବର୍ଷ | ୨୩ | ଆମ ଗାଁ ହାଲଚାଲ | ୫୨ |
| ସ୍ୱତନ୍ତ୍ର ଉତ୍କଳର ସ୍ମୃତିଗାଥା | ୨୬ | *ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ* | |
| *ଶ୍ରୀ ପ୍ରବୋଧ ଚନ୍ଦ୍ର ମୁଦୁଲି* | | ଶବଦାହ ପାଇଁ କାଠର ବିକଳ୍ପ | ୫୮ |
| ଅସୁରକ୍ଷିତ ଗଣତନ୍ତ୍ର | ୨୮ | *ବାଲ୍ମୀକି ନାୟକ* | |
| *ଶ୍ରୀ ହିମାଂଶୁ ଶେଖର ବାରିକ* | | ବାସିଭାତ | ୬୧ |
| ବଢ଼ିଆ ଆମେ ଓଡ଼ିଆ | ୩୦ | ଅପରାହ୍ନର ଅବଶୋଷ | ୬୨ |
| *ରଶ୍ମିରଞ୍ଜନ ଦାଶ* | | *ସୁବ୍ରତ କୁମାର ମୁଦୁଲି* | |
| ପବିତ୍ର ଉତ୍କଳ ଦିବସ | ୩୩ | ସ୍ୱତନ୍ତ୍ର ଉତ୍କଳ ରାଜ୍ୟ | ୬୩ |
| *ଅନୁପମ ବେହେରା* | | *ଡା ସନ୍ଧ୍ୟାରାଣୀ ପାଣିଗ୍ରାହୀ* | |
| ଈଶ୍ୱର | ୩୪ | ଓଡ଼ିଆ ଭାଗବତ | ୬୬ |
| *ଡା ନୀଳମାଧବ କର* | | *ରବୀନ୍ଦ୍ର କୁମାର ମହାପାତ୍ର* | |
| ପରମେଶ୍ୱର | ୩୫ | ଛଡି | ୭୦ |
| *ଦୟାନିଧି ଦାଶ* | | *ଡା ସୌମ୍ୟରଞ୍ଜନ ମିଶ୍ର* | |

ବଧାତାର ଖେଳ ୭୨
*ଦୁର୍ଗା ପ୍ରସାଦ ପଟ୍ଟନାୟକ*

ତୁମ ଗାଁ ନଇ ୮୦

ଅଦେଖା ପ୍ରେମ ୮୧
*ପ୍ରଶାନ୍ତ କୁମାର ନାଥ*

ଅତୀତ ୮୪
*ଦଲ୍ଲୀପ କୁମାର ପରଡ଼ା*

ଭୁଲପାରବନ ତୋତେ ୮୫
*ଆର୍ତତ୍ରାଣ ସୁତାର*

ଗରୀବ ଲୁହ ମୂଲ୍ୟହୀନ ୮୬
*ପ୍ରଶାନ୍ତ କୁମାର ଦାଶ*

ପ୍ରେମ ୮୭
*ଦୀପକ କୁମାର ଷଡ଼ଙ୍ଗୀ*

ମାନସୀ ୮୮

ସଫଳ ଜୀବନ ୮୯
*ଅନାମ ଚରଣ ସାହୁ*

ଶିକ୍ଷାର ଆଦର୍ଶ ୯୦
*ମହେନ୍ଦ୍ର ପ୍ରତାପ ସ୍ୱାଇଁ*

ଏମିତ କାହିଁକି ହୁଏ ? ୯୨

କୋଉଠି ଅଛ ? ୯୪
*ସୁଶ୍ରୀ ଜୟଶ୍ରୀ ଜେନା*

କାହାଣୀ ଏଞ୍ଜେଲ ପ୍ରିୟାର ୯୬
*ଅମୃତାଂଶୁ*

ସ୍ୱାଗତକା ୯୯
*ଲକ୍ଷ୍ମୀଧର ମହାରଣା*

ତୁମେ ୧୦୦
*ଜୟଶ୍ରୀ ପଟ୍ଟନାୟକ*

ବଶ୍ୱାସ ୧୦୨

ବୈଶାଖର ନମନ୍ତ୍ରଣ ୧୦୩
*ଡମ୍ବରୁଧର ବାଗ*

ସବୁନାରୀ ନୁହେଁ ସୀତା ୧୦୪
*ସାଗରୀକା ବଶ୍ୱାଳ*

ମାନ ଉଦ୍ଧାରଣ କର ୧୦୫
*ରେହତ୍ ନାଗେଶ*

ହଜଲା ଠିକଣା ୧୦୬
*କମଳାକାନ୍ତ ସୁବୁଦ୍ଧି*

ଜଗତେ କେବଳ ୧୦୭
*କବସୂର୍ଯ୍ୟ ବଳଦେବ ରଥ*

ସମୀକ୍ଷା - ସ୍ମରଣିକା ୧୦୯

ବଶେଷ ସୂଚନା ୧୧୧


ଆଗାମୀ ସଂସ୍କରଣ ପାଇଁ ନଜ ଲେଖା ଶୀଘ୍ର ଆମ ନକଟକୁ ପଠାନ୍ତୁ । ବଶେଷ ବବରଣୀ ପାଇଁ ଶେଷ ପୃଷ୍ଠା ଦେଖନ୍ତୁ ।

# ଉତ୍କଳୀୟ ନବବର୍ଷ

ପବିତ୍ର ମହାବିଷୁବ ସଂକ୍ରାନ୍ତି, ମେରୁ ସଂକ୍ରାନ୍ତି, ପଣା ସଂକ୍ରାନ୍ତି, ହନୁମାନ ଜୟନ୍ତୀ ଏବଂ ସର୍ବୋପରି ଉତ୍କଳୀୟ ନବବର୍ଷ ଉପଲକ୍ଷେ

# ହାର୍ଦ୍ଦିକ ଅଭିନନ୍ଦନ

## ଆହ୍ୱାନ ଓଡ଼ିଆ ପରିବାର

www.facebook.com/odiaparibar | www.facebook.com/groups/aahwaan | www.aahwaan.com

# ଆମ ନୂଆବର୍ଷ



ଶ୍ରୀ ହିମାଂଶୁ ଶେଖର ବାରିକ୍

ଆଜି ଯେତେବେଳେ ଓଡ଼ିଆ ନବବର୍ଷ କଥା ଉଠେ, ମୋର ଛାତ୍ରାବସ୍ଥାରେ ପଠିତ ଏକ କ୍ଷୁଦ୍ର କାହାଣୀ ମନେ ପଡ଼େ । ଏକ ନିଘଞ୍ଚ ଅରଣ୍ୟର ନିର୍ଜନ ରାସ୍ତା । ବସନ୍ତର ଅପରାହ୍ଣରେ ଚଇତାଳି ମଳୟ ସାଙ୍ଗକୁ ପ୍ରସ୍ଫୁଟିତ କୃଷ୍ଣଚୂଡ଼ା ପୁଷ୍ପ ଓ ଆମ୍ର ବଉଳର ସୌରଭ । ଜୀବନରେ ଦାରିଦ୍ର୍ୟତାର କଷାଘାତରେ ପ୍ରପୀଡ଼ିତ ଯୁବକଟିଏ ଗତିକରୁଛି କେଉଁ ଏକ ଅଜଣା ଜାଗାକୁ, ଯେଉଁଠି ସେ ସନ୍ଧାନ ପାଇବ ଅସୁମାର ବିଭବ । ହଠାତ୍ ତାର ଦୃଷ୍ଟିଗୋଚର ହେଲା ଏକ ଅଦ୍ଭୁତ ଦୃଶ୍ୟ । ରାସ୍ତା ପାର୍ଶ୍ୱର ଅନତି ଦୂରରେ ଦଣ୍ଡାୟମାନ ଏକ ଲୌହ ସ୍ତମ୍ଭ । ତାର ଚତୁର୍ପାର୍ଶ୍ୱରେ ଘୂର୍ଣ୍ଣାୟମାନ ଏକ ଚକ୍ରାକାର ଅଖ । ସେହି ଚକ୍ରାକାର ଅଖ ସହ ଘୂର୍ଣ୍ଣାୟରତ ଏକ ଦିବ୍ୟ ସୁନ୍ଦରୀ ରମଣୀ । ମସ୍ତକରେ ଧାରଣ କରିଛି ଅମୂଲ୍ୟ ରତ୍ନଭରା ସ୍ୱର୍ଣ୍ଣ କଳସଟିଏ । ଯୁବତୀର ରୂପ ଲାବଣ୍ୟ ଏପରି ମନୋମୁଗ୍ଧକର ଥିଲା ଯେ ଯୁବା ପଥିକଟି ମନ୍ତ୍ରମୁଗ୍ଧ ଭଳି ଅପଲକ ନୟନରେ ଦେଖିବାକୁ ଲାଗିଲା । ଦିବ୍ୟରୂପା ତରୁଣୀ ହଠାତ୍ ତାର କଟାକ୍ଷ ଚାହାଣୀରେ ପାଶକୁ ଆସିବା ପାଇଁ ଇଙ୍ଗିତ ଦିଅନ୍ତେ, ଯୁବା ପଥିକ ଜଣକ ସ୍ତମ୍ଭୀଭୂତ ହୋଇଗଲା । ଯୌବନର ପ୍ରେରଣା ଓ ରୂପବତୀର ମୋହ ତାକୁ ଲୌହସ୍ତମ୍ଭ ନିକଟକୁ

ଆକର୍ଷିତ କଲା । ସ୍ତମ୍ଭ ନିକଟରେ ଉପନୀତ ହୁଅନ୍ତେ, ହାସ୍ୟମୟୀ ମଧୁରଭାଷିନୀ ତରୁଣୀ ତାକୁ କହିଲେ ମୁଁ ହେଉଛି ଦକ୍ଷ କନ୍ୟା । ଏହି ସ୍ତମ୍ଭ ଅନ୍ତର୍ଗତ ଗର୍ତ୍ତରେ ଏହିଭଳି ଦଶଟି ରତ୍ନ କଳସୀ ଗଚ୍ଛିତ ଅଛି । ମୋ ପିତାଙ୍କ ନିର୍ଦ୍ଦେଶରେ ମୁଁ ଏହି କଳସୀ ଧାରଣ କରିଛି । ବହୁ ସମୟ ଧରି ଘୂର୍ଣ୍ଣନ ଯୋଗୁ ମୁଁ କ୍ଲାନ୍ତ ଅନୁଭବ କରୁଛି । ଦୟାକରି ମୋର ସହାୟତା କରନ୍ତୁ । ଏହି ରତ୍ନ କଳସୀ ମୋ ମସ୍ତକରୁ ନେଇ କିଛି କ୍ଷଣ ପାଇଁ ଆପଣ ଏହି ଘୂର୍ଣ୍ଣାୟମାନ ଅଖରେ ଦଣ୍ଡାୟମାନ ହୁଅନ୍ତୁ । ସମ୍ୟକ୍ ବିଶ୍ରାନ୍ତି ପରେ ମୁଁ ପୁନଶ୍ଚ ପ୍ରତ୍ୟାଗମନ କରିବି ଏବଂ ଉପହାର ସ୍ୱରୂପ ଆପଣଙ୍କୁ ରତ୍ନକଳସୀ ପ୍ରଦାନ କରିବି । କୋମଳାଙ୍ଗୀ ଯୁବତୀର ମଧୁର କଥନ ଓ ରତ୍ନ କଳସୀର ଲୋଭ ଯୋଗୁ ଯୁବକର ମନ ବିହ୍ୱଳିତ ହୋଇଗଲା ଓ ସେ ତାର କଥାରେ ସମ୍ମତ ହୋଇ ରତ୍ନକଳସୀ ଧରି ଲୌହସ୍ତମ୍ଭ ଚତୁର୍ପାର୍ଶ୍ୱରେ ଘୂରିବାକୁ ଲାଗିଲା । ଏଣେ ରୂପସୀ ଯୁବତୀ ଅରଣ୍ୟ ଆଡ଼କୁ ଗତି କରୁ କରୁ ଅନ୍ତର୍ଦ୍ଧାନ ହୋଇଗଲା ଯେ ଆଉ ଫେରିଲା ନାହିଁ । ବିଗ୍ଭରି ଯୁବକଟି ରମଣୀର ସୌନ୍ଦର୍ଯ୍ୟତା ଓ ରତ୍ନକଳସୀର ମୋହରେ ବଶବର୍ତ୍ତୀ ହୋଇ ସେହିଦିନୁ ଘୁରିବାରେ ଲାଗିଛି ।

ଏ କାହାଣୀ ଉପସ୍ଥାପନ କରିବାର ଉଦ୍ଦେଶ୍ୟ ହେଉଛି ଇନ୍ଦ୍ରିୟଭୋଗରେ ପ୍ରାଧାନ୍ୟତା ରଖିଥିବା ପାଶ୍ଚାତ୍ୟ ସଂସ୍କୃତିର ବାହ୍ୟ ସୌନ୍ଦର୍ଯ୍ୟରେ ବିମୋହିତ ଭାରତୀୟମାନେ ଆଜି ତାର କରାଳ ମାୟାକୁ ବୁଝି ନ ପାରି କପଟ ଫାଶରେ ବନ୍ଧିତ ହୋଇଯାଇଛନ୍ତି । ଅପସଂସ୍କୃତିର ଦୁରୁହ ପରମ୍ପରାର ବୋଝ ଆମ ମସ୍ତକରେ ଧରାଇ ଦେଇ ବିଦେଶୀମାନେ ଏ ଦେଶରୁ ବିଦାୟ ନେଇଛନ୍ତି । କିନ୍ତୁ ତାର କୁପରିଣାମ ଆମେ ଭୋଗ କରିଗ୍ଭଲିଛୁ । ପ୍ରତିବର୍ଷ ଜାନୁଆରୀ ପହିଲାକୁ ନୂଆବର୍ଷ ଭାବେ ଯେପରି ଧୁମଧାମରେ ପାଳନ କରାଯାଏ, ସେଥିରୁ ନିରୁପିତ ହୁଏ ଯେ ଆମେ କିପରି ପାଶ୍ଚାତ୍ୟ ସଂସ୍କୃତିର ଭକ୍ତ ହୋଇ ଯାଇଛୁ । ଏକଥା ଜାଣି ଆଶ୍ଚର୍ଯ୍ୟ ଲାଗେ ଯେ ଆମମାନଙ୍କ ମଧ୍ୟରେ ଅନେକ ଅଛନ୍ତି ଯେଉଁମାନେ ଓଡ଼ିଆ ନବବର୍ଷ ବିଷୟରେ ଅଜ୍ଞ ଅଟନ୍ତି ।

ଏହା ଓଡ଼ିଶାର ସ୍ୱାଭିମାନ ପ୍ରତି କୁଠାରଘାତ ଓ ଏହାର ଗୌରବମୟ ପରମ୍ପରା ପ୍ରତି ଅପମାନ । ଏହି ପରିପ୍ରେକ୍ଷୀରେ ଓଡ଼ିଶାର ସଂସ୍କୃତି ଓ ପରମ୍ପରା ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ଏକ ପରମ କର୍ତ୍ତବ୍ୟ ବୋଧ ହୁଏ ।

ଭାରତ ହେଉଛି ପୃଥିବୀର ପ୍ରାଚୀନତମ ଦେଶମାନଙ୍କ ମଧ୍ୟରେ ଅନ୍ୟତମ । ଏହାର ଦିବ୍ୟ ସଂସ୍କୃତି ଆବାହମାନ କାଳରୁ ବିଶ୍ୱବାସୀଙ୍କୁ ଆକୃଷ୍ଟ କରିଆସିଛି । ବହୁ ଧର୍ମ, ବହୁ ବର୍ଣ୍ଣ, ବହୁ ଭାଷାର ସମାଗମ ଏ ସଂସ୍କୃତି । ବିଭିନ୍ନତା ମଧ୍ୟରେ ଏକତା ଏ ସଂସ୍କୃତିର ବିଲକ୍ଷଣତା । ଏହି ସଂସ୍କୃତିର ଏକ ଦିବ୍ୟ ଓ ଗୌରବମଣ୍ଡିତ ଅଂଶ ହେଉଛି ଉତ୍କଳୀୟ ସଂସ୍କୃତି । ଏ ସଂସ୍କୃତିର ପର୍ବ ପର୍ବାଣୀ ଓ ପରମ୍ପରା ଆଧ୍ୟାତ୍ମିକ ଆଧାରିତ ଓ ବିଜ୍ଞାନ ସମ୍ମତମଧ୍ୟ । ଜୀବନକୁ ଆନନ୍ଦମୟ ଭାବେ ନିର୍ବାହ କରିବାର ଭିନ୍ନ ଭିନ୍ନ ପନ୍ଥା ଏଥିରେ ସନ୍ନିବିଷ୍ଟ । ଓଡ଼ିଶାର ସଂସ୍କୃତିରେ ମହାବିଷୁବ ସଂକ୍ରାନ୍ତି ହେଉଛି ଏକ ଅନନ୍ୟ ପର୍ବ ଯାହା ପଣା ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ଭାବେ ମଧ୍ୟ ସୁବିଦିତ । ସାରଳାଦାସଙ୍କ ଓଡ଼ିଆ ମହାଭାରତ ରଚନା ସମୟରୁ ହିଁ ମହାବିଷୁବ ସଂକ୍ରାନ୍ତି ଓଡ଼ିଆ ନୂତନ ବର୍ଷର ମାନ୍ୟତା ପାଇ ଆସିଛି । ସ୍ୱାଧୀନତା ପରେ ଓଡ଼ିଶାରେ ସାମନ୍ତବାଦୀ ବ୍ୟବସ୍ଥାର ବିଲୋପ ପରେ ମହାବିଷୁବ ସଂକ୍ରାନ୍ତିରେ ଓଡ଼ିଆ ନବବର୍ଷ ବ୍ୟାପକ ରୂପରେ ପାଳିତ ହୋଇଆସୁଛି । ଏହା ଆମ ଭାଷାଭିତ୍ତିକ ରାଜ୍ୟ ଗଠନର ସାଂସ୍କୃତିକ ପୁନର୍ଜାଗରଣ ପାଇଁ ଏକ ଗୌରବର କଥା ।

ସୌରମାନ ଗଣନା ଅନୁସାରେ ସୂର୍ଯ୍ୟ ଗୋଟିଏ ରାଶିରେ ଏକମାସ ଅବସ୍ଥାନ କରି ଅନ୍ୟ ରାଶିକୁ ଗମନ କରନ୍ତି । ସୂର୍ଯ୍ୟ ଗୋଟିଏ ରାଶି ତ୍ୟାଗ କରି ଯେଉଁଦିନ ଅନ୍ୟ ରାଶିକୁ ଗମନ କରନ୍ତି, ତାକୁ ମାସର ପ୍ରଥମ ଦିନ ବା ସଂକ୍ରାନ୍ତି କୁହାଯାଏ । ଏଇ ସୂତ୍ରରେ ବର୍ଷରେ ବାରଟି ସଂକ୍ରାନ୍ତି ଆସେ । ସେଥି ମଧ୍ୟରୁ ଚାରୋଟି ସଂକ୍ରାନ୍ତି ମୁଖ୍ୟ - ଦୁଇଟି ବିଷୁବ ସଂକ୍ରାନ୍ତି (ମହାବିଷୁବ ବା ପଣା ସଂକ୍ରାନ୍ତି ଏବଂ ଜଳବିଷୁବ ବା ତୁଳା ସଂକ୍ରାନ୍ତି ) ଏବଂ ଦୁଇଟି ଅୟନ ସଂକ୍ରାନ୍ତି

( ଉତ୍ତରାୟଣ ବା ମକର ସଂକ୍ରାନ୍ତି ଏବଂ ଦକ୍ଷିଣାୟନ ବା କର୍କଟ ସଂକ୍ରାନ୍ତି) । ଭାରତବର୍ଷର ଦକ୍ଷିଣ ସୀମାନ୍ତରେ ପରିକଳ୍ପିତ ବିଷୁବରେଖାକୁ ଦୀପ୍ତିମାନ ସୂର୍ଯ୍ୟ ବର୍ଷକରେ ଦୁଇଥର ଅତିକ୍ରମ କରନ୍ତି । ସୂର୍ଯ୍ୟଙ୍କର ମେଷ ଓ ତୁଳା ରାଶିରେ ପ୍ରବେଶ କାଳକୁ ଯଥାକ୍ରମେ ମହାବିଷୁବ ସଂକ୍ରାନ୍ତି ଓ ଜଳ ବିଷୁବ ସଂକ୍ରାନ୍ତି ଭାବେ ପାଳନ କରାଯାଇଥାଏ । ବିଷୁବ ସଂକ୍ରାନ୍ତି ଠାରୁ ସୌରମାସ ଆରମ୍ଭ । ବାର ରାଶିର ପ୍ରଥମ ରାଶି ମେଷ ରାଶିରୁ ଶୁଭାରମ୍ଭ । ଏଣୁ ଏହାକୁ ମେଷ ସଂକ୍ରାନ୍ତି ମଧ୍ୟ କୁହାଯାଏ । ଶାସ୍ତ୍ରୀୟ ମାନ୍ୟତାରେ ଓଡ଼ିଶା ହେଉଛନ୍ତି ସକଳ ଶକ୍ତିର ଆଧାର ସୂର୍ଯ୍ୟଦେବଙ୍କ ଜନ୍ମପୀଠ ।  ପଶୁପକ୍ଷୀ, ବୃକ୍ଷଲତା ସମସ୍ତ ଜୀବଜଗତ ସୂର୍ଯ୍ୟଙ୍କ ବିନା ବଞ୍ଚି ରହିବା ଅସମ୍ଭବ । ପ୍ରତ୍ୟେକ ଗ୍ରହ ଏବଂ ରାଶି ଉପରେ ସୂର୍ଯ୍ୟଙ୍କର ପ୍ରଭାବ ଏବଂ ସଂପର୍କ ରହିଛି । ହିନ୍ଦୁଧର୍ମରେ ସୂର୍ଯ୍ୟ ପୂଜାର ପ୍ରଚଳନ କେଉଁ ଆଦିମ କାଳରୁ ରହିଛି । ପଞ୍ଚଦେବତା ଉପାସନା ମଧ୍ୟରେ ସୂର୍ଯ୍ୟପୂଜା ଉପାସନା ବିଧି ରହିଛି..... "ଗଣେ ନାରାୟଣେ ରୁଦ୍ରେ ଅମ୍ବିକେ ଭାସ୍କରେ ତଥା । ଭିନ୍ନାଭିନଂ ନ କର୍ତ୍ତବ୍ୟଂ ପଞ୍ଚଦେବୋ ନମୋସ୍ତୁତେ ।" ଓଡ଼ିଆମାନଙ୍କର ବିଶ୍ୱାସ ସୂର୍ଯ୍ୟଦେବ ବିଷୁବ ମେଳାରେ ପ୍ରଥମ ସୂର୍ଯ୍ୟରଶ୍ମି ଉର୍ଜା ସ୍ୱରୂପରେ ଓଡ଼ିଶା ଭୂଖଣ୍ଡରେ ବିକିରଣ କରିଥାନ୍ତି । ସେହି ଶକ୍ତି ହିଁ ସମଗ୍ର ବର୍ଷର ସାଫଲ୍ୟ ପ୍ରଦାନ କରିଥାଏ । ବିଷୁବ ସଂକ୍ରାନ୍ତି ଦିନ ସୂର୍ଯ୍ୟଙ୍କର ଉତ୍ତରାୟଣ ଯୋଗୁ ଯେଉଁ ଉତ୍ତାପ ପୃଥିବୀବାସୀ ପାଇବେ, ତାହାକୁ ସ୍ୱାଗତ କରିବାର ଏକ ପର୍ବ ଏହିଠାରୁ ଆରମ୍ଭ ହୁଏ ।

ଗ୍ରୀଷ୍ମ ଋତୁରେ ସୂର୍ଯ୍ୟଙ୍କ ପ୍ରଭାବରେ ଶରୀରରେ ଅଗ୍ନିବଳ ନିର୍ଦ୍ଧାରିତ ଯୋଗୁ ଅଧିକ ଭୋକ ଲାଗେ ଏବଂ ଗୁରୁପାକ ଖାଦ୍ୟ ସହଜରେ ଜୀର୍ଣ୍ଣ ହୁଏ । ଏହି ଋତୁରେ ଅଧିକ ସୂର୍ଯ୍ୟତାପ ଯୋଗୁଁ ଜୀବଜଗତରେ ଶୁଷ୍କତା ଦେଖାଯାଏ, ଅଧିକ ଝାଳ ନିର୍ଗତ ହୁଏ, ଅଧିକ ଶୋଷ ଲାଗେ ଓ ଶୀତଳ ପରିବେଶରେ ରହିବାକୁ ଇଚ୍ଛା ହୁଏ । ଓଡ଼ିଆମାନେ ଏଇ ଦିନରେ ଆନୁଷ୍ଠାନିକ ଭାବରେ ନିଜର ବୈଭବଶାଳୀ ଅତୀତକୁ ସ୍ମରଣ କରି ଏକ ସୁମିଷ୍ଟ ପାନୀୟର ବ୍ୟବସ୍ଥା କରିଥାନ୍ତି । ଗ୍ରୀଷ୍ମ କାଳକୁ

ସୁହାଇଲା ଭଳି ନିଜ ଗୃହପାଖରେ ଥିବା ପ୍ରାକୃତିକ... ଯାହା କିଛି ଥଣ୍ଡା, ମନୋରମ ଓ ଆବହମାନ କାଳରୁ ପ୍ରାପ୍ତ ହେଉଛି ତାକୁ ଉପଯୋଗ କରି ପ୍ରସ୍ତୁତ କରିଥାନ୍ତି ପଣା । ମୁଖ୍ୟତଃ କଞ୍ଚା ଆମ୍ବ ପୋଡ଼ା, ପାଚିଲା ଆମ୍ବରସ, ପାଚିଲା ବେଲ ରସ, ଛେନା, କ୍ଷୀର, ଗବଡ଼ି, ନବାତ, ଗୁଡ଼, ଆଖୁରସ, ଦହି, ନଡ଼ିଆ, ଗୋଲମରିଚ, କୋରା, କିସମିସ, କାଜୁ ପକାଇ ଅଲଗା ଅଲଗା ପ୍ରକାରର ପଣା ପ୍ରସ୍ତୁତ ହୋଇଥାଏ । କେତେକ ସ୍ଥାନରେ ଭାଙ୍ଗ ମିଶାଇ ପଣା କରିଥାନ୍ତି । ସେଥିପାଇଁ ଏହି ଦିନର ଅନ୍ୟନାମ ହେଲା ପଣା ସଂକ୍ରାନ୍ତି । ପଣା ସଂକ୍ରାନ୍ତିର ନାମକରଣ ପଛରେ କୁହାଯାଏ ଯେ, ପୁରୀ ଶ୍ରୀମନ୍ଦିରରେ ଆନୁଷ୍ଠାନିକ ଭାବେ ଠାକୁରଙ୍କ ଲାଗି ଉକ୍ତ ଦିନ ପଣା ଭୋଗ ହୋଇଥାଏ । ପୁନଶ୍ଚ ଶ୍ରୀଜଗନ୍ନାଥଙ୍କ ପାଖରେ ଯେଉଁ ଭୋଗ ଲାଗେ, ସେହିଭଳି ଓଡ଼ିଶାର ସର୍ବତ୍ର ଅନ୍ୟ ଦେବଦେବୀଙ୍କ  ପାଖରେ ମଧ୍ୟ ଭୋଗ ଲାଗି ହୁଏ । ପ୍ରତ୍ୟେକ ଶକ୍ତି ପୀଠ ଓ ଶୈବ ପୀଠରେ ଏହି ଦିନ ପଣା ଭୋଗ ଲାଗି ହୋଇ ବଣ୍ଟନ ହୁଏ । ଏଇ ବିଷୁବ ସଂକ୍ରାନ୍ତିରୁ ବ୍ରାହ୍ମଣ ଓ ଯାଚକମାନଙ୍କୁ ବୁଟ ଛତୁଆ ଓ ପଣା ଦିଆଯାଏ ଏବଂ ଜଳପାନ କରାଯାଏ । ବ୍ରାହ୍ମଣମାନଙ୍କୁ ମଧ୍ୟ ପାଦୁକା ବା ଜୋତା ଏବଂ ଛତା ଦିଆଯାଇ ପୁଣ୍ୟ ଅର୍ଜନ କରାଯାଏ । ଏହି ସମୟରେ ଖାଦ୍ୟ ଅପେକ୍ଷା ପଣାପାଣିର ଆଦର ଅଧିକ ଏବଂ ଆବଶ୍ୟକତା ମଧ୍ୟ ଯଥେଷ୍ଟ । ପାଣିଦ୍ୱାରା ଶରୀରର ଜଳଶୁଷ୍କତା (ଡିହାଇଡ୍ରେସନ) ଦୂର ହୁଏ । ପଣା ଦ୍ୱାରା ଜଳଶୁଷ୍କତା ପୂରଣ ହେବା ସହିତ ଶରୀରକୁ ଶକ୍ତି ମିଳେ ।

ବିଷୁବ ସଂକ୍ରାନ୍ତିକୁ ଓଡ଼ିଆମାନେ ଏକ ତପସ୍ୟା ଭାବରେ ଗ୍ରହଣ କରିଥାନ୍ତି । ଦଣ୍ଡୁଆମାନେ  ଦଣ୍ଡଯାତ ଶିବ ପାର୍ବତୀଙ୍କୁ 21 ବା 13 ଦିନ ଆରାଧନା କରି ଅସହ୍ୟ କଷ୍ଟ ସହି ଏହି ବିଷୁବ ସଂକ୍ରାନ୍ତିରେ ଉଦଯାପନ କରିଥାନ୍ତି, ଯାହା ଏକ ସାଂସ୍କୃତିକ ନାଟ୍ୟରୂପ ନେଇ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଦେଖିବାକୁ ମିଳେ । ସାଧାରଣରେ ଏହାକୁ ଦଣ୍ଡନାଚ କୁହାଯାଏ । ସ୍ୱଇଚ୍ଛାରେ ନିଜ ଶରୀରକୁ କଷ୍ଟ ଦେଇ ନିଜ ଭବିଷ୍ୟତ ବଂଶଧରମାନଙ୍କୁ କିପରି ଶକ୍ତିଶାଳୀ ଓ

ବଳଶାଳୀ କରଯାଇପାରିବ, ଏହା ଥିଲା ଏଭଳି ନାଚର ଉଦ୍ଦେଶ୍ୟ । ଦଣ୍ଡନାଚ ଭାରତର ଏକ ବହୁ ପୁରାତନ ଲୋକନାଟ୍ୟ । ଆମର ଏ ମାଟି ମା, ଧରିତ୍ରୀ ମାତା ଏ ଦିବସଟିକୁ ଏକ ଅଗ୍ନି ତପସ୍ୟାର ସଂକଳ୍ପ ଗ୍ରହଣ କରିଥାଏ । ଉଦ୍ଦେଶ୍ୟ, ଏକ ପୁରୁଷାକାର ସୌରଶକ୍ତିର ଉପାସନା, ଯାହା ଜଗତର ଜୀବନଚକ୍ରକୁ ପୁନର୍ଜୀବିତ କରିବ । ଓଡ଼ିଶାର ଶାବରତନ୍ତ୍ରର ପରମ୍ପରାରେ ପଣା ସଂକ୍ରାନ୍ତି ପୂର୍ବରୁ ଦଣ୍ଡଯାତ୍ରା, ଝାମୁଯାତ୍ରା, ପିଠି ଫୋଡ଼ା ଯାତ୍ରା, ମେରୁ ଯାତ୍ରା ପ୍ରଭୃତି ଆରମ୍ଭ ହୋଇ ପଣା ସଂକ୍ରାନ୍ତିରେ ଉଦଯାପିତ ହୋଇଥାଏ । ମାନସିକ ରଖିଥିବା ଉପାସକଗଣ ବିଷୁବରେ ବ୍ରତ ଉଦଯାପନ କରିଥାନ୍ତି । ବ୍ୟକ୍ତିଗତ, ପାରିବାରିକ ଓ ସାମୁହିକ ମଙ୍ଗଳ କାମନାରେ ବ୍ରତଧାରୀଗଣ ପଣାସଂକ୍ରାନ୍ତିରେ ଠାକୁରାଣୀଙ୍କ ନିକଟରେ ବଳି ପ୍ରଦାନ କରିଥାନ୍ତି । ବିଷୁବ ସଂକ୍ରାନ୍ତି ଠାରୁ ପ୍ରତ୍ୟେକ ଓଡ଼ିଆ ତୁଳସୀ ଚଉରାରେ ଛାୟା ମଣ୍ଡପ ନିର୍ମାଣ କରି ଜଳଧାରା ଅର୍ପଣର ବ୍ୟବସ୍ଥା କରିଥାନ୍ତି । ଶିବ ମନ୍ଦିରରେ ଜଳାଭିଷେକ ବିଷୁବ ସଂକ୍ରାନ୍ତିର ବିଶେଷ ବିଧି । ବୈଦିକ ପୁରାଣ ସଂସ୍କୃତିରେ ଅନୁପ୍ରାଣିତ ହୋଇ ଅନେକ ବଦାନ୍ୟ ବ୍ୟକ୍ତି ବିଷୁବ ସଂକ୍ରାନ୍ତିରୁ ଅନ୍ନ, ଜଳ, ବସ୍ତ୍ର ଆଦି ଦାନ କରିଥାନ୍ତି । ଆଧ୍ୟାତ୍ମିକ, ଆଧିଦୈବିକ ଓ ଆଧିଭୌତିକ ତ୍ରିତାପ ନିବାରଣ ନିମିତ୍ତ ବିଷୁବରେ ଅନେକ ବ୍ୟକ୍ତି ଗ୍ରହପୂଜା କରିଥାନ୍ତି ।

ମହାବିଷୁବ ସଂକ୍ରାନ୍ତି ହେଉଛି ଭକ୍ତ ପ୍ରବର ଶ୍ରୀ ହନୁମାନଙ୍କର ଜନ୍ମଦିନ । ଏହି ଅବସରରେ ଶ୍ରୀ ହନୁମାନଙ୍କର ବିଶେଷ ପୂଜାର୍ଚ୍ଚନା, ମାର୍ଜଣା, ଚାଳିଶା ପାଠ ଓ ହୋମ ପ୍ରଭୃତି ଅନୁଷ୍ଠିତ ହୁଏ । ଅନେକ ଓଡ଼ିଆ ଏହିଦିନ 108 ଥର ହନୁମାନ ଚାଳିଶା ପାଠ କରିଥାନ୍ତି ଓ ଅନେକ ସ୍ଥାନରେ ରାମାୟଣ ପାଠ, ଶ୍ରୀରାମ ଚରିତ ମାନସ, ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ବିଷୁବ ସଂକ୍ରାନ୍ତିଠାରୁ ଆରମ୍ଭ ହୋଇଥାଏ । ଓଡ଼ିଶାର ଗ୍ରହବିପ୍ରମାନେ ବିଷୁବ ସଂକ୍ରାନ୍ତି ଠାରୁ ଗ୍ରହ ପୂଜା ଓ ଗ୍ରହ ଯଜ୍ଞ ଆରମ୍ଭ କରିଥାନ୍ତି । ସେମାନେ ବିଶ୍ୱର ମଙ୍ଗଳ କାମନାରେ ପୂଜାର୍ଚ୍ଚନା କରିବା ସହିତ ପଣାପର୍ବ ଓ ସମ୍ମିଳନୀ ମଧ୍ୟ କରିଥାନ୍ତି । ଅର୍କକ୍ଷେତ୍ର

କୋଣାର୍କରେ ସ୍ୱତନ୍ତ୍ର ପୂଜାର୍ଚ୍ଚିତ ନବଗ୍ରହଙ୍କ ଠାରେ ଅନୁଷ୍ଠିତ ହୋଇଥାଏ । ଓଡ଼ିଆ ସାହିତ୍ୟ ସହିତ ବିଷୁବ ସଂକ୍ରାନ୍ତି ଅଙ୍ଗାଙ୍ଗୀ ଭାବରେ ଜଡ଼ିତ । ବିଷୁବ ସଂକ୍ରାନ୍ତିରେ ବିଭିନ୍ନ ସ୍ଥାନରେ ବିଷୁବ ମିଳନ ଅନୁଷ୍ଠିତ ହୁଏ ।

ଗୋଟିଏ ଜାତିର ପ୍ରଥମ ପରିଚୟ ତାର ଭାଷା, ତା'ପରେ ତାର ସଂସ୍କୃତି ଏବଂ ଏହାକୁ ଭିତ୍ତି କରି ଗଢ଼ି ଉଠିଥିବା ତାର ସଭ୍ୟତା ତଥା ପରମ୍ପରା । ପ୍ରତ୍ୟେକ ଆଧୁନିକ ଜାତିର ଏକ କ୍ୟାଲେଣ୍ଡର ବା ପଞ୍ଜିକା ପ୍ରଚଳିତ ଥାଏ । ପଞ୍ଜିକାର ବର୍ଷ ଆରମ୍ଭର ପ୍ରଥମ ଦିବସକୁ ନୂଆବର୍ଷ ବା ବର୍ଷ ଆରମ୍ଭ ବୋଲି କୁହାଯାଏ, ଯାହାକୁ ନେଇ ସେହି ଜାତି ଗର୍ବ କରିବା ସହିତ ନିଜ ପରମ୍ପରା ଅନୁସାରେ ଉତ୍ସବ ପାଳନ କରିଥାଏ । ଓଡ଼ିଆଙ୍କ ଜୀବନଧାରାରେ ଆଧାତ୍ମିକ, ଦାର୍ଶନିକ ଓ ସାଂସ୍କୃତିକ ଦୃଷ୍ଟିକୋଣରୁ ମହାବିଷୁବ ସଂକ୍ରାନ୍ତି ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ । ପ୍ରାଚୀନ ଯୁଗରୁ ଓଡ଼ିଆମାନେ ବିଷୁବ ସଂକ୍ରାନ୍ତିକୁ ସଂସ୍କୃତି ବିମଣ୍ଡିତ, ସଂହତି ସୁଶୋଭିତ ଗଣ ମହୋତ୍ସବର ଭବ୍ୟରୂପ ପ୍ରଦାନ କରିଛନ୍ତି । କହିବାକୁ ଗଲେ ଏହା ଓଡ଼ିଶାର ଜାତୀୟ ପର୍ବ ।

*ବରିଷ୍ଠ ଅଡ଼ିଟ ଅଧିକାରୀ*
*କ୍ୱାର୍ଟର ନଂ – ଟାଇପ୍ ୩, ୨୦୧*
*ନୂଆ ଏ ଜି କଲୋନୀ, ନୟାପଲ୍ଲୀ*
*ଭୁବନେଶ୍ୱର – ୭୫୧୦୧୨, ଓଡ଼ିଶା*
*ମୋବାଇଲ୍ – ୯୯୩୭୧୨୫୮୪୨ / ୯୪୩୭୩୮୧୭୦୧*
*ଇମେଲ୍ – hsbarik1970@gmail.com*

# ମାଆ ତୁ ଉତ୍କଳ ଜନନୀ



ଡମ୍ବରୁଧର ପଟ୍ଟନାୟକ

ମାଆ ତୁ ଉତ୍କଳ ଜନନୀ...
ତୁ 'ଓଡିଆ'ର ପ୍ରୀତି କାମିନୀ । ।
ଉତ୍କଳ ଜାତି, ଉତ୍କଳ ଭାଷା
ଉତ୍କଳ ଦେଶ ମୋ ଉଜ୍ଜ୍ୱଳ,
ପ୍ରାଣରେ ପ୍ରାଣରେ ଉତ୍କଳୀୟତାର
ରକତ ବହୁଛି ଉଚ୍ଛଳ । ।
ଗର୍ବିତ ମୁହିଁ 'ଓଡିଆ' ବୋଲି ମାଁ
ତୁ ମୋର ଅଭୟ ଦାୟିନୀ...
ମାଆ ତୁ ଉତ୍କଳ ଜନନୀ । ।
ସଂସ୍କୃତି ମୋର ଅତି ଆପଣାର
ସନାତନୀ ଭାବ ବହେ,
ଐତିହ୍ୟ ମୋର ଚିର ଅମଳିନ
ଗୌରବ ଗାଥା ଗାଏ ,
ସ୍ୱର୍ଦ୍ଧିତ ମୋର ଇତିହାସ ସ୍ମରି
ମଣେ ମୁଁ ନିଜକୁ ଧନୀ...
ମାଆ ତୁ ଉତ୍କଳ ଜନନୀ । ।
ଲୋଡାନାହିଁ ମୋର ମିଛ ସନମାନ
ରାଜକୀୟ ପରିଭାଷା,
'ଓଡିଆ' କହିଲେ ଲେଖିଲେ ପଢ଼ିଲେ
ପୂରିଯାଏ ମୋର ଆଶା,
ମହାନ ମୋ ଭାଷା 'ଓଡିଆ' ବୋଲିତ
ହୃଦୟ ନେଉଛି କିଣି...
ମାଆ ତୁ ଉତ୍କଳ ଜନନୀ । ।
ବନ୍ଦନୀୟା ତୁ ଉତ୍କଳମାତା
ଧନ୍ୟ ମୁଁ ତୋର ସନ୍ତାନ,
ଉତ୍କଳୀୟଙ୍କର କୀର୍ତ୍ତି ସ୍ଥାପନେ ମୋ
ପୂରିଯାଏ ମନପ୍ରାଣ,
ଆଶିଷ ଦେଏ ମାଁ ତୋ ସେବାରେ ନିତ
ପାରେ ତୋ ମନକୁ ଜିଣି...
ମାଆ ତୁ ଉତ୍କଳ ଜନନୀ । ।

ବାଣିଜ୍ୟକର ବିଭାଗ, ରାୟଗଡ-୭୬୫୦୦୧

# ମାଆ ଓ ମାତୃଭାଷା



ଡମ୍ବରୁଧର ପଟ୍ଟନାୟକ

ମାଆ ନାମ ମଧୁର ଡାକୁ ଯଦ ମାତୃଭାଷାରେ,
ବାପା ବୋଲ ଡାକୁ ମାଆର କଥାକୁ ମାନରେ । ।
ମାଆ ଠାରୁ ସିନା ଶିଖୁ ଆମେ ମାତୃଭାଷାକୁ,
ମାତୃଭାଷା ବଳେ ପରଚୟ ଦେଉ ବଶ୍ୱକୁ । ।
ମାତୃଭାଷା ମୋର ଓଡିଆ ଆହା କ ବଢ଼ିଆ,
ଓଡିଶାରେ ଜନ୍ମ ଲଭଥିବାରୁ ମୁଁ ଓଡିଆ । ।
କହେ, ପଢେ, ଲେଖେ ଓଡିଆ ବୋଲ ମୁଁ ଗର୍ବିତ,
ଶୁଣି ଶୁଣାଏ ମୁଁ ଓଡିଆ ଗୀତା, ଭାଗବତ । ।

ମୋ ଜାତର ଗର୍ବ ଗଉରବ କଥା ବଖାଣି,
ଆବେଗରେ ଦ୍ରବ ମୋ ଚକ୍ଷୁ ଝରଯାଏ ପାଣି । ।
ମନ-ହୃଦୟକୁ ଛୁଏଁ ଓଡିଆର ଗାନଟେ,
ମାତୃଭାଷା ବନା ନାହିଁ ଆଉ ଭାଷା ଆନଟେ । ।
ପ୍ରିୟଭାଷା ମୋର ଜୀବନରେ ଦଏ ପ୍ରେରଣା,
ବୁଝି ବୁଝାଇବା ପାଇଁ ସିଏ ମୁଖ୍ୟ ଧାରଣା । ।
ସେଇ ମାତୃଭାଷା ଓଡିଆରେ କବ ବୋଲାଇ
ପ୍ରେରଣା ପ୍ରଶଂସା ସବୁ ମୁଁ ପାଉଛ ଗୋଟାଇ । ।

ଓଡିଆରେ ଲେଖାଲେଖି କରଛ ମୁଁ ଅନେକ,
ଦେଶସାରା ମୋର ଅଛନ୍ତ ଅନେକ ପାଠକ । ।
ସେମାନଙ୍କ ମତାମତରେ ପାଉଛ ପୁଲକ,
‘ବନ୍ଦେ ଉତ୍କଳ ଜନନୀ’ ଗାଏ ମୁଁ କାଳକ । ।
ମାତୃଭାଷା ପରା ସବୁଠାରୁ ଶ୍ରେଷ୍ଠ ଅଟଇ,
ବ୍ୟକ୍ତ କରବାକୁ ନଜକୁ ତା'ଠୁ ଅନ୍ୟ ନାହିଁ । ।
ସହଜ-ସୁନ୍ଦର-ଲଳତ-ମଧୁର ମୋ ଭାଷା,
ଜ୍ଞାନ-ଗରମାରେ, କାବ୍ୟ ସୁଷମାରେ ସରସା । ।

ମାଆ-ମାତୃଭୂମି-ମାତୃଭାଷା ମୋର ପରାଣ,
ସ୍ୱର୍ଗସୁଖଦାୟୀ, ଶାନ୍ତ ପ୍ରଦାୟିକା ନଧାନ । ।
ଭାଷା-ଜନନୀ ଲୋ ! ପାଦତଳେ ତୋର ପ୍ରଣତ,
ଆଶିଷ ଦଅ ମାଆ ! ବଢୁ ମୋ ହୃଦେ ଭାଷାପ୍ରୀତ ।
।

-0-

(ବଶ୍ୱ ମାତୃଭାଷା ଦବସ:୨୧-୨-୧୩ ଉପଲକ୍ଷେ)

ବାଣିଜ୍ୟକର ବଭାଗ, ରାୟଗଡ-୭୬୫୦୦୧

# ଓଡ଼ିଆର ଶତ୍ରୁ



ଡମ୍ବରୁଧର ପଟ୍ଟନାୟକ

ଯିଏ ଓଡ଼ିଆ ହୋଇ ବି 'ଓଡ଼ିଆ' କହେନା
କଥା ହୁଏ ଅନ୍ୟ ଭାଷାରେ,
ପଢେନା ଓଡ଼ିଆ ଖବରକାଗଜ, ବହି କି ପତର
ଦେନେହେଲେ ଖୁସି ମନରେ ।
ଯିଏ ମାନେନା ଓଡ଼ିଆ ରୀତିନୀତି ଆଉ
ସଂସ୍କୃତିକୁ ଭଲ ଭାବରେ,
ସିଏ ଓଡ଼ିଆ ହେଲେ ବି 'ଓଡ଼ିଆ'ର ଶତ୍ରୁ
କହିବାକୁ ଦ୍ୱିଧା ନାହିଁରେ । ।

ଯିଏ ଜାଣେନା 'ଓଡ଼ିଆ' ଜାତି ଗଉରବ
ଇତିହାସ ଆଉ ଭୂଗୋଳ,
ଉତ୍କୃଷ୍ଟ କଳା, ଶିଳ୍ପ, ସାହିତ୍ୟ
ଓଡ଼ିଆର ଯୁଦ୍ଧ କୌଶଳ ।
ଯିଏ ବୁଝେନା ଓଡ଼ିଆ ମାଟିର ମମତା
ବୁଝେନା ଭାଇର ବିକଳ,
ସିଏ ଓଡ଼ିଆ ହେଲେ ବି 'ଓଡ଼ିଆ'ର ଶତ୍ରୁ
ନୁହେଁ କି ହେ ବନ୍ଧୁ କହିଲ ?

ଯିଏ 'ଓଡ଼ିଆ' ପାଇଁ କି ପ୍ରୋତ୍ସାହନ ଦେଇ
କରେନାହିଁ ସେବା ଜାତିର,
ଜାତି ଭାଇଟିର କରତିକୁ ଦେଖି
ଝୁମେନାହିଁ ଯାର ଅନ୍ତର ।
ଯିଏ ଭାଷାର ଶ୍ରେଷ୍ଠତା ଦେଖିଶୁଣି ମଧ
ଖୁସିରେ ନହୁଏ ବିଭୋର,
ସିଏ ଓଡ଼ିଆ ହେଲେ ବି 'ଓଡ଼ିଆ'ର ଶତ୍ରୁ
କର ସର୍ବେ ତାକୁ ଧିକ୍କାର । ।

ଯିଏ ଓଡ଼ିଆ-ଓଡ଼ିଶା-ଓଡ଼ିଶୀକୁ ନେଇ
ଖୋଲିଥାଏ ନିଜ ବେପାର,
ହେଲେ ଅସଲ ବେଳରେ ସେଇ 'ଓଡ଼ିଆ'କୁ
କରୁଥାଏ ନିନ୍ଦା ଅପାର ।
ନିଜ ଅସ୍ମିତାକୁ ନଜାଣି ନଶୁଣି
କରୁଥାଏ ଯେ ଅସ୍ୱୀକାର
ସିଏ ଓଡ଼ିଆ ହେଲେ ବି 'ଓଡ଼ିଆ'ର ଶତ୍ରୁ
ମୁକ୍ତକଣ୍ଠେ କର ପ୍ରଚ୍ଚର । ।
ନିଜ ଜାତି-ଭାଷା-ଭୂମିରେ ଭରସା
ରଖେନାହିଁ ଯେଉଁ ମୁରୁଖ,
ଉତ୍କଳ ଜନନୀ ଟେକ ରଖିବାରେ
ହେଉଥାଏ ଯିଏ ବିମୁଖ,
ଓଡ଼ିଶାରେ ଜନମିଛି ବୋଲି ଯିଏ
ପ୍ରକାଶୁଥାଏ ନିଜ ଦୁଃଖ,
ସିଏ ଓଡ଼ିଆ ହେଲେ ବି 'ଓଡ଼ିଆ'ର ଶତ୍ରୁ
କହିବ ସଭିଙ୍କ ବିବେକ । ।

‘ଜଗନ୍ନାଥ ଦେଶ’ ନାମେ ଖ୍ୟାତ ଯିଏ
ଚରାଚର ବିଶ୍ୱ ଭୁବନେ,
ସେଇ ଉତ୍କଳର ସନ୍ତାନ ବୋଲି ମୁଁ
ଗର୍ବିତ ଜାଗ୍ରତେ ସପନେ ।
ମୋ ପରିଚୟକୁ କ୍ଷୁର୍ଣ୍ଣ କରେ ଯିଏ
ଷଡଯନ୍ତ୍ର କରି ଗୋପନେ,
ସିଏ ଓଡ଼ିଆ ହୋଇ ବି ‘ଓଡ଼ିଆ’ର ଶତ୍ରୁ
ଚିହ୍ନିରଖ ତାକୁ ସଜ୍ଜନେ । ।

ଓଡ଼ିଆ ଭଜନ-ଆଧୁନିକ ଗୀତେ
ପ୍ରସାରେ ଯେ ନିଜ ବିକୃତ,
ସାହିତ୍ୟ ନାମରେ ଅସାହିତ୍ୟ ଆଉ ଅଶ୍ଳୀଳତାର
କରୁଥାଏ ଯିଏ ପ୍ରଶସ୍ତି ।
ଧନ-ସାଧନର ଦୁରୁପଯୋଗରେ
କରେ ଯେ ଓଡ଼ିଆର କ୍ଷତି,
ସିଏ ଓଡ଼ିଆ ହେଲେ ବି ‘ଓଡ଼ିଆ’ର ଶତ୍ରୁ
ଏମାନେ ଅତି ମନ୍ଦମତି । ।

-0-

ବାଣିଜ୍ୟକର ବିଭାଗ, ରାୟଗଡ଼-୭୬୫୦୦୧/
ଭ୍ରାମ୍ୟଭାଷ-୯୪୩୮୬୧୦୮୧୧

# ସୁସ୍ୱାଗତ ନବବର୍ଷ



ଶ୍ରୀ ପ୍ରବୋଧ ଚନ୍ଦ୍ର ମୁଦ୍ରା

କ୍ରମେ ଶୀତ ଅନ୍ତେ ପ୍ରବେଶ ହୁଅଇ
ମଧୁମୟ ଋତୁରଜ ।
ନବ ପଲ୍ଲବରେ ପଲ୍ଲବତ ତରୁ
କୁସୁମେ ହୋଇ ସୁସଜ୍ଜ ।୧ ।
ପ୍ରକୃତରଣୀକୁ ମଳୟ ସମୀର
କରୁଥାଏ ସୁବ୍ୟଜନ ।
ଶାନ୍ତ -ସୁଶୀତଳ ସୁଷମା ସମ୍ଭାରେ
ଧର୍‌ ଦଶେ ଶୋଭବନ ।୨ ।
ଧରଣୀ ମାତାର ସେବାରେ ତତ୍ପର
ସର୍ବେ ହୋଇ ଏକାକାର ।
ବାରଭାଇ ସହ ଷଡ ଭଗିନୀଙ୍କ
ଅଭନୟ ସୁମଧୁର ।୩ ।

ପ୍ରକୃତ ଆଦେଶେ ବସନ୍ତ ସେବଇ
ଧରତ୍ରୀକୁ ନରନ୍ତର ।
ସର୍ବ ଆଭୁଷଣେ କର ବଭୂଷଣ
କରଥାଏ ମନୋହର ।୪ ।
ଫାଲଗୁଣ - ଚୈତ୍ର ଏହ ଦୁଇ ମାସେ
ହୁଏ ବସନ୍ତ ପ୍ରକାଶ ।
ନାତଶୀତୋଷ୍ଣରେ ଏ ଧର୍‌ଧାମକୁ
କରଇ ଅତ ସରସ ।୫ ।
ଚମ୍ପକ -ପଲ୍‌ଶ ମଲ୍ଲୀ ମଞ୍ଜରୀର
ଶୋଭ୍‌ ଅତ କମନୀୟ ।
ଚୂତ ବକୁଳର ମାଦକ ସୁବାସେ
ମନ ହୁଅଇ ଅଥୟ ।୬ ।
କୁହୁ -କୁହୁ ସ୍ୱନ କୋକଳ କୂଜନ
ଶୁଭଇ ତରୁ ଶାଖାରେ ।
ସଙ୍ଗୀତ ଝଙ୍କାର ନନାଦତ ହୁଏ
ଏହ ପ୍ରକୃତ ବକ୍ଷରେ ।
କଦମ୍ବ ବନର ପୁଷ୍ପିତ କୁଞ୍ଜରେ

ରାଧା କୃଷ୍ଣଙ୍କର ରାସ ।
ଏହି ରାସ ନୃତ୍ୟ ପ୍ରତିଟି ପ୍ରାଣକୁ
ଦେଇଥାଏ ସୁ ହରଷ ।୮ ।
ଅବିର ରଙ୍ଗରେ ରଞ୍ଜିତ ହୁଅନ୍ତି
ନବୀନ ଯୁବକ -ଯୁବା ।
'ମାର'ଙ୍କର ପଞ୍ଚ- ଶର ବିଦ୍ଧ ଭଳି
ହୋଇଥାନ୍ତି କାମ ଲୋଭି ।୯ ।
ବର୍ଣ୍ଣୋତ୍ସବ ମୟ ଫଗୁରଙ୍ଗୋଲିରେ
ଖେଳୁଥାନ୍ତି ସର୍ବେ ହୋଲି ।
ସ୍ନେହ ଓ ଶ୍ରଦ୍ଧାର ଭାଇଗ୍ରୀର ନେଇ
ଜାତି -ଧର୍ମ ଭେଦ ଭୁଲି ।୧୦ ।
ଫାଲଗୁଣ ଅନ୍ତେ ଚଇତ ମାସର
ହୁଏ ଶୁଭ ଆଗମନ ।
ସ୍ୱାଗତ ମୁଦ୍ରାରେ 'ହିନ୍ଦୁ ନବବର୍ଷ'
ହୋଇଥାଏ ଆବାହନ ।୧୧ ।
'ହିନ୍ଦୁ ନବବର୍ଷ' ସ୍ୱାଗତ ତୁମକୁ
ମନେ ଭରି ଉନ୍ମାଦନା ।
ପୁଲକିତ ପ୍ରାଣେ ହର୍ଷ -ଉଲ୍ଲାସରେ
କରୁଛୁ ଶୁଭ କାମନା ।୧୨ ।
ବର୍ଷର ପ୍ରାରମ୍ଭ ଦିବସ ଅଟଇ
ମହାବିଷୁବ ସଙ୍କ୍ରାନ୍ତି ।
ମହାବୀରଙ୍କର ପବିତ୍ର ଜୟନ୍ତୀ
ଶୁଭଲଗ୍ନ ଶ୍ରେଷ୍ଠ ତିଥି ।୧୩ ।
ପଣା ସଙ୍କରାନ୍ତି ନାମରେ ପ୍ରସିଦ୍ଧ
ପଡ଼େ ହିନ୍ଦୁ ନବ ବର୍ଷ ।
ନବ ପ୍ରଭାତର ଆଶାର ଆଲୋକେ
ପ୍ରକାଶି ଆତ୍ମ ବିଶ୍ୱାସ ।୧୪ ।
ଆବାଳ ବୃଦ୍ଧଠୁ ବନିତା ପରିଏ
ହର୍ଷେ ପାଳନ୍ତି ଏ ଦିନ ।
ଦିବ୍ୟ ପ୍ରପାନକ କରିଣ ପ୍ରସ୍ତୁତ
କରି ନୈବେଦ୍ୟ ଅର୍ପଣ ।୧୫ ।
ନିମ୍ବର କଳିକା ପ୍ରପାନକ ସହ
ଶ୍ରଦ୍ଧାରେ କରନ୍ତି ପାନ ।
ବିଜ୍ଞାନ ସମ୍ମତ ସ୍ୱାସ୍ଥ୍ୟ ପାଇଁ ହିତ
ଏ କଥାକୁ ଦେଇ ଧ୍ୟାନ ।୧୬ ।
ପିତା-ମାତା-ଗୁରୁ ଜ୍ଞାନ୍ତି ପରିଜନେ
ସର୍ବେ କରି ଶ୍ରଦ୍ଧା-ଭକ୍ତି ।
ନୂତନ ବର୍ଷର ନବୀନ ଶୁଭେଚ୍ଛା
ବିତରନ୍ତି ଯଥାଶକ୍ତି ।୧୭ ।
ଦୀନ-ଦୁଃଖୀ -ବିପ୍ରେ କରି ଦାନ-ପୁଣ୍ୟ

ଦଅନ୍ତି ଭୂରି ଭୋଜନ ।
ନବ ପରିଚ୍ଛଦ କରିଣ ଧାରଣ
କରନ୍ତି ବଞ୍ଚଣା ଦାନ ।୧୮ ।
ପବିତ୍ର ତଥିରେ ନବ ଅନୁଚିନ୍ତା
ମନରେ ଚିନ୍ତନ୍ତି ସର୍ବେ ।
ଭ୍ରାତୃ -ଭଗିନୀର ସ୍ନେହର ରଜ୍ଜୁରେ
ଆବଦ୍ଧ ହୁଅନ୍ତି ଭାବେ ।୧୯ ।
ପ୍ରାଚ୍ୟ ସଂସ୍କୃତିଠୁ ପାଶ୍ଚାତ୍ୟ ସଂସ୍କୃତି
କଦାପି ନୁହେଁ ସମାନ ।
ନୀତି ଓ ଆଦର୍ଶେ ଜ୍ଞାନର ଗୌରବେ
ଆମ ସଂସ୍କୃତି ମହାନ ।୨୦ ।
ସମୟ ସ୍ରୋତରେ ଆମେତ ହୋଇଲୁ
ପାଶ୍ଚାତ୍ୟର ଅନୁଗାମୀ ।
ସ୍ୱଧର୍ମକୁ ଭୁଲି ପାଳି ପରଧର୍ମ
ହୋଇଛୁ ବିପଥଗାମୀ ।୨୧ ।
ନାହିଁ ସୁଖ -ଶାନ୍ତି ସ୍ନେହ-ଶ୍ରଦ୍ଧା-ଭକ୍ତି
ସବୁତ ହୋଇଛି ଶୂନ୍ୟ ।
ପାର୍ଥିବ ଭୋଗର କ୍ଷଣିକ ସୁଖରେ
ଭୋଗୁଛୁ ଦୁଃଖ ଦାରୁଣ ।୨୨ ।
ଅତୀତର ସ୍ମୃତି ଐତିହ ସଂସ୍କୃତି
ହୋଇଅଛି ସବୁ ଇତି ।
ବିଦେଶୀ ନୀତିକୁ ଆପଣେଇ ଆମ୍ଭେ
ସ୍ୱଧର୍ମର କରୁ କ୍ଷତି ।୨୩ ।
ମାନସ ପଟରୁ ହିନ୍ଦୁ ନବ ବର୍ଷ
ଯାଇଛୁ ସବୁ ବିସ୍ମରି ।
ଇଂରଜି ନୂତନ ବର୍ଷକୁ ସରବେ
ପାଳୁ ଆପଣାର କରି ।୨୪ ।
ତଥାପି ଆମର ସ୍ୱଦେଶ ସଂସ୍କୃତି
ରହିଥିବ ଚିର ଅମ୍ଳାନ ।
ଯାବତ ଚନ୍ଦ୍ରାର୍କ ଅକ୍ଷୂର୍ଣ୍ଣ ରହିବ
ବିଶ୍ୱେ ଲଭିବ ସମ୍ମାନ ।୨୫।
ଦିବ୍ୟ ଚେତନାରେ ଜ୍ଞାପି ସମ୍ବର୍ଦ୍ଧନା
କରୁଛୁ ଭବ୍ୟ ସ୍ୱାଗତ ।
ହେ ନବ ବରଷ ! ବିତର ଆଶିଷ
ଖଣ୍ଡନ କର ଅରିଷ୍ଟ ।୨୬ ।

ଦୂରଭାଷ-୭୮୯୪୯୧୬୧୩୧
ଇମେଲ୍ - prabodhamudra@gmail.com

# ସ୍ୱତନ୍ତ୍ର ଉତ୍କଳର ସ୍ମୃତଗାଥା



ଶ୍ରୀ ପ୍ରବୋଧ ଚନ୍ଦ୍ର ମୁଦ୍ରା

( ମିଶୁ ମୋର ଦେହ ଏ ଦେଶ ମାଟିରେ । )
ଏ ଦେଶ ଭାରତ ଦୁଇ ଶହ ବର୍ଷ,
ଇଂରେଜ ଶାସନେ ହୋଇଥିଲା ବଶ ।
ବଦେଶୀଙ୍କ ଅତ୍ୟାଗ୍ଚରେ ଦେଶବାସୀ,
ଦୁର୍ଦ୍ଦିନରେ କାଳ କାଟୁଥିଲେ ବସି ।
ନଷ୍ଠୁର ଶାସନେ ହୋଇ ନଷ୍ପେସିତ,
ଦୁଃଖ ଯନ୍ତ୍ରଣାରେ ପାଉଥିଲେ କଷ୍ଟ ।
ସମଗ୍ର ଦେଶର କୋଣ ଅନୁକୋଣ,
କରୁଥିଲେ ସ୍ୱେଚ୍ଛାଗ୍ଚରୀର ଶାସନ ।
ପରାଧୀନ ଶୃଙ୍ଖଳରେ ହୋଇ ଛନ୍ଦି,
ଭାଗ୍ୟକୁ ଆଦର ହେଉଥିଲେ ବନ୍ଦୀ ।
ବଦେଶୀ ଶାସନେ ହୋଇଲା ଅତଷ୍ଟ,
ନେତୃବୃନ୍ଦ ସର୍ବେ ହେଲେ ଏକତ୍ରତ ।
ଦେଶବାସୀଙ୍କର ଦେଖି ଦୁଃଖ କଷ୍ଟ ,
ସ୍ୱରାଜ୍ୟ ପାଇଁ କ ହେଲେ ସତ୍ୟନଷ୍ଠ ।
ସ୍ୱାଧୀନ ନମନ୍ତେ କଲେ ସତ୍ୟାଗ୍ରହ,
ସ୍ୱାଧୀନ ହୋଇଲା ଏ ଦେଶ ସମୂହ ।
ମୋ ଉତ୍କଳ ମାତା ସୁଷମାର ରାଣୀ,
ସନ୍ତାନବତ୍ସଳା ଆଶିଷଦାୟିନ୍ନୀ ।
କଳା, ସଂସ୍କୃତ ଓ ଜ୍ଞାନର ଆକର ,
ତା'ର ଖ୍ୟାତଥିଲା ଭୁବନେ ଅପାର ।
ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ,
ଏ ରାଜ୍ୟ ଉତ୍କଳ ଥିଲା ସୁବସ୍ତୃତ ।
ଇଂରେଜଙ୍କ ଶ୍ୟେନ ଦୃଷ୍ଟିରୁ ମୁକତ,
ନହୋଇ ଉତ୍କଳ ଲଭିଲା ଦୁର୍ଗତ ।
ସର୍ବସମ୍ପଦରେ ଥିଲା ପରପୂର୍ଣ୍ଣ,
ସର୍ବସ୍ୱ ଲୁଟିଣ କରିଲେ ଶ୍ରୀହୀନ ।
ଇଂରେଜଙ୍କ ଅନ୍ତେ ବଙ୍ଗ ଓ ବହାର,
ଆନ୍ଧ୍ରା ଦ୍ୱାରା ରାଜ୍ୟ ହୋଇଲା ଅସ୍ଥିର ।
ଭାଷା ଓ ଜାତକୁ କଲେ ବ୍ୟତବ୍ୟସ୍ତ,
ଉତ୍କଳଜନନୀ ହେଲା ସନ୍ତାପିତ ।
ବଙ୍ଗୀୟଙ୍କ ଷଡଯନ୍ତ୍ରର ଶିକାର,
ଉତ୍କଳ ହୋଇଲା ଦୁଃଖରେ କାତର ।
ଉତ୍କଳର ନାହିଁ ନଜ ମାତୃଭାଷା,
'ଓଡ଼ିଆ' ବଙ୍ଗର ରୂପାନ୍ତର ଭାଷା ।
ତତ୍କାଳର ଉତ୍କଳର ନେତୃବୃନ୍ଦ,
ସ୍ୱତନ୍ତ୍ର ଉତ୍କଳ ପାଇଁ କ ଚନ୍ତିତ ।
ଜାତ ଓ ଭାଷାର ସୁରକ୍ଷା ନମିତ୍ତ,
ନେତୃବୃନ୍ଦ ସର୍ବେ କରିଲେ ଶପଥ ।
ସ୍ୱତନ୍ତ୍ର ଉତ୍କଳ ଗଠନ ସକାଶେ,
ମଧୁସୂଦନଙ୍କ ଅଦମ୍ୟ ସାହସେ ।
ଗଢ଼ିଲେ ଉତ୍କଳ ଐକ୍ୟ ସଙ୍ଗଠନ,
ଉତ୍କଳ ରାଜ୍ୟର ରଖିବାକୁ ମାନ ।

ଫକୀରମୋହନ, କବି ଗଙ୍ଗାଧର,
ଉତ୍କଳମଣି ଓ ନାଥ କବିବର ।
ପାରଳାର ରଜା କୃଷ୍ଣ ଗଜପତି,
ବାମଣ୍ଡାରଜନ ବାସୁଦେବ ଆଦି ।
ନୀଳକଣ୍ଠ ଦାସ ଓ ଭୁବନାନନ୍ଦ,
ସମବେତ ହେଲେ ମହାରଥୀ ବୃନ୍ଦ ।
ଏହି ମହାତ୍ମାଙ୍କ ଦୃଢ଼ ପ୍ରତିବାଦ,
ଗୋରା ଇଁରେଜଙ୍କୁ କରିଥିଲା ସ୍ତବ୍ଧ ।
ମାଡ୍ରାସ ପ୍ରେସିଡ଼େନ୍‌ସୀରେ ଅନଶନ,
ବଜ୍ର ନିର୍ଘୋଷରେ କରିଲେ ଗର୍ଜନ ।
ଟଳମଳ ହେଲା ଇଂରେଜ ଆସନ,
ଆତଙ୍କିତ ହେଲେ ବଡ଼ଲାଟ ଗଣ ।
ଊନବିଂଶ ଶତ ଛତିଶବର୍ଷରେ,
ଅପ୍ରେଲ୍ ମାସର ଏକ ତାରିଖରେ ।
ଉତ୍କଳ ହୋଇଲା ସ୍ୱତନ୍ତ୍ର ପ୍ରଦେଶ,
ଓଡ଼ିଆ ଭାଷାର ବଢ଼ିଲା ସୁଯଶ ।
ସ୍ୱାବଲମ୍ବୀ ହେଲା ଆତ୍ମବିଶ୍ୱାସରେ,
ଆତ୍ମପରିଚୟ ଦେଲା ଏ ରାଷ୍ଟ୍ରରେ ।
ଶତ୍ରୁଙ୍କ ମୁଖରେ ଲେପି ଚୂନ -କାଳି,
ବନାଇଲା ବୋକା ହୋଇ ସିଂହଭଳି ।
ସଂଗ୍ରାମ ବଳରେ ଜନନୀର ମୁକ୍ତି ,
ସଭିଏଁ ଲଭିଲେ ଅସୀମ ଶାନ୍ତି ।
ଅଷ୍ଟଦଶଶତାବ୍ଦିର ଦୀର୍ଘ ବ୍ୟବଧାନ,
ତଥାପି ଉତ୍କଳ ଆଜି ବି ଶ୍ରୀହୀନ ।
ଅବସାନ ହେଲା ବ୍ରିଟିଶ ଶାସନ,
ଦେଶ ତ୍ୟଜି ଶତ୍ରୁ କଲେ ପଳାୟନ ।
ସର୍ବ ବିଭବରେ ହୋଇ ଭରପୂର,
ଉତ୍କଳ ବୋଲାଏ ଦରିଦ୍ର ମାତର ।
ଅଣଓଡ଼ିଆଙ୍କ ଏଠି ପ୍ରାଦୁର୍ଭାବ,

ଓଡ଼ିଆ ନ ଜାଣି ବୋଲାନ୍ତି ନବାବ ।
ଖଣିସମ୍ପଦକୁ ଶାଗ,ମାଛ ଦରେ,
ନେତା - ଅଫିସର ଲୁଟିଲେ ତତ୍ପର ।
ଇଂରାଜୀଭାଷାର ହୁଏ ପ୍ରଚଳନ,
ଓଡ଼ିଆ ଭାଷାର ନାହିଁ ତ ସମ୍ମାନ ।
ବିଧାନସଭା ଓ ସର୍କାରୀଦପ୍ତରେ,
ସର୍ବତ୍ର ଇଂରାଜୀର ରାଜ ଚାଲେ ।
ଆପଣା ଭାଷା ଓ ସଂସ୍କୃତିକୁ ଛାଡ଼ି,
ପାଶ୍ଚାତ୍ୟ ଧର୍ମକୁ ଧରିଲେ ଜାବୁଡ଼ି ।
ହେ ଉତ୍କଳ !ତବ ଏହି କି ଦୁର୍ଦ୍ଦଶା,
ସର୍ବତ୍ର କାହିଁକି ହୁଅ ଲୋକହସା ।
ତୁମ ଦୁର୍ଭାଗ୍ୟର କେବେ ଅବସାନ,
ଅତୀତ ସୁନାମେ ପାଇବ ସମ୍ମାନ ।
ମଧୁବାବୁଙ୍କର ସ୍ୱପ୍ନର ଉତ୍କଳ,
ସ୍ମୃତି ପାଲଟିଛି ହୋଇ ଚୁରମାର ।
ଦୁର୍ନୀତି ଓ ଭ୍ରଷ୍ଟାଚାରୀଙ୍କ ଶାସନ,
ପାଉଅଛି ବହୁ ନିନ୍ଦା ଅପମାନ ।
ଅମଲାତନ୍ତ୍ରୀ ଓ ନେତା -ଟାଉଟର,
ଉତ୍କଳକୁ କରୁଛନ୍ତି ଛାରଖାର ।
ପୂରୁବ ଗୌରବ ଅତୀତର ଶିରୀ,
ଏ ସବୁକୁ ଆମେ ଯାଇଛୁ ପାସୋରି ।
ଉତ୍କଳର ନାଥ ପ୍ରଭୁ ଜଗନ୍ନାଥ,
କରୁଅଛୁ ସର୍ବେ ଭକ୍ତି ପ୍ରଣିପାତ ।
ଏ ରାଜ୍ୟର ଦୁଷ୍ଟ କରଣ ଖଣ୍ଡନ,
ଚିରସ୍ଥାୟୀ କର ହେ ଉତ୍କଳସମ୍ମାନ ।

# ଅସୁରକ୍ଷିତ ଗଣତନ୍ତ୍ର



ଶ୍ରୀ ହିମାଂଶୁ ଶେଖର ବାରିକ୍

ପରାଧୀନ ଶୃଙ୍ଖଳରୁ ହୋଇଲୁ ମୁକତ
ଗଣତନ୍ତ୍ର ରାଷ୍ଟ୍ର ଆମେ କଲୁ ପ୍ରତିଷ୍ଠିତ;
ସପନ ଥିଲା ଗଠନ ସମୃଦ୍ଧ ଭାରତ
ଦାରିଦ୍ର୍ୟବିହୀନ ରାଷ୍ଟ୍ର ହେବ ସୁସଂହତ ।।
ଛୋଟ ଛୋଟ ରାଜ୍ୟମାନ ହୋଇଲା ଗଠନ
ପ୍ରଦେଶେ କରି କ୍ଷମତା ବିକେନ୍ଦ୍ରିକରଣ;
ଛଅରୁ ଅଧିକ ଦଶନ୍ଧି ହୋଇଲା ବ୍ୟତୀତ
ସପନ ରହିଲା ଆମ ସପନେ ସୀମିତ ।।
ଚାଲିଛି ରାଜ୍ୟେ ଛଦ୍ମ ଏକଛତ୍ର ଶାସନ
କପଟ ଯୋଜନାମାନ କରି ପ୍ରଣୟନ;
ଲୋକ ହିତକର କହି ହରେ ଜନମନ
ମୂଲ୍ୟହୀନ ହୁଏ ଉତ୍କଳର ସ୍ୱାଭିମାନ ।।
କଳେବଳେ କଉଶଳେ ଶାସନର କଳ
ସୁରକ୍ଷିତ ରଖିବାରେ ଅତୀବ କୁଶଳ;
ଲୋକଙ୍କ ଉନ୍ନତି କିମ୍ବା ରାଜ୍ୟର ପ୍ରଗତି
ଦୃଷ୍ଟିପାତ ନ କରଇ ଟିଳେ ଏହା ପ୍ରତି ।।
କବଜା କରି ପ୍ରଶାସନ ତନ୍ତ୍ର ଉପର
ନିଜସ୍ୱାର୍ଥେ ଅଧିକାରୀମାନେ ବ୍ୟବହାର;
ନକଲି ରେକର୍ଡେ ତିଆରି ପରିସଂଖ୍ୟାନ
ସରକାରୀ ଗୁଣାବଳୀ ହୁଏ ପ୍ରକଟନ ।।

ରାଜ୍ୟର ସମ୍ବଳ ଭୂମି ଖଣିଜପଦାର୍ଥ
ଅପବ୍ୟବହାର କରି ଅରଜଇ ଅର୍ଥ;
ଚିଟଫଣ୍ଡ ରିଅଲ ଇଷ୍ଟେଟ୍ କମିସନ
ନିର୍ବାଚନ ଖରଚ କରିଥାନ୍ତି ବହନ ।।
ମଦମାଂସ ଅର୍ଥ ଇଭିଏମ ମେସିନ୍
ଦୁରୁପୋଯୋଗେ ଉଡ଼ାନ୍ତି ବିଜୟ କେତନ;
ଟାଣୁଆ ବିରୋଧୀ ନେତା ହୋଇଥାନ୍ତି କଣା
କେନ୍ଦ୍ର ନେତୃତ୍ୱ ସାଥେ କରିଥାନ୍ତି ମନ୍ତ୍ରଣା ।।
ସୁଚିନ୍ତିତ କଳୁଷିତ ସୂତ୍ରର ପ୍ରୟୋଗ
କରି ସମର୍ଥ ରୋକିବାକୁ ବିରୋଧି ବେଗ;
ଜନ ମାନସିକତା କରି ଅଧପତନ
ଚତୁରେ ଦଖଲ କରିଥାଏ ସିଂହାସନ ।।
ଗଣତନ୍ତ୍ର ଆଜ ହୋଇଅଛି ଶ୍ୱାସରୁଦ୍ଧ
ନୀତି ଅନୀତିର କିଛି ରହୁନାହିଁ ଭେଦ;
ସାଧୁତା ଉଦାରତା ଓଡ଼ିଶାର ଅସ୍ମିତା
ସରକାର ଆଗେ ସବୁ କିଛି ହୁଏ ପିତା ।।
ଜନମଭୂମି ଆମର ବିପଦ ସଂକୁଳ
ସନ୍ତାନ ହୋଇ ଆମେ ତାକୁ ଦେଉ ଗରଳ;
ଏପରି ଅଧମ ସୁତ ଜୀବନ ଧିକାର
ନୀଚ ସ୍ୱାର୍ଥ ଲାଗି କରେ ଅଧର୍ମ ସ୍ୱୀକାର ।।

ବରିଷ୍ଠ ଅଡ଼ିଟ ଅଧିକାରୀ
କ୍ୱାର୍ଟର ନଂ – ଟାଇପ୍ ୩, ୨୦୧
ନୁଆ ଏ ଜି କଲୋନୀ, ନୟାପଲ୍ଲୀ ଭୁବନେଶ୍ୱର – ୭୫୧୦୧୨, ଓଡ଼ିଶା
ମୋବାଇଲ୍ – ୯୯୩୭୧୨୫୮୪୨ / ୯୪୩୭୩୮୧୭୦୧
ଇମେଲ୍ – hsbarik1970@gmail.com

# ବଢ଼ିଆ ଆମେ ଓଡ଼ିଆ



ରଶ୍ମି ରଞ୍ଜନ ଦାଶ

ଓଡ଼ିଆ ... ଆମେ ଓଡ଼ିଆ.........
ବଢ଼ିଆ ଆମ ଜାତି ବଢ଼ିଆ..
ବଢ଼ିଆ ଆମ୍ବପଖାଳ କଂସା ବଢ଼ିଆ ଖିରୀ ଆରିଷା
ବଢ଼ିଆ ପୁଣି ଆମ ରୀଇଜ ବଢ଼ିଆ ବେଶଭୁଷା
ଓଡ଼ିଶା ବି ବଢ଼ିଆ ଓଡ଼ିଶୀ ବି ବଢ଼ିଆ
ସବୁଠୁ ବେଶୀ ବଢ଼ିଆ ଆମ କାଳିଆ..
ଓଡ଼ିଆ ... ଆମେ ଓଡ଼ିଆ.........ବଢ଼ିଆ ଆମ ଜାତି ବଢ଼ିଆ..୧

ବଢ଼ିଆ ମଧୁ ସେ ଗୋପବନ୍ଧୁ ଫକୀର ଆଉ ସୁଭାଷ
ବଢ଼ିଆ କାମ କରିଣ ସେଯେ ବଢାଇଲେ ମାଟି ଯଶ
ଶ୍ରୀରାମ ଭଞ୍ଜ ଉପେନ୍ଦ୍ର ଆଉ ପାରଳା ଗଜପତି
ବଢ଼ିଆ  ଥିଲେ ସେମାନେ ବୋଲି ବଢ଼ିଆ ମୋ ଜାତି
ଆମ ଜାତି ବଢ଼ିଆ ଆମ ଭାଷା ବଢ଼ିଆ
ତା ଠାରୁ ବଢ଼ିଆ ଆମ ଓଡ଼ିଶା ମାଆ.....
ଓଡ଼ିଆ ... ଆମେ ଓଡ଼ିଆ.........ବଢ଼ିଆ ଆମ ଜାତି ବଢ଼ିଆ..୨

ବଢ଼ିଆ ଆମ ବଡ଼ଦେଉଳ ବଢ଼ିଆ ସୂର୍ଯ୍ୟ ମନ୍ଦିର
ବଢ଼ିଆ ପୁଣି ସେ ଲିଙ୍ଗରାଜ ଶାନ୍ତିସ୍ତୁପ ମନୋହର
ବଢ଼ିଆ ଆମ କାରୁକରିତୀ ବଢ଼ିଆ ଆମ କଳା

ତାଠାରୁ ବେଶୀ ବଢ଼ିଆ ଜାଣ ଆମର ଚକାଡୋଳା.
ଗୁହୁଆ ବ ବଢ଼ିଆ ତାରକସି ବଢ଼ିଆ..
ତା ଠାରୁ ବଢ଼ିଆ ଶାଢୀ ସମ୍ବଲପୁରିଆ........
ଓଡ଼ିଆ ... ଆମେ ଓଡ଼ିଆ.........ବଢ଼ିଆ ଆମ ଜାତ ବଢ଼ିଆ..୩

ବଢ଼ିଆ ଆମ ଚକୁଳି ପିଠା ଶତଉ ଛୁଞ୍ଚିପତର୍
ବଢ଼ିଆ ପୁଣି ଆମର ମଣ୍ଡା ବଢ଼ିଆ ଆମ କାକର୍
ବଢ଼ିଆ ଆମ ଛେନାପୋଡ଼ ଟି ବଢ଼ିଆ ରସଗୋଲ୍
ବଢ଼ିଆ ପୁଣି ରସାବଳୀ ଟି ଖାଇ ପାରଲେ ହେଲ୍
ଏଣ୍ଡୁରି ବ ବଢ଼ିଆ ପୋଡପିଠା ବଢ଼ିଆ..
ତା ଠାରୁ ବଢ଼ିଆ ଗଇଁଠା କଲେ ଜାଣ ମାଆ....
ଓଡ଼ିଆ ... ଆମେ ଓଡ଼ିଆ.........ବଢ଼ିଆ ଆମ ଜାତ ବଢ଼ିଆ..୪

ବଢ଼ିଆ ଆମ ପଢୁଆଁଷ୍ଟମୀ ମଗୁଶୁର ଗୁରୁବାର
ବଢ଼ିଆ ପୁଣି ଦୋଳ ମେଳଣ ବଢ଼ିଆ ଫଗୁ ଅଭର
ବଢ଼ିଆ ଆମ ପଣା ସଂକ୍ରାନ୍ତୀ ଓଡ଼ିଆ ନୂଆ ବରଷ
ବଢ଼ିଆ ପୁଣି କୁଆଁର ପୁନେଇ ଭରେ ସବୁଠି ହସ
ଦଶହର୍ ବଢ଼ିଆ ପଞ୍ଚୁକ ବ ବଢ଼ିଆ
ତା ଠାରୁ ବଢ଼ିଆ ରଥେ ଗଲେ କାଳିଆ.....୫

ଏତେ ବଢ଼ିଆ ଧରୋହର କୁ ଧରିଚୁ ଯେବେ ତୁହ
ଓଡ଼ିଆ ବୋଲି ଗରବ କରି କହୁ ନାହୁଁ କାହିଁ ପାଇଁ
ପରକୁ ଦେଖି ପରଠୁ ଶିଖି ହଉଛୁ ତୋଷାମଦଆ
ତୋଷାମଦଆ ଶ୍ୱାନ ଠୁ ହୀନ କହଲେ ବଡ଼ବଡୁଆ
ଖାଦ୍ୟ ପୋଷାକ କଉଠି ତୋର ଓଡ଼ିଆର ଠାଣି ନାହିଁ

ଖଇ ପଖାଳ ମୁଢ଼ିର ମଜା ପାଇବୁ ତୁହ କାହିଁ ??
ହୁଅତୁ ବଡ଼ ଯାଅ ବଦେଶ ସେଥିକୁ ମନା ନାହିଁ
ଓଡ଼ିଆ ତୁହ ଓଡ଼ିଶା ପୁଅ ଏକଥା ଭୁଲ ନାହିଁ
କୁହ ଓଡ଼ିଆ ଲେଖ ଓଡ଼ିଆ ହୁଅ ଓଡ଼ିଆ ଆଗ
ନଜ ଜାତକ ଭୁଲଇ ଯିଏ ପୋଡ଼ା ତାହାର ଭଗ୍ୟ... ୬

ଆଧୁନକତା ଚଷମା ଖୋଲ ଦେଖରେ ବାବୁ ଆଜ
ତୋ ଜାତ ଦଅଁ ଜଗତନାଥ କାହିଁକ କରୁ ଲଜ
ତୁ ହୁଅ ବଢ଼ିଆ ...ତୁ କହ ବଢ଼ିଆ
ବଢ଼ିଆ ହୋଇ ରଖିଦେ ଜାତର ନାଆଁ
ଓଡ଼ିଆ ... ଆମେ ଓଡ଼ିଆ.........ବଢ଼ିଆ ଆମ ଜାତ ବଢ଼ିଆ..୭

ଓଡ଼ିଆ ନବବର୍ଷ ର ଅଶେଷ ଅଶେଷ ଶୁଭେଚ୍ଛା..
ମହାପ୍ରଭୁ ଜଗନ୍ନାଥ ଓଡ଼ିଆ ଜାତର କର୍ଣଧାର ସାଜ ପୁଣି ଥରେ ଏ ଜାତ କୁ ତାର ହୃତ ଗୌରବ ଫେରାଇ ଆଣିବାକୁ ଅନୁପ୍ରେରତ କରନ୍ତୁ..
ମହାବାହୁ ଙ୍କୁ ଏହ ଅଳ

ଜୟ ଜଗନ୍ନାଥ

ନାଗପୁର, ମହାରାଷ୍ଟ୍ର, ଭରତ

# ପବତ୍ର ଉତ୍କଳ ଦବସ



ଅନୁପମ ବେହେରା

ସୁବର୍ଣ୍ଣ ଇତହାସର ଦ୍ୱାହ ଦେଇ
ଭଙ୍ଗୁର ବର୍ତ୍ତମାନର ପଥରେ
ଅନ୍ଧକାରମୟ ଭବଷ୍ୟତକୁ
ଯାତ୍ରା କରୁଥିବା ପଥିକଟିଏ
ଉତ୍କଳ ତାର ନାଁ । (୧)

ନଜ ପୁର୍ବ ଗର୍ବ ଗାରମା ଭୁଲଯାଇ
ଅନଶ୍ଚିତତାର ସାଗର ବକ୍ଷରେ
ଢେଉସାଥେ ଲଢେଇକର ଠିକଣା
ଖୋଜୁଥିବା
ଦଗହରା ନାବକଟିଏ
ଉତ୍କଳ ତାର ନାଁ । (୨)

ରୂପାଜହ୍ନକୁ କରାୟତ କରବାକୁ ଚେଷ୍ଟାକର
ବଶାଳ ମହାକାଶର ଅସଂଖ୍ୟ ନକ୍ଷତ୍ରଙ୍କ
ମେଳରେ
ନଜ ପରଚୟ ଖୋଜବୁଲୁଥିବା
ଅସହାୟ ମହାକାଶଗ୍ରରୀଟିଏ
ଉତ୍କଳ ତାର ନାଁ । (୩)

ହାତରେ ଦଗବାରେଣୀ ଯନ୍ତ୍ର ଥାଇ ସୁଦ୍ଧା
ଅଗନା ଅଗନ ବନସ୍ତ ଭତରେ
ଗନ୍ତବ୍ୟସ୍ଥଳକୁ ରାସ୍ତା ପାଉ ନ ଥିବା
ପଥହରା ବାଟୋଇଟିଏ
ଉତ୍କଳ ତାର ନାଁ । (୪)

ଆଳସ୍ୟର ବଶୀଭୂତ ହୋଇ
ଗୋଟିଏ ଗୋଟିଏ ପଇସା ପାଇଁ
ପର ପାଖେ ହାତ ପତଉଥିବା
ଅମାପ ଦୁର୍ଲଭ ଅସରପିର ମାଲକ
ଉତ୍କଳ ତାର ନାଁ । (୫)

# ଈଶ୍ୱର



ଡା ନୀଳମାଧବ କର

ଏଠି ପାଦ ଦେଲି ମାତ୍ରେ ହିଁ
ଆରମ୍ଭ ହୋଇଯାଏ ଅପେକ୍ଷା
ତୁମ ପାଇଁ ।

ପ୍ରଥମ ସ୍ୱରରେ
ତୁମକୁ ଡାକିବାକୁ ଇଚ୍ଛା ହୁଏ
ଖୁବ୍ ଜୋରରେ, ଆକୁଳରେ
ମୋ ଆଖିକୁ ପାଣି ଆସିଯାଏ ।

ସବୁରି ମୁହଁରେ
ଘରେ ଘରେ
ମନ୍ଦିର, ମସଜିଦ୍ ଓ ଗୀର୍ଜାରେ
ଫୁଲ ଫଳ, ନଦନଦୀ, ଝରଣାରେ
ବଣ ପାହାଡ଼ରେ ତୁମକୁ ମୁଁ ଖୋଜେ
ଚିହ୍ନା ଚିହ୍ନା ଲିଗନ୍ତି ସମସ୍ତେ
ଥିଲିପରି ତୁମ ଅଂଶରୁ କାଣିଗୃଏ
କିନ୍ତୁ କେହି ମୋତେ ଦିଏ ନାହିଁ ଆଣି
ତୁମ ଛଡ଼ା, ତୁମକୁ ସଂପୂର୍ଣ୍ଣ ଭାବେ ।

ବିଶେଷଜ୍ଞ ମନୋଚିକିତ୍ସକ
କମ୍ପ୍ଲେକ୍ସ କେୟାର୍ ଟିମ୍ (ନର୍ଥ)
ଷ୍ଟେପ୍ସ ଟୁ ହେଲ୍ଥ୍
ସୋଭେଲ୍ ସର୍କସ, ଲୋ ହିଲ୍
ଉଲ୍ଭରହାମ୍ପଟନ୍

# ପରମେଶ୍ୱର

ଦୟାନିଧି ଦାଶ



ପରମେଶ୍ୱର ତୁମେ ବିଶ୍ୱର
ଦୀନ ଦୁଃଖୀ, ଧନୀ ଗରିବର
ରଜା - ପରଜାର, ନିଃସ୍ୱର
ପରମେଶ୍ୱର ତୁମେ ବିଶ୍ୱର ।
ତୁମେ ସ୍ରଷ୍ଟା, ସବୁ ତୁମ ସୃଷ୍ଟି
ତୁମ କୃପାଜଳ ହୁଏ ବୃଷ୍ଟି
ଦେବୀ ଦେବତାର ଭକ୍ତ ପତିତର
ପୂଣ୍ୟବନ୍ତ ଆଉ ପାପୀର
ତୁମେ ପୂଜ୍ୟ ବରେଣ୍ୟ ବିଶ୍ୱାସର ।
ତୁମେ ନାଶକର୍ତ୍ତା, ତୁମେ ଜ୍ଞାନଦାତା
ତୁମେ ଦୁଃଖହର୍ତ୍ତା ସୁଖକର୍ତ୍ତା
ଏଇ ଶରୀରର ଜୀବର ଆତ୍ମାର
ମାଲିକ ପ୍ରେମର ସାଗର
ତୁମେ ପ୍ରଣବ ବେଦର ଓଁକାର ।
ତୁମେ ପିତାମାତା ବନ୍ଧୁ ସହୋଦର
ତୁମେ ଅଜନ୍ମା ସ୍ୱୟମ୍ଭୁ ନିରାକାର
ହାତଧରି ସାଥୀ, ତୁମେ ହିଁ ସାରଥୀ
ଠାକୁର ଏ ଦେହ ରଥର
ପ୍ରଭୁ ଏ ଭବ ସାଗରୁ ପାରକର ।
ପରମେଶ୍ୱର ତୁମେ ବିଶ୍ୱର...

# ଦେବଲୋକରେ ଦେବରାଜ



ଡା ମୀନକେତନ ପଟ୍ଟନାୟକ


ସେଦିନ ଫଗୁଣ ତରତର ହୋଇ ଚାଲିଗଲା ତା'ର ଫେରିବା ସମୟର ଢେର ଆଗରୁ । ଫଗୁ ସବୁ ଦେହରେ ନପଡ଼ି ପବନରେ ବୁଣି ହୋଇଯାଇଥାଏ । ଫଗୁଣ, ପଛରେ ଛାଡ଼ି ଯାଇଥାଏ ତା'ର ଟେରାକୋଟାର ଅସରନ୍ତି ପସରା । ତାହା ମଧ୍ୟରୁ କିଛି ଟେରାକୋଟା, ଷ୍ଟୁଡ଼ିଓ ଗେଟ୍ ଏପଟେ ଓ ଆରପଟେ ହାତଟେକି ଦଣ୍ଡାୟମାନ ଥିଲେ ଫଗୁଣ ଠାରୁ କିଛି ଅଭିର ପାଇବା ପାଇଁ । କିନ୍ତୁ ଫଗୁଣ ସେମାନଙ୍କୁ ଅଭିର ଦେବ କ'ଣ ତାଗିଦ କରି କହିଲା, ଏଥର ନିଜ ଦେହରେ ନିଜେ ଅଭିର ବୋଳିବା ଅଭ୍ୟାସ କର, ମୋର ଅନେକ କିଛି କାମ ଅଛି । ଦେବଲୋକରେ ଆପଏଣ୍ଟମେଣ୍ଟ ଅଛି । ତା'କଥା କିନ୍ତୁ ଟେରାକୋଟା ଗୁଡ଼ିକ କିଛି ବୁଝିପାରୁନଥିଲେ । ତଥାପି ଊଁ କି ଚୁଁ କିଛି କହିଲେ ନାହିଁ, ଖାଲି ମୁଣ୍ଡ ପାତି ଠିଆ ହୋଇ ରହିଲେ । ଫଗୁଣ କିନ୍ତୁ ସେଦିନ ମିଛ କହିଥିଲା, କାରଣ ତାକୁ କ୍ୟାନସର





ହୋଇଥିଲି । ମେଞ୍ଚା ମେଞ୍ଚା ଟେରାକୋଟା ଗୁଡ଼ିକ କିଛି ବୁଝିବା ପୂର୍ବରୁ ଫଗୁଣ ଦିଗବଳୟ ଡେଇଁ ଆରପଟକୁ ଚାଲି ଯାଇ ସାରିଥିଲି ।

ଗତ ବର୍ଷ ଏକ ନିର୍ଦ୍ଦିଷ୍ଟ ପ୍ରତିଷ୍ଠିତ କଳା ପ୍ରୋତ୍ସାହକ ସଂସ୍ଥା ତରଫରୁ ଓଡ଼ିଶାର କଳା ବୈଭବକୁ ସମୃଦ୍ଧ କରିଥିବା କିଛି ବୟୋଜ୍ୟେଷ୍ଠ ଶିଳ୍ପୀଙ୍କର ଜୀବନୀ, ସୃଜନ ପରିସୀମା ତଥା ଅବଦାନର ଗବେଷଣାତ୍ମକ ଦସ୍ତାବିଜ ପ୍ରସ୍ତୁତ କରିବା ପରିପ୍ରେକ୍ଷୀରେ ତାଙ୍କ ପାଖକୁ ଯାଇଥିଲି । ମୋ ପାଖରେ କ୍ୟାମେରା ଓ ଟିପାଖାତା ଦେଖି ସେ ତାଙ୍କର ବିଦ୍ୟାର୍ଥୀ ଜୀବନଠାରୁ ଆରମ୍ଭ କରି ବର୍ତ୍ତମାନ ସମୟ ପର୍ଯ୍ୟନ୍ତର କଳା ସାଧନାର ପ୍ରତ୍ୟେକ ବିଭାଗର ଦରଜାଗୁଡ଼ିକୁ ମୁକ୍ତ କରିଦେଇ ଚାଲିଲେ । ତାଙ୍କର ଖଲ୍ଲିକୋଟ କଳା ବିଦ୍ୟାଳୟରେ (ବର୍ତ୍ତମାନର ସରକାରୀ ଚାରୁ ଓ କାରୁ କଳା ମହାବିଦ୍ୟାଳୟ) ପଢୁଥିବା ସମୟର କିଛି ଧୌତ ଚିତ୍ର, ଟେମ୍ପେରା ଆଦିକୁ ଦେଖି ମୁଁ ପଚାରିଲି, "ଆପଣଙ୍କୁ ଓଡ଼ିଶାର ଶ୍ରେଷ୍ଠ ଟେରାକୋଟା ଶିଳ୍ପୀ ଭାବେ ସଭିଏଁ ଜାଣନ୍ତି, କିନ୍ତୁ ଆପଣ ଜଣେ ଜଳରଙ୍ଗର ଚିତ୍ରକରର ପରିଚୟ ମଧ୍ୟ ରଖିଛନ୍ତି ଏହା ବୋଧହୁଏ କମ୍ ଲୋକ ଜାଣନ୍ତି, ଏମିତି କେମିତି ହେଲା ?" ସେ ଭାରି ଜୋର୍‌ରେ ଉତ୍ତର ଦେଲେ, "ଖଲ୍ଲିକୋଟରେ କଳା ଶିକ୍ଷା କରୁଥିବା ସମୟରେ ଚନ୍ଦ୍ରଶେଖର ରାଓ (ସ୍ୱର୍ଗତଃ ରାଓ ଓଡ଼ିଶାରେ ଚିତ୍ରକଳା ସଂରଚନାରେ ଓଡ଼ିଆ ଅସ୍ମିତାର ପରିଚୟ ଦେଇଥିବା ଆଗଧାଡ଼ିର ବାର୍ତ୍ତାବହ ଅଟନ୍ତି) ମୋର ସହବାସୀ (ରୁମ-ମେଟ) ଥିଲେ । ସେ ଦିନେ ଟେରାକୋଟା କରୁଥିବା ଦେଖି ମୋର ଭାରି ଇଚ୍ଛା ହେଲା ଇଣ୍ଡିଆନ୍ ପେଣ୍ଟିଂ କରିବା ପାଇଁ । ତେଣୁ ମୁଁ





ତାଙ୍କୁ କହିଲ, "ତୁମେ ଯଦି ମୋ ଭଳିଆ ଭାସ୍କର୍ଯ୍ୟ / ଟେରାକୋଟା ଗଢ଼ିବାକୁ ଚେଷ୍ଟା କରିପାରି ତେବେ ମୁଁ କିଆଁ ତୁମ ଭଳିଆ ଟେମ୍ପେରା ଓ ଧୌତ ଚିତ୍ର କରିପାରିବି ନାହିଁ?"

ଓଡ଼ିଶାର ଦୃଶ୍ୟମାନ ସଂସ୍କୃତିରେ ସୃଜନଶୀଳତାର ପରିପ୍ରକାଶ ପାଇଁ ପୋଡ଼ାମାଟିକୁ ମଧ୍ୟ ଏକ ବଳିଷ୍ଠ ମାଧ୍ୟମ ଭାବେ ଯେ ଗ୍ରହଣ କରାଯାଇପାରେ, ତାହାକୁ ପ୍ରମାଣିତ କରିଯାଇଛନ୍ତି ଟେରାକୋଟା ଶିଳ୍ପୀ ଦେବରାଜ ସାହୁ । କର୍ମପ୍ରବଣ ଦେବରାଜ ସଦାସର୍ବଦା ନିଜକୁ ଟେରାକୋଟା ପ୍ରସ୍ତୁତିରେ ବ୍ୟସ୍ତ ରଖୁଥିଲେ । ସେହି ପୋଡ଼ାମାଟିର କଳାକୃତୀ ଗୁଡ଼ିକ ପ୍ରାୟତଃ ଆଳଙ୍କାରିକ ଶ୍ରେଣୀୟ ଅଟେ । ଅଧିକାଂଶ କଳାକୃତୀ ଗୁଡ଼ିକରେ ପୋଡ଼ାମାଟିର ଝୁମ୍କା ତଥା ଗହଣା ଆଦି ଉପାଦାନର ସମଷ୍ଟିରେ ଭୂଷିତ କରି ଗଢ଼ି ଯାଇଛନ୍ତି କେତେ କଣ ସୃଷ୍ଟି । ଆଭୂଷଣମଣ୍ଡିତ "ଦେବରାଜ ଇନ୍ଦ୍ର ଉପବିଷ୍ଟ ଐରାବତ ହସ୍ତୀ" ଟେରାକୋଟାଟି ତାଙ୍କ



ଅଳଙ୍କାରିକ ଶ୍ରେଣୀୟ ସୃଜନର ଏକ ବଳିଷ୍ଠ ପ୍ରମାଣ ଅଟେ । ପୋଡ଼ାମାଟି ମିଡ଼ିୟମରେ ଆକୃତି ବର୍ଣ୍ଣନାର ଦିଗଟିକୁ ଦେବରାଜ ବେଶ୍ ଗତିଶୀଳ କରି ଗଢ଼ି ତୋଳିଛନ୍ତି । "କାଳୀୟ ଦଳନ" କୃତୀଟିରେ ଛନ୍ଦମୟ ସଜ୍ଜିକରଣ ମାଧ୍ୟମରେ ବିଷଧର କାଳୀୟ ସର୍ପକୁ ତାତ୍ସତାର ଚଢ଼ିଆ ଆକୃତିରେ ଦୃଶ୍ୟାୟିତ କରିଛନ୍ତି ଶିଳ୍ପୀ । ଏଥିରେ କାହ୍ନା କାଳୀୟର ମଥା ଉପରେ ଦଳନ ନକରି ତା'ର ଶରୀର ଉପରେ ଦଳନ କରୁଥିବାର ଦୃଶ୍ୟ ସହ କାଳୀୟ



ସର୍ପର ଏକୀଭୂତ ଫଣା ସମୂହକୁ ଆଭାମଣ୍ଡଳାକାର ତ୍ରିବସ୍ତାର ରୂପ ପ୍ରଦାନ କରିଛନ୍ତି । ଏହି ଶ୍ରେଣୀୟ ଅନ୍ୟ ଏକ ବିଶେଷ କୃତୀ ହେଲା ମହାଦେବଙ୍କ କୋଳାଗ୍ରିତ ଗଣପତି ଓ କାର୍ତ୍ତିକେୟ ।

ଓଡ଼ିଶାର ଗ୍ରାମଦେବୀ ପରମ୍ପରା ଉପରେ ପର୍ଯ୍ୟବେକ୍ଷିତ ଦେବୀ ସଂସ୍କୃତି ସମ୍ବନ୍ଧୀୟ ଅନେକ ସୁନ୍ଦର ଟେରାକୋଟାର ସୃଜନୀମାଳା ଗଢ଼ି ଯାଇଛନ୍ତି ଶିଳ୍ପୀ ଦେବରାଜ । ଏହି ଶ୍ରେଣୀର କଳାକୃତିଗୁଡ଼ିକ ବିଶେଷତଃ ଜ୍ୟାମିତିକ ଶୈଳୀର ଅଟେ । ଏହି ସଜ୍ଜିକରଣଗୁଡ଼ିକ ପ୍ରାୟତଃ ତିନୋଟି ବୃତ୍ତାକାରର ସମାହାର ଅଟେ । ଗୋଟିଏ ଉପରେ ଅନ୍ୟଟି ତଥା ସବା ତଳେ ଅନ୍ୟ ଗୋଟିଏ ଏହିପରି ଭାବେ ତିନୋଟି ବୃତ୍ତାକୃତିରେ ପୁରା ଟେରାକୋଟାଟିକୁ ଅଧିକାଂଶ ସ୍ଥଳ ବିଶେଷରେ ସଂଯୋଜନା କରିଛନ୍ତି । "ସିଂହ ବାହିନୀ - ୫" କୃତୀଟିରେ ପ୍ରଥମ ମଣ୍ଡଳାକୃତିରେ ଶକ୍ତିଙ୍କ ମୁଖ ମଣ୍ଡଳ, ମଧ୍ୟ ଭାଗରେ ଶରୀର ସହ ଅଷ୍ଟରୁ ଦଶ ଭୁଜା ପର୍ଯ୍ୟନ୍ତ ହସ୍ତ ପ୍ରସାରିତ ତଥା ନିମ୍ନ ମଣ୍ଡଳରେ ବାହନ ସିଂହଙ୍କ ଉପସ୍ଥିତି ଅତୀବ ଚମତ୍କାର



ଅଟେ । ଏହି ଦେବୀ ସଂସ୍କୃତି ପର୍ଯ୍ୟାୟର ଅନ୍ୟଏକ ଗୁରୁତ୍ୱପୂର୍ଣ୍ଣ କୃତିଟି ହେଲା "ଗ୍ରାମଦେବୀ - ୧୦" । ଏଥିରେ ଶିଳ୍ପୀ ଦୁଇଟି ଅର୍ଦ୍ଧ ମଣ୍ଡଳାକାର ଆକୃତି ଉପରେ ସମ୍ପୂର୍ଣ୍ଣ ସୃଜନୀଟିକୁ ସ୍ଥାପିତ କରିଛନ୍ତି । ଏହା ଶିଳ୍ପୀଙ୍କର ଅଶୀଦଶକର ଏକ ଅନନ୍ୟ କୃତି ଅଟେ ଯାହା ଓଡ଼ିଶାର ଗ୍ରାମୀଣ କଳାର ପ୍ରଭାବରେ ପରିସ୍ଫୁଟିତ ହୋଇଥିବା ସ୍ପଷ୍ଟ ବାରିହୋଇ ପଡ଼େ ।



ଶିଳ୍ପୀଙ୍କର ଜଳରଙ୍ଗର ଛବିଗୁଡ଼ିକ ମଧ୍ୟରୁ ଯଶୋଦା (ଟେମ୍ପେରା), କନ୍ୟାସ୍ନାନ (ଧୌତଚିତ୍ର), ଜଳସଂଗ୍ରହ (ଧୌତଚିତ୍ର), ଆଶୋକ ବନ (ଟେମ୍ପେରା), ଖେଳନା ବିକାଳି (ଟେମ୍ପେରା), ମୋହନ ବଂଶୀ (ଟେମ୍ପେରା), ମାଙ୍କଡ଼ିଆ (ଟେମ୍ପେରା) ଆଦି ଗୁରୁତ୍ୱପୂର୍ଣ୍ଣ ଅଟେ । ଚିତ୍ରକାର ଧୌତଚିତ୍ର ଅପେକ୍ଷା ଟେମ୍ପେରା ଶୈଳୀ ମାଧ୍ୟମରେ ଅଧିକ ପରିପକ୍ୱ ମନେ ହୁଅନ୍ତି ।

ଦେବରାଜ ଜଣେ ଭାରି ସ୍ନେହୀ ତଥା ଭଦ୍ରଲୋକଟିଏ ଥିଲେ । ଖୁବ୍ କମ ସମୟ ମଧ୍ୟରେ ପରକୁ ଆପଣାର କରି ପାରୁଥିଲେ । ତାଙ୍କର ସମସ୍ତ ସାଙ୍ଗମାନଙ୍କ ମଧ୍ୟରୁ ତିନୋଟି ସାଙ୍ଗକୁ ସେ ବେଶି ଭଲ ପାଉଥିଲେ । ସେମାନେ ହେଲେ; କୁମ୍ଭାର ଚକ, କାଦୁଆ ମାଟି ଓ ଆଳଙ୍କାରିକ ସୃଜନୀ ମାୟା । ଦେବରାଜ ଦେବଲୋକରେ ପହଞ୍ଚିବା ପରେ ସେଠାରେ ମଧ୍ୟ ତାଙ୍କ ଟେରାକୋଟାର ପସରା ଖୋଲି ସାରିବେଣି । କାରଣ ସେ ଚୁପ୍‌ଚାପ ବସିବା ଲୋକ ନୁହନ୍ତି ।

ମାଟିର ମଣିଷ ଦେବରାଜ ସାହୁ ଶ୍ରୀକ୍ଷେତ୍ର ପୁରୀର ସ୍ୱର୍ଗଦ୍ୱାର ଶ୍ମଶାନର ମାଟି ପାଉଁଶରେ ମିଶି ଯାଇଛନ୍ତି ସିନା ହେଲେ ସେହି ଶେଷ ଭାଟିଟିର ପାଉଁଶ ତଳର ନିଆଁ ଦିକ୍ ଦିକ୍ ହୋଇ ଝଲସୁ ଥିବ ଓଡ଼ିଶାର ଟେରାକୋଟା ରାଜାଙ୍କ ସଂସ୍ପର୍ଶରେ ଆସିଥିବା ସଭିଙ୍କର ହୃଦୟରେ ଅନେକ ଦିନ ଯାଏଁ ।

ଅଧ୍ୟାପକ, ବି.କେ. ଆର୍ଟ କଲେଜ, ଭୁବନେଶ୍ୱର
2016mkpattnaik@gmail.com

# ତର୍ଲାକୋଟାର ଜଗନ୍ନାଥ ମନ୍ଦିର



ତର୍ଲାକୋଟା (ପଲ୍ସା ମଣ୍ଡଳ)ର ବଖ୍ୟାତ ଜଗନ୍ନାଥ ମନ୍ଦିର

ଅତୀତରେ କଳିଙ୍ଗ ସମ୍ରାଜ୍ୟ ଯେ କେତେ ବଶାଳ ଥିଲା ତାହା ଆମେ ସମସ୍ତେ ଜାଣିଛୁ, କଛ କମ୍ବଦନ୍ତୀରେ ଏହାକୁ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବ୍ୟାପ୍ତ ହୋଇଥିବା ଦର୍ଶାଯାଇଛ, ଅଥଚ ଆଜ ଏହା ସଙ୍କୁଚିତ ହୋଇ କେବଳ ଓଡ଼ିଶା ରାଜ୍ୟ ମଧ୍ୟରେ ହିଁ ସୀମିତ ହୋଇ ରହଛ । ହେଲେ ଅତୀତ ଗୌରବର ମୂକସାକ୍ଷୀ ସଦୃଶ ଅନେକ ଐତିହ୍ୟ ବର୍ତ୍ତମାନ ସୁଦ୍ଧା ଓଡ଼ିଶା ରାଜ୍ୟ ସୀମା ବାହାରେ ରହଛ, ଯାହା କେବଳ ଅତୀତର କଳିଙ୍ଗ ସମ୍ରାଜ୍ୟର ବଶାଳତାକୁ ଦର୍ଶାଉଛ କହଲେ



ଅତ୍ୟୁକ୍ତି ହେବନାହିଁ ।



ବ୍ରହ୍ମପୁରଠାରୁ ବଶାଖାପାଟଣା ଯିବା ଗସ୍ତାରେ ପ୍ରାୟ ଅଶି କଲେମିଟର ପରେ ଆସେ ପଲ୍ଲସା ମଣ୍ଡଳ । ଏହ ମଣ୍ଡଳରେ କାଜୁ ଶିଳ୍ପାଞ୍ଚଳରେ ଉପସ୍ଥିତ ଏକ ଅନାମଧେୟ ଗ୍ରାମ ତର୍ଲାକୋଟା । ଅତୀତରେ ଏହ ଅଞ୍ଚଳକୁ କଳଙ୍ଗ ସାମ୍ରାଜ୍ୟର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ ବୋଲ ବର୍ଣ୍ଣନା କରଯାଇଛ । ଅତୀତର ଅନେକ ଐତହାସିକ ମାନେ ଏହ ଅଞ୍ଚଳର କଳା, ନାଟ୍ୟସଂସ୍କୃତ, ଆୟୁର୍ବେଦ ଚକତ୍ସା ପଦ୍ଧତ ଇତ୍ୟାଦ ପାଇଁ ଅତ ଉଚ୍ଚ ସ୍ଥାନ ଦେଇ ବର୍ଣ୍ଣନା କରଛନ୍ତ । ଏହ ଅଞ୍ଚଳରେ ରହଛ ତନୋଟି ବଖ୍ୟାତ ମନ୍ଦିର, ଜଗନ୍ନାଥ, ବାସୁଦେବ ଏବଂ ଗୋପିନାଥଙ୍କର ଏହ ତନୋଟି ମନ୍ଦିର ପାଇଁ ଏହ ଅଞ୍ଚଳ ବଖ୍ୟାତ । ଆଜ ଯଦଓ ଏହ ସବୁ ମନ୍ଦିର ଧ୍ୱଂସାଭମୁଖୀ ତଥାପି ଏହା ଯେ ଆମ ଅତୀତ ଗୌରବର ଆଲେଖ୍ୟ ବହନ କରଛନ୍ତ ତାହା ଅଣଦେଖା କରହେବ ନାହିଁ ।

ଇତହାସରେ ଲେଖାଯାଇଛ ଯେ ୧୪୩୫ ଖ୍ରୀଷ୍ଟାବ୍ଦ ବେଳକୁ କଳଙ୍ଗର ସମ୍ରାଟ ପୁରୁଷୋତ୍ତମ ଦେବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏଠାରେ ବଶାଳ ଜଗନ୍ନାଥ ମନ୍ଦିରର ନର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା ଏବଂ ଏହା ତନ ଦଶନ୍ଧିପରେ ୧୪୬୫ ମସିହାରେ ସଂପୂର୍ଣ୍ଣ



ହୋଇଥିଲା । ବାସୁଦେବ ମନ୍ଦିର ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଦ୍ୱାର୍ ଷୋଡ଼ଦଶ ଶତାବ୍ଦୀରେ ନର୍ମାଣ ହୋଇଥିଲା । ଶ୍ରୀ କୁମମ୍ ବଷ୍ଣୁ ମନ୍ଦିର ଯିବା ଗସ୍ତାରେ ଚୈତନ୍ୟଙ୍କ ସହଯାତ୍ରୀମାନେ ଏଠାକାର



ପରବେଶରେ ବମୁଗ୍ଧ ହୋଇ ଏଠାରେ ବଷ୍ଣୁଙ୍କ ମନ୍ଦିର ଟିଏ ନର୍ମାଣ କରବା ଇଚ୍ଛା ପ୍ରକାଶ କରବାପରେ ଏହା ନର୍ମାଣ କରାଯାଇଥିବା କଥା ଇତହାସରେ ଲପିବଦ୍ଧ ହୋଇଛ । ଗୋପିନାଥ ମନ୍ଦିର କେଉଁ ରଜା ବା ସମ୍ରାଟଙ୍କ ଦ୍ୱାର ହୋଇଥିଲା ତାହାର କୌଣସି ଲପିବଦ୍ଧ ଇତହାସ ମିଳନାହିଁ । ବର୍ତ୍ତମାନ ଗୋପିନାଥ ମନ୍ଦିରର ପ୍ରାୟ ଅଶିପ୍ରତଶତ ଭାଗ ଭାଙ୍ଗିଯାଇଥିବା ବେଳେ ଏହ ମନ୍ଦିର କେଉଁ ମୁହୂର୍ତ୍ତରେ ଧରାଶାୟୀ ହୋଇଯିବ କେହ କହପାରବ ନାହିଁ । ଏହା ସହ ଅନ୍ୟ ଦୁଇଟି ମନ୍ଦିର ମଧ ଭଗ୍ନାବସ୍ଥାରେ ରହଛ, ଏବଂ ଏହ ଦୁଇ ମନ୍ଦିରର ରକ୍ଷଣାବେକ୍ଷଣ ଅଭାବରୁ ତୀବ୍ର ବେଗରେ ଧ୍ୱଂସାଭମୁଖୀ ହେଉଛ ।

ତନଟି ମନ୍ଦିର ମଧ୍ୟରୁ ଜଗନ୍ନାଥ ମନ୍ଦିରର ନର୍ମାଣ କଳା ସଂପୂର୍ଣ୍ଣତଃ ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ଓ କୋଣାର୍କର ସୂର୍ଯ୍ୟ ମନ୍ଦିର ଭଳ ହୋଇଛ । ଏହ ମନ୍ଦିର ପଶ୍ଚାତଭାଗରେ ଏକ ତନମହଲା କୋଠା ରହଛ । ସମୁଦାୟ ମନ୍ଦିର ଓ ଏହାର ପରବେଶ ସବୁଜ ପରବେଷ୍ଟନୀ ଦ୍ୱାରା ଆଚ୍ଛାଦତ । ପୁର୍ବଘାଟ ପାର୍ବାତ୍ୟାଞ୍ଚଳର ସଦୃଶ ବନାନୀ ଏହ ମନ୍ଦିରର ଶୋଭାକୁ ଦ୍ୱିଗୁଣିତ କରୁଛ ।

ଜଗନ୍ନାଥ ମନ୍ଦିର ଲାଲପଥର ଓ ଚୁନପଥର ଦ୍ୱାରା ନର୍ମିତ ହୋଇଛ ଯେମିତ ପୁରୀ ଶ୍ରୀମନ୍ଦିରର ନର୍ମାଣ ହୋଇଛ । ଏହ ମନ୍ଦିରରେ ତନୋଟି ଗର୍ଭଗୃହ ରହଛ । ମଧ ଗୃହରେ ମହାପ୍ରଭୁ ଜଗନ୍ନାଥଙ୍କ ଏକାକାର ଛବ ରହଛ ଯାହାଙ୍କୁ ଦଧିବାମନ ଭାବରେ ପୂଜା କରାଯାଉଛ । ଦକ୍ଷିଣ ପାର୍ଶ୍ୱରେ ନତାଇ ଗୋପାଳଙ୍କ ଦୁଇଟି ମୂର୍ତ୍ତି ରହଛ ଏବଂ ବାମ ପାର୍ଶ୍ୱରେ ରାଧାକୃଷ୍ଣଙ୍କ ବ୍ରୋଞ୍ଜ ନର୍ମିତ ମୂର୍ତ୍ତି ପୂଜା ପାଉଛନ୍ତ । ଏହ ମନ୍ଦିର ନର୍ମାଣରେ ପ୍ରାଚୀନ ଉତ୍କଳୀୟ

କଳାସ୍ଥାପତ୍ୟର ବହୁଳ ବ୍ୟବହାର ଦେଖିବାକୁ ମିଳେ ।

ଏହି ମନ୍ଦିରରେ କରାଯାଇଥିବା କାରୁକାର୍ଯ୍ୟ ଭବ୍ୟ ଓ ଅଦ୍ଵିତୀୟ । ପ୍ରସ୍ତରଦେହରେ ନିଖୁଣ କାରିଗରୀ ଦ୍ଵାରା କାଳଜୟୀ କୃତିମାନ ନିର୍ମାଣ କରାଯାଇଛି, ଯେଉଁଥିରୁ ଅନେକ ବର୍ତ୍ତମାନ ଭଗ୍ନାବସ୍ଥାରେ ରହିଛି । ପୁରାତନ ମନ୍ଦିର ନିର୍ମାଣ କଳାପରି ଏହି ମନ୍ଦିରର ଉପର ଭାଗରେ ସଂଭୋଗ ଶୈଳୀରେ ନାରୀ ଓ ପୁରୁଷଙ୍କ ଅନେକ ଜୀବନ୍ତ ଦେଖାଯାଉଥିବା ମୂର୍ତ୍ତି ମନ୍ଦିରର କାନ୍ଥରେ ନିର୍ମିତ ହୋଇଛି । ଏହା ବ୍ୟତିରେକ ନିମ୍ନ ଭାଗରେ ଅନେକ ଦେବାଦେବୀଙ୍କ ପ୍ରତିମାମାନ ନିର୍ମାଣ କରାଯାଇଛି ।

ଏହି ଭବ୍ୟମନ୍ଦିର ବର୍ତ୍ତମାନ ଧରାଶାୟୀ ହେବା ଅବସ୍ଥାରେ ପହଞ୍ଚିଗଲାଣି, ଏହାର ଉଚିତ ରକ୍ଷଣାବେକ୍ଷଣର ଅଭାବ ଏବଂ ପ୍ରଶାସନିକ ଉଦାସୀନତା ହେତୁ ଏହାର ଏହିପରି ଅବସ୍ଥା ହୋଇଥିବା କଥା ସ୍ଥାନୀୟ ଅଧିବାସୀମାନେ ଅଭିଯୋଗ କରନ୍ତି । ସରକାର ଚାହିଁଲେ ଏହି ସବୁ ଐତିହ୍ୟର ପୁନରୋଦ୍ଧାର ଓ ରକ୍ଷା କରାଯାଇପାରନ୍ତା ।

ତର୍ଲାକୋଟା ସମ୍ଭବତଃ ଗଜପତି ସାମ୍ରାଜ୍ୟର ଅଂଶ ଥିଲା । ଏବଂ ପଞ୍ଚଦଶ ଶତାବ୍ଦୀ ବେଳକୁ ଏହା ଏକ ସଂପୂର୍ଣ୍ଣଭାବେ ସ୍ଵାଧୀନ ଗଡ଼ଜାତ ଭାବରେ ସ୍ଥାପିତ ହୋଇଥିବା କଥା ଐତିହାସିକ ମାନେ ଉଲ୍ଲେଖ କରିଛନ୍ତି । ମହେନ୍ଦ୍ରଗିରି ପର୍ବତ ଉପରେ ଥିବା ଗୋକର୍ଣ୍ଣେଶ୍ଵର ମନ୍ଦିରରେ ଥିବା ତେଲୁଗୁ ଓ ସଂସ୍କୃତରେ ଲିପିବଦ୍ଧ ଶିଳାଲେଖରୁ ଏହି ରାଜବଂଶ ଅତ୍ୟନ୍ତ ଉନ୍ନତ ଏବଂ ସମୃଦ୍ଧ ବୋଲି କୁହାଯାଇଛି ।



ଏଠାରେ ଉଲ୍ଲେଖ ରହିଛି ଯେ ଅତୀତରେ କଳିଙ୍ଗର ସମ୍ରାଟ



ପୁରୁଷୋତ୍ତମ ଦେବ ଓ କାଞ୍ଚିନରେଶଙ୍କ ମଧ୍ୟରେ ହୋଇଥିବା କାଞ୍ଚିଅଭିଯାନ ଯୁଦ୍ଧରେ ଏହି ଅଞ୍ଚଳର ସୈନିକ ଓ ତାନ୍ତ୍ରିକମାନଙ୍କର ପ୍ରଚ୍ଛନ୍ନ ଭୂମିକା ରହିଥିଲା । ଲୋକକଥା ଅନୁଯାୟୀ କାଞ୍ଚି ଅଭିଯାନ ସମୟରେ ଏହି ଅଞ୍ଚଳର ପ୍ରସିଦ୍ଧ ତାନ୍ତ୍ରିକମାନେ ତନ୍ତ୍ରଦ୍ୱାରା ହ୍ରଦର ନିର୍ମାଣ କରିଥିଲେ ଯେଉଁଥିରେ କାଞ୍ଚି ରାଜାଙ୍କ ସୈନ୍ୟବାହିନୀ ଧୋଇ ହୋଇଯାଇଥିଲେ, ଏବଂ କାଞ୍ଚି ରାଜାଙ୍କୁ ଆତ୍ମସମର୍ପଣ କରିବାକୁ ପଡ଼ିଥିଲା । ଅତୀତରେ ଏହି ଅଞ୍ଚଳରେ ତନ୍ତ୍ରମନ୍ତ୍ର ସାଧନା କରୁଥିବା ଅନେକ ବିଶିଷ୍ଟ ତାନ୍ତ୍ରିକ ରହୁଥିବା କଥା ଲୋକମାନେ କୁହନ୍ତି । ଆସାମର କାମାକ୍ଷା ମନ୍ଦିର ପରି ଏହି ଅଞ୍ଚଳରେ ମଧ୍ୟ ଅତ୍ୟନ୍ତ ଜଟିଳ ତନ୍ତ୍ରସାଧନା ହେଉଥିବା କଥା ଲୋକମୁଖରୁ ଶୁଣାଯାଏ ।

ଏହି ଅଞ୍ଚଳର ଲୋକମାନେ ଅଭିଯୋଗ କରି କହନ୍ତି ଯେ ଯଦି ସରକାରୀ ଉଦାସିନତା ଦୂର ନ ହୁଏ, ଏହି ପ୍ରାଚୀନ ଐତିହ୍ୟ ଦିନେ ଦେଖିବାକୁ ମିଳିବ ନାହିଁ । ଏହାର ତୁରନ୍ତ ପୁନରୁଦ୍ଧାର କରିବା ସହ ଏହି ଅଞ୍ଚଳକୁ ଏକ ପର୍ଯ୍ୟଟନ କ୍ଷେତ୍ର ଭାବରେ ଘୋଷଣା କରିଲେ ଏହାର ଉନ୍ନତି ହୋଇପାରିବ ।

ଆଲେଖ୍ୟ - ଶ୍ରୀ ଲିଙ୍ଗରାଜ ପ୍ରସାଦ ଅମୂଲ୍ୟ ପଟ୍ଟନାୟକ

ସମ୍ପାଦନା ଓ ଅନୁବାଦ - ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସାଗର ସୀମା



ମଧୁମିତା ମହାନ୍ତ (ମିତୁ)

ନ ଯାଇଥିଲେ ବି ଚାଲିଥାନ୍ତା । ଅଥଚ ଅଭ୍ୟାସବଶତଃ ଚାଲିଗଲି । ମୁଁ ଗଲି ବୋଲି ତ ଚୋଟ ହେଉ କି ବଡ଼ ଦୁର୍ଘଟଣାଟେ ଘଟିଗଲା । ଯେତେ ଘର ଓଳେଇ ପୋଛି ଚିକ୍ ଚିକ୍ ରଖିବାକୁ ଚେଷ୍ଟା କଲେ ବି କେମିତି କେଜାଣି ଭରି ଧୂଳି ଧୂଳି ଲାଗେ ଚଟାଣଟା ଘଣ୍ଟାଟେ ପରେ । ରାସ୍ତାକଡ଼ ଘର ମୋର - ସବୁବେଳେ ସାମ୍ନା ଦେଇ ବସ, ଟ୍ରକ୍, ଜିପ୍, ବୋଲେରୋ, ଆହୁରି କେତେ କଣର ଲମ୍ବା ଲାଇନ । ପଟୁଆର ପରି ସେମାନେ ଗର୍ବରେ ଉଡ଼ିଯାଉଥିଲେ । ବେଳେ ଥରେ ବି ଭାବନ୍ତିନି ସେମାନଙ୍କ ଚକ ତଳେ ନିଷ୍ପେସିତ ଧୂଳି ସବୁ କେମିତି ଆର୍ତ୍ତଚିତ୍କାର କରି ଆଶ୍ରୟ ଖୋଜୁ ଖୋଜୁ ବିକଳରେ ପଶିଆସନ୍ତି ମୋର ଘର ଭିତରକୁ । ଯେତେ ମୋଟା ପର୍ଦ୍ଦା ଲଗାଇଲେ କବାଟ ଝରକା ବନ୍ଦ କଲେ ବି ନିସ୍ତାର ନାହିଁ ସେମାନଙ୍କ ଆକ୍ରମଣରୁ । ତା'ପରେ ଦେଖ ଘର ଭିତରର ଅବସ୍ଥା ସବୁଦିନ । ପୋଛିଲେ ବି ଡ୍ରଇଁରୁମର ରୂପା ରଙ୍ଗର ଟିଭିଟା କେମିତି ମାଟିଆ ମାଟିଆ ଲାଗିଲାଣି । ସୁନେଲି ଫୁଲଦାନୀଟାରେ ଅଦ୍ଭୁତ ଏକ ରଙ୍ଗର ଭିଡ଼ । କୁସନ୍ କଭର ସାତ ଦିନକୁ ଥରେ ବଦଳେଇଲେ ବି ଖୁବ୍ ଶୀଘ୍ର ସେମାନେ ନିଜର ଔଜଲ୍ୟ ହରେଇ ବସନ୍ତି । ଚପଲ ପିନ୍ଧି ଚାଲିଲେ ବି ପାଦ ତଳଟା ସବୁବେଳେ

ଅପରିଷ୍କାର ଲାଗେ ।

ସହଜେ ପାହାଡ଼ ଘେରା । ଏ ଜାଗାଟାରେ ଶୀତର ଦୌରାତ୍ମ ଟିକେ ଅଧିକ । ଭୁବନେଶ୍ୱରରେ ଭାଇ ନାନୀ ସମସ୍ତେ ଫ୍ୟାନ୍ ଦେଇ ଶୋଉଥିବା ବେଳେ ମୋତେ ଏଠି ରେଜେଇ କାଢ଼ି ଖରାରେ ଦେବାକୁ ପଡ଼େ । ନ ହେଲେ ଭାରି ହେମାଳ ହେମାଳ ଲାଗେ ରାତଟା । ଏତେ ସବୁର ଫଳ ଯାହା ହେବାକଥା ହୁଏ । ଯେତେ ଯତ୍ନ ନେଲେ ବି ପାଦ ଫାଟିବା କଥା ଫାଟେ । ଫଟା ପାଦର ମଲା ଚର୍ମ ସବୁ ରେଜେଇ ଖୋଳରେ ଲାଗି ଯୋଉ ଅଦ୍ଭୁତ ଶବ୍ଦ କରନ୍ତି ତାକୁ ମୋର ଭୀଷଣ ଘୃଣା । ସେଥିପାଇଁ ସବୁଦିନ ନ ହେଲେ ବି ଯେବେ ସମୟ ମିଳେ ଶୋଇବା ଆଗରୁ ଟିକେ ଉଷୁମ ପାଣିରେ ଗୋଡ଼ ବୁଡ଼େଇ ଥାଏ ମୁଁ । ଘଷି ଘଷି ପାଦରୁ ମଳି ଛଡ଼େଇ କ୍ରିମ୍ କି ଗ୍ଲିସେରିନ୍ ଟିକେ ଲଗେଇ ଦେଲେ ଶାନ୍ତିରେ ଶୁଏ ମୁଁ ।

ସେଦିନ ବାଥରୁମରୁ ଟୟଲେଟକୁ ଯିବାର ମଝି ପାହାଚଟାରେ ବସି ପାଦରେ କ୍ରିମ୍ ଘଷୁଥିଲି । ସଫାପାଦରେ କ୍ରିମ ଲଗେଇବା ଆଗରୁ ବାଥରୁମ ଯାଇ ଆସିବି ବୋଲି ଭାବିଲି । ଉଠୁ ଉଠୁ ସର୍....ର୍ କରି ପାଦଟା ଖସିଗଲା । ହାତ ପାଖରେ କିଛି ବି ନଥିଲା ଧରି ଅଟକି ଯିବାକୁ । ଶହେ ଚେଷ୍ଟା କଲେ ବି ନିଜକୁ ଅଟକାଇ ପାରିଲିନି । ବାଁ ଗୋଡ଼ ଆଣ୍ଠୁମାଡ଼ି ପଡ଼ିଗଲି । ଚଟାଣରେ ବାଡ଼େଇ ହୋଇଗଲା ଆଣ୍ଠୁଟା । ଭୀଷଣ କଷ୍ଟ ହେଲା । ଏତେ ରାତିରେ ଆଉ କଣ କରି ପାରିଥାନ୍ତି ?

କାହାକୁ ଡାକିବାର ବି ଉପାୟ ନଥିଲା । ପିଲାମାନଙ୍କର ପରୀକ୍ଷା ଥିଲା ପରଦିନ । ସେଥିପାଇଁ ସେମାନେ ଜଲଦି ଖାଇଦେଇ ଶୋଇପଡ଼ିଥିଲେ । ବୋଉ ବି ଶୋଇଯାଇଥିଲା, ସେମାନଙ୍କ ପାଖରେ । ଜୋରରେ ଡାକିଥିଲେ ହୁଏତ ବୋଉ ଉଠିଥାନ୍ତା । ହେଲେ ସେ ଉଠିଲେ ବି କଣ ଆଉ କରି ପାରିଥାନ୍ତା ? ଖାଲି ଗୁଡ଼ାଏ ବ୍ୟସ୍ତ ହୋଇଥାନ୍ତା ଯାହା । ସେଥିପାଇଁ କାହାକୁ ଉଠେଇବାକୁ ମନ ହେଲାନି । ଦାନ୍ତ ଚପି ଯନ୍ତ୍ରଣାକୁ ଢୋକୁ ଢୋକୁ ମଲମଟିଏ ବୋଳିଦେଇ ଆସି

ଶୋଇପଡ଼ିଲି ।

ଦିନ ତ ହୋଇଗଲା - ହେଲେ ସକାଳୁ ଆଉ ଗୁଲିବା ଅବସ୍ଥାରେ ନଥିଲି । ସେମିତ ଗୋଟିଏ ଗୋଡ଼ରେ ଡେଇଁ ଡେଇଁ ପିଲାଙ୍କୁ ସ୍କୁଲପାଇଁ ତୟାର କରି ପଠେଇ ଦେବାପରେ କଲେଜକୁ ଛୁଟି ଦରଖାସ୍ତଟିଏ ପକେଇ ଦେଇ ଘରେ ଚୁପ ଗୁପ୍ ବସିରହିଲି ।

ନା ହେଲାନି, ଅସହ୍ୟ ଯନ୍ତ୍ରଣା ହେବାରୁ ବାଧ ହୋଇ ହସପିଟାଲ ଯିବାକୁ ପଡ଼ିଲା । ସୁଦୀପ୍ତ ଏଠି ନଥାନ୍ତି, ସଂସାରର ସବୁ କାମ ଏକା ଏକା ସମ୍ଭାଳୁଥିଲେ ମଧ ଆଜ ମୁଁ ପୁରା ଏକା - ମୁଁ ଘ୍ଷେଟେଇ ଘ୍ଷେଟେଇ ହସପିଟାଲ ଯିବାର ସାହାସ ଯୋଗାଡ଼ କରି ପାରିଲିନି । ବାଁ ପାଦଟା ତଳେ ଛୁଏଁଇଲେ ଯନ୍ତ୍ରଣାରେ ଖିନିଭିନ୍ ହୋଇଯାଉଥିଲା ଅଣ୍ଟାରୁ ପାଦ ପର୍ଯ୍ୟନ୍ତ । ସାଙ୍ଗ ଜଣଙ୍କୁ ଡାକି ଡାକ୍ତରଙ୍କ ପାଖରେ ପହଞ୍ଚିଲି । କଣ ହୋଇଛି ଜାଣିବାପାଇଁ ସେ ଯେତେବେଳେ ଆଣ୍ଠୁ ଉପରେ ଆଙ୍ଗୁଠି ଚପି ଦେଇଛନ୍ତି - ଉଃ... ଚଲ୍ଲେଇ ଉଠିବା କଥା ଚିନ୍ତା କରିପାରିଲିନି । ଏଇ ବୟସରେ ଆଉ କଣ ଚଲ୍ଲେଇଥାନ୍ତି ? ଦାନ୍ତ ଚପି ଚପି ଚିତ୍କାରଟାକୁ ପେଟ ଭିତରକୁ ଓଲଟାଇ ନେଲେ ବି ଆଖି ଦିʼଟା ବୋଲି ମାନିଲେନି । ଜବରଦସ୍ତ ଦୁଇଟୋପା ଲୁହ ଗଡ଼ି ଆସିଲେ ।

ଯଦିଓ ଫୁଲି ଯାଇଥିବା ଆଣ୍ଠୁଟା - ମୁଁ ଭାବୁଥିଲି ସାମାନ୍ୟ ଟିକେ କଣ ହୋଇଛି । ହେଲେ ଡାକ୍ତର ଯେତେବେଳେ ଖୁବ୍ ନରମ ଗଳାରେ ଏକ୍ସରେ ଟିକେ କରିଆଣ ବୋଲି କହିଦେଲେ, ନିର୍ଦ୍ଧୁମ ଶୀତ ଦିନଟାରେ ସୁଦ୍ଧା ମୋ ଦେହରୁ ଝାଳ ବୋହିଗଲା । ଏକ୍ସରେ ? ମାନେ ଯଦି ଭାଙ୍ଗିଥିବ, ପ୍ଲାଷ୍ଟର ? ଅନ୍ତତଃ ତିନିଗୁରି ମାସ ପୁରାପୁରି ବିଶ୍ରାମ ? ହେ ଭଗବାନ କିଏ ସମ୍ଭାଳିବ ମୋ ଏକୁଟିଆ ସଂସାରର ମଙ୍ଗ ? ପିଲାଙ୍କ ପରୀକ୍ଷା ? କେତେ ବର୍ଷର ଆମନ୍ତ୍ରଣ ପରେ ପନ୍ଦର କୋଡ଼ିଏ ଦିନ ହେବ ମୋ ପାଖକୁ ବୁଲି ଆସିଥିବା ବୋଉର ଚର୍ଚ୍ଚା ? ଘରର ବାକି ସବୁ ଦାୟିତ୍ୱ ? କଲେଜ ? କେଇଟା ଦିନ ପରେ ଆରମ୍ଭ ହେବାକୁ ଥିବା ପ୍ଲସ୍ ଟୁ ପରୀକ୍ଷା ?

ହେ ଭଗବାନ - ଆଖି ବୁଜିଦେଲି ମୁଁ । ନୀରବରେ ଆଉ ଗୋପନରେ ହାତ ଟେକି

ଦେଲ । ଯାହା ହେଉ - ଏକ୍ସରେ ରିପୋର୍ଟରେ କିଛି ବାହାରିଲାନି । ଡାକ୍ତର ଗୁଡ଼ାଏ ଔଷଧ ଯେମିତି ପେନ୍ କିଲର୍, ଆଣ୍ଟାସିଡ଼୍, ମସଲ୍ ସ୍ପ୍ରେ ଲେଖିଦେଲେ । ବରଫ ଲଦିବାର ଉପଦେଶ ଦେଇ କହିଲେ, "ଯଦି ଲିଗାମେଣ୍ଟରେ କିଛି ଅସୁବିଧା ଥିବ ତେବେ ସେଇଟା ତ ଏବେ ଜଣା ନ ପଡ଼ିପାରେ । ଗୋଟିପାଞ୍ଚ ଦିନପରେ ଯଦି ଦରଜ କମ ନ ହୁଏ, ପୁଣି ଆସିବେ ।"

ବୋଉ ସବୁଦିନ ଥାଏ ଘରେ - ସାନ ଭଉଣୀ ପାଖରେ । ତ ଖୁସିରେ ସେ ଯଦି କେବେ ପରିବାଟେ କାଟିଦେଲା କି ଶାଗଟେ ବାଛିଦେଲା - ନ ହେଲେ ସୋନା ତାକୁ କିଛି କରିବାକୁ ଦିଏନି । ସାରା ଜୀବନ ଘରର ଗୁଡ଼ାଏ ଲୋକ, ବନ୍ଧୁବାନ୍ଧବ, ଗାଁର ଚିହ୍ନା ପରିଚିତ ଭିତରୁ ଆଂଅ ଘରେ ରହି ପଢୁଥିବା ବେଶ୍ କିଛି ପିଲାଙ୍କୁ ସମ୍ଭାଳୁ ସମ୍ଭାଳୁ ତା ଭିତରେ ସବୁ ଶକ୍ତି ନିଶ୍ଚିହ୍ନ ହୋଇଯାଇଥିଲା । ଏବେ ଖାଲି ଏସିଡ଼ିଟି, ଗ୍ୟାଷ୍ଟ୍ରିକ୍, ପ୍ରବଳ ଥଣ୍ଡା ବେମାରୀ ଆଦିକୁ ହରଦମ ବୋହି ବୋହି ଗୋଲୁଥିଲା । ସେ ଦିନ ପାପାଲି - ସୋନାର ପାଞ୍ଚବର୍ଷର କୁନି କଣ୍ଢେଇଟାକୁ କହିଲି - "ତୋର ତ ପରୀକ୍ଷା ସରିଲାଣି - ଆସୁନୁ ଏଇଠିକି ?" ଦରହସୀଟା ହସୁ ହସୁ କହିଲା, "ଯାଇ କଣ କରିବ ଯେ ? ତୁମେତ ଗ୍ରେଟୀ ହୋଇଯାଇଛ । ବୋଉକୁ ତ ଗନ୍ଧି ଆସେନି । ମୋତେ କିଏ ଖାଇବାକୁ ଦେବ ?" ବୋଉକୁ ଆମ ଘରେ ସୋନା ଯେମିତି ରଖିଥାଏ, ବୋଉ ସେଠି ଫୁଲ ପରି ଥାଏ । ନିଜ ଜୀବନର ଅଧିକାଂଶ ଭାଗ ରୋଷେଇ ଘରେ ବିତେଇଥିବା ମୋ ବୋଉକୁ ଗନ୍ଧି ଆସେ ବୋଲି ପାପାଲି ଜାଣିନଥିଲା ।

ହେଲେ ଏଠି ମୋ ଅବସ୍ଥା ଦେଖି ଦି ଦିନ ବୁଲି ଆସିଥିବା ବୋଉ ମୋର ଆପେ ଆପେ ସବୁ ଦାୟିତ୍ୱ ନିଜ ମୁଣ୍ଡ ଉପରକୁ ନେଇଗଲା । ଏତେ ଗୁଡ଼ାଏ ବର୍ଷ ପରେ ସେହି ବହୁ ପରିଚିତ ପୁଣି ଅପରିଚିତ ହୋଇଯାଇଥିବା ବୋଉ ହାତରନ୍ଧା ପାଟିକୁ ତ ବହୁତ ଭଲ ଲାଗୁଥିଲା, ହେଲେ ତା ପରିଶ୍ରମ ଦେଖିଲେ ମନ ଖରାପ ଲାଗୁଥିଲା । କାହା ମନକୁ କଣ ପାଇବ - କିଏ କଣ ଭଲ ପାଇବ ବୋଲି ଭାବି ଭାବି ଅନେକ କରୁଥିଲା ସେ - କିନ୍ତୁ ସବୁକୁ ଦେଖି ମୋ ଆଖି ଲୁହରେ ଭର୍ତ୍ତି

ହୋଇଯାଉଥିଲା । ଶେଷରେ ମୋ ବୋଉକୁ ମୁଁ ରନ୍ଧେଇଲ ?

ଦୁଇଦିନ ପରେ ଗୋଡ଼ର ଅବସ୍ଥା ଟିକେ ଠିକ୍ ହୋଇ ଆସିଲା । ତା'ର ଶତ ବାରଣ ସତ୍ତ୍ୱେ ବି ମୁଁ ଉଠିଲି । ଏମିତି ଆରାମରେ ବସି ବସି ଖାଇବା ଦିନ କଣ ଆଉ ଅଛି ? ତିନି ଚାରିଦିନ ବେଳକୁ ବି ଗୋଡ଼ ପୁରା ଠିକ୍ ହୋଇନଥିଲା । ପାଦ ପକେଇଲେ ଆଣ୍ଠୁ ଭିତରେ କଣ ଗୋଟେ ରଗଡ଼େଇ ଦେଇ ଅସ୍ତବ୍ୟସ୍ତ କରିଦେଲା ଭଳି ଲାଗୁଥିଲା । ତଥାପି ମୁଁ କାହାକୁ ନ ଜଣେଇବାପାଇଁ ଅନେକ ଚେଷ୍ଟା କରି ପାଦ ଥାପୁଥିଲି ଭୂଇଁରେ - ଧିରେ ଚାଲିଲେ ବି - ଠିକ୍ ଚାଲୁଛି ବୋଲି ଆତ୍ମସନ୍ତୋଷରେ ଭରି ଯାଉଥିଲି । ପିଲାମାନେ ଭାବିଦେଲେ ମୁଁ ପୁରା ଠିକ୍ ହୋଇଗଲି । ସେଥିପାଇଁ ତିନି ଚାରିଦିନ ହେବ ସମବେଦନାରେ ତରଳି ତରଳି ଯେଉଁ ଛାତ ଉପରୁ ଲୁଗା ଦି'ଖଣ୍ଡ ତୋଳି ଆଣୁଥିଲେ କି ପାଣି ଗିଲାସେ ନେଇ ପିଇଦେଉଥିଲେ - କିଛି ନ ହେଲେ ଖାଇବା ସମୟରେ ନିଜେ ଆସନ ପକେଇ ବସୁଥିଲେ ସେତକ ବି ବନ୍ଦ କରିଦେଲେ । ମାମା ପରା ଠିକ୍ ହୋଇଗଲା... ।

ସେଦିନ ସୋନା ପଚାରୁଥିଲା, ଫୋନରେ ବୋଉକୁ ମୋ ଗୋଡ଼ କଥା । ବୋଉ କହିଲା, "ନା, ତା ଗୋଡ଼ଟା ଏ ପର୍ଯ୍ୟନ୍ତ ଠିକ୍ ହୋଇନି । ଛୋଟେଇ ଛୋଟେଇ ଚାଲୁଛି । କଣ ଯେ ହେଲା, ମୋତେ ଭାରି କଷ୍ଟ ଲାଗୁଛି ।" ଚମକି ପଡ଼ି ଟାଣି ଆଣିଲି ବାଁ ଗୋଡ଼ଟାକୁ ମୋ ଶାଢ଼ି ତଳକୁ । ଏତେ ଲୁଚେଇବି ମୋ ବୋଉ ଆଖିରେ ଧୂଳି ଛାଟିପାରିଲିନି ? କେମିତି ଜାଣିଲା ସେ ଏ ପର୍ଯ୍ୟନ୍ତ ମୋତେ କଷ୍ଟ ହେଉଛି ? ଏତେ କଷ୍ଟ କରି ଦି ପାଦ ସମାନ ପକାଇବାର ଚେଷ୍ଟାରେ ମୁଁ ନିଯାନ୍ତ ହୋଇ ଯାଉଛି, ସେମିତି ସେମିତି ସବୁ ଘରକାମ କରୁଛି । ପିଲାମାନଙ୍କ ଆଖିରେ ଟିକେ ବି ବାରିପାରୁନି ମୋ ଅସହଜ ଚାଲିର କଥା ଆଉ ଇଏ... ?

ବଡ଼ ଝିଅର ଖିଲ୍ ଖିଲ୍ ହସରେ ବୁଲି ଚାହିଁଲି । ହାତଠାରି ମୋତେ ପାଖକୁ ଡାକିଲା । ମୋ କାନ ପାଖରେ ମୁହଁ ରଖି କହିଲା, "ମାମା ଦେଖ । ଆଉ ଏତେ ବଡ଼ ହୋଇବି କେମିତି ମିଛ

କହୁଛି । କହୁଛି ତୁ ଏବେ ବି ଗ୍ଲେଟୋଉଛୁ ? ସମବେଦନା ଗୁହୁଁଛି ମାଉସୀ ପାଖରୁ ସେ ?"

ମୋ ଆଖିରେ ସେତେବେଳେ ଇନ୍ଦ୍ରାବତୀର ବନ୍ୟା । କେମିତି ବୁଝେଇଥାନ୍ତି, ମୋ ଚୁଲବୁଲ ଝିଅକୁ, "ମା'ରେ ତୁ ମୋ ଝିଅ ସେଇଥିପାଇଁ ତୁ ଜାଣିପାରୁନୁ ମୋ ଦେହର କୋଉ ଶୀରରେ ଯନ୍ତ୍ରଣାର ସୁଅ, ତାକୁ କନ୍ତି ମୁଁ କଣ ଲୁଚେଇବ ? ତା ଆଖି, ମନ ସବୁ ପରି ଏକ୍ସରେଠୁ ବି ଅଧିକ ଶକ୍ତିଶାଳୀ । ଯେତେ ଆଢୁଆଳ କଲେ ବି ତାକୁ ଦେଖା ଯାଉଛି ମୋ ଦେହ ଭିତରର ପ୍ରତିଟି ଶିରି ପ୍ରଶିରା, ବିନ୍ଦୁ ବିନ୍ଦୁ ରକ୍ତ ଆଉ ଖଣ୍ଡ ଖଣ୍ଡ ଅସ୍ଥିତ ସ୍ଥିତ । ସିଏ ପରି ମୋ ବୋଉ..."

ଯୋଡ଼ା ମହିଳା ମହାବିଦ୍ୟାଳୟ
ବନେଇକଳା, ଯୋଡ଼ା
କେନ୍ଦୁଝର - ୭୫୮୦୩୮




Dr Jyoti Prasad Pattnaik, 9040985463

ପଣା ସଂକ୍ରାନ୍ତି ଦିନ ବ୍ରହ୍ମପୁର ଠାରେ ମାଗଣାରେ ପଣା ବଣ୍ଟନ କରାଯାଉଥିବା ଦୃଶ୍ୟ

# ଆମ ଗାଁ ହାଲଚାଲ



ଡା ଜେ୍ୟାତ ପ୍ରସାଦ ପଟ୍ଟନାୟକ

"ତମ ପିଲ୍ମାନେ ଯଦ ଏମିତ କାମ କରବେ ଆମ ଗାଁ ପିଲେ ଆଉ କଣ ଶିଖିବେ ? ଛି ଛି ଛି... ଗାଁ ପଧାନ ବୋଲ ଯାହା ଇଜ୍ଜତ ଥିଲ୍ ସେତକ ବ ତମ ପିଲ୍ମାନେ ମାଟିରେ ମିଶେଇ ଦେଲେ । ନା... ତମ ଇଚ୍ଛା ଯାହା ତାହା ହେବନ । ଆମର ଗାଁର କଛ ନୀତ ଅଛ ନୟମ ଅଛ । ତମ ପିଲେ ଯାଇ ବମ୍ବେରେ ରହଲେ କ ଦଲ୍ଲୀରେ ରହଲେ ବୋଲ ଗାଁର ନୀତନୟମକୁ ମାନବେନ ନା କଣ ? ବଦେଶରେ କଣ ହଉଛ ନ ହଉଛ ସେ ସବୁ ସେ ଦେଶର କଥା, ଆମ ଦେଶରେ ଏମିତ ହୁଏନ କ ଆମେ ହେବାକୁ ଦେବୁନ ।" ଅନର୍ଗଳ ଭାବରେ କହଯାଉଥିଲ୍ ବଳଆ । ନଜେ ନର୍ମାଣ କରଥିବା ଗାଁ ସ୍କୁଲ ପିଣ୍ଡାରେ ମୁଣ୍ଡପୋତ ବସିଥିଲେ ରଘୁସ୍ୱାଇଁ । ଆଜୀବନ ପରଶ୍ରମ କର ଯେଉଁ ଅର୍ଥସମ୍ବଳ ସଞ୍ଚୟ କରଥିଲେ ସେହ ଅର୍ଥକୁ ଖଟେଇ ଗାଁ ପିଲ୍ଙ୍କ ପାଇଁ ସ୍କୁଲଘରଟିଏ କରଦେଇ ଥିଲେ । ଗାଁରେ ଖୁବ୍ କାଟତ ଥିଲ୍ ସ୍ୱାଇଁ ବାବୁଙ୍କର । ସହରରେ ବ ଘର କରଛନ୍ତ । ଦୁଇ ସନ୍ତାନ ଭଲ ଚାକରୀ କରୁଛନ୍ତ । କୌଣସି ଜନଷର ଅଭାବ ନାହିଁ । ସହରରେ ରହୁଥିବା ସ୍ୱାଇଁବାବୁଙ୍କ ଗାଁ ମୋହ ଟିକେ ଅଧିକ ସେଥିପାଇଁ ପୁଅମାନେ ବେଳେ ବେଳେ ବରକ୍ତ ବ ହୁଅନ୍ତ, ହେଲେ ଗାଁ ମାଟିର

ମୋହ ତ୍ୟାଗ କରିପାରି ନାହାନ୍ତି ସେ । ଦଶବର୍ଷ ତଳେ ଚାକିରୀରୁ ଅବସର ନେଇ ସ୍ୱାଇଁବାବୁ ଯେତେବେଳେ କର୍ମକ୍ଷେତ୍ରରୁ କିଛି ସମୟ ପାଇଲେ, ସେତେବେଳେ ସେ ନିଜ ଗାଁ ମାଟିର ଉନ୍ନତି କଳ୍ପେ ଗାଁରେ ସ୍କୁଲଟିଏ ଖୋଲିଦେଇ ଦେଲେ । ଦଶବର୍ଷ ଭିତରେ ସ୍କୁଲରେ ବହୁତ ଉନ୍ନତି ହୋଇଛି, ଶୁଣାଯାଉଛି ସରକାର କାଲି ସ୍କୁଲକୁ ଅଧିଗ୍ରହଣ କରିନେବେ । ସ୍ୱାଇଁବାବୁଙ୍କ ଦୟାରୁ ଗାଁରେ ବେକାର ବସିଥିବା ପନ୍ଦରପାଞ୍ଚ ଜଣ ଯୁବକ ଏବେ ସରକାରୀ ସ୍କୁଲ ଶିକ୍ଷକ ହୋଇଯିବେ । ଏ ସବୁ ସତ୍ତ୍ୱେ ଆଜି ସ୍ୱାଇଁ ବାବୁଙ୍କୁ ଗାଁ ଲୋକଙ୍କ ଆଗରେ ମୁଣ୍ଡିପାତି ବସିଥିବା ଦେଖି ବହୁତ ଆଶ୍ଚର୍ଯ୍ୟ ଲାଗୁଥିଲା ।

ବଳିଆର କଥା ଶେଷ ନ ହେଉଣୁ, ରଘୁ ସ୍ୱାଇଁ ଉଠି କହିଲେ, "ମୋ ଝିଅ କଣ ଦୋଷ କରିଥିଲା ? ତମେ ହିଁ ତ କହିଥିଲ, ତାକୁ ବୋହୂ କରିବ ବୋଲି । ଏବେ ସେ କଥା କୁଆଡ଼େ ଗଲା ? ତମ ପୁଏ ସହରରେ ରହି ପାଠ ପଢ଼ିଦେଲେ ବୋଲି ଆମ ଝିଅକୁ ପର କରିଦେଲେ ଚଳିବ ନି । କଥା ଦେଇଥିଲ ଯଦି ଏବେ କଥା ରଖ ।" ସ୍ୱାଇଁ ବାବୁ କହିଲେ, "ପିଲାବେଳେ ଏମିତି କହୁ କହୁ କହିଦେଇଥିଲି ଯେ ସେଇଟା କଣ ନିୟମ ହୋଇଗଲା ? ପିଲାଦିନେ ଏମିତି ଅନେକ କଥା କହନ୍ତି । ସେ ସବୁ କଣ ନିୟମ ହୋଇଯାଏ ?" ରଘୁ ସ୍ୱାଇଁ କ୍ରୋଧିତ ହୋଇ କହିଲେ, "ଓହ୍, ତମେ ବଡ଼ ଲୋକ ନାହିଁ କି ? ତମ ଇଚ୍ଛା ହେଲେ ତମେ କହିବ ନହେଲେ ଭୁଲିଯିବ । ନା କଣ ? ତମ ମୁହଁରେ ଲାଜ ନାହିଁ । ବଡ଼ଲୋକି ତମ ଘରେ ଦେଖେଇବ । ଗାଁରେ ରହିବାର ଅଛି ଯଦି ନୀତିନିୟମ ମାନିବାକୁ ପଡ଼ିବ । ଆଉ ମୋ ଝିଅ ମାଳତୀକୁ ତମେ ବୋହୂ କରିବାକୁ ପଡ଼ିବ ।"

ବେଞ୍ଚ ଉପରେ ବସିଥିଲେ ଗାଁ ସ୍କୁଲ ମାଷ୍ଟ୍ରେ, ସେ କିନ୍ତୁ ସ୍ୱାଇଁବାବୁଙ୍କ ପ୍ରତି ଅନେକ ଆଦର ଓ ସମ୍ମାନ କରନ୍ତି, ସେ ସ୍ୱାଇଁବାବୁଙ୍କ ସପକ୍ଷରେ କହିଲେ, "ପିଲା ଦିନର କଥାକୁ ଧରି ଏବେ ଝଗଡ଼ା କରିବା ଅନୁଚିତ । ପିଲାଦିନେ ଅନେକ ଲୋକ ଏମିତି କହନ୍ତି । ସୁନ୍ଦର ପିଲାଟିଏ

ଦେଖିଲେ କହନ୍ତି, ୟାଙ୍କୁ ମୁଁ ବୋହୁ କରିନେବି.. ସେ ସବୁ କ୍ଷଣିକ ଆବେଗରେ କୁହାଯାଏ । ସେ ସବୁକୁ ଧରି ବସିଲେ ଚଳିବ । ଆଉ ରହିଲା ମାଳତୀ କଥା । ମାଳତୀ ଆମର ସୁନା ଝିଅଟେ, ତା ପାଇଁ କଣ ଯୋଗ୍ୟ ବରର ଅଭାବ ରହିବ ରଘୁ କକା ? କାହିଁକି ତମେ ଜିଦ୍ କରୁଛ ? ଗୁଡ଼ । ସ୍ୱାଇଁବାବୁଙ୍କ ପୁଅ ଯଦି ନିଜ ଇଚ୍ଛାରେ ବିବାହ କରିବାପାଇଁ ନିଷ୍ପତ୍ତି ନେଇ ସାରିଲେଣି, ତା ହେଲେ ଆମେ ଏଠି ବସି ଝଗଡ଼ା କରିଲେ କିଛି ଲାଭ ହେବନି । ବରଂ ତା'ର ମନ ପରିବର୍ତ୍ତନ ହୋଇଗଲେ, ହୁଏତ ସ୍ୱାଇଁବାବୁଙ୍କ ଘରେ ଅଶାନ୍ତି ହୋଇପାରେ ।"

ମାଷ୍ଟ୍ରେଙ୍କ କଥା ଶୁଣି ରଘୁସ୍ୱାଇଁ ଚିତ୍କାର କରି କହିଲେ, " ଏଇ ବାହାଘର ମୁଁ କରେଇ ଦେବିନି । କୋର୍ଟ୍ ଯିବି । କଚେରୀ ଯିବି । ମୋ ଝିଅକୁ ନ୍ୟାୟ ନ ମିଳିଲେ ମୁଁ ଗାଁରେ ନିଆଁ ଲଗେଇ ଦେବି ।"

ରଘୁଙ୍କ କଥା ଶୁଣି ଗାଁ ସମିତି ସଭ୍ୟ ହରି ମହାରଣା ପାଟି କରି କହିଲେ, 'ହେ, ବସ୍ । କହିଲୁ କଣ ନା ନିଆଁ ଲଗେଇ ଦେବି । ଆରେ ହେ ତୋ ଝିଅକୁ ବୋହୂ କରିବେ ବୋଲି ସ୍ୱାଇଁ ବାବୁ କିଛି ପ୍ରମାଣ ସ୍ୱରୂପ ଦେଇଥିଲେ କି ? ମୁଦି, ହାରି ? ସେ କଥା ଦେଇଥିଲେ ବୋଲି କିଏ ଦେଖିଥିଲା କି ? ସାକ୍ଷ୍ୟପ୍ରମାଣ କିଛି ଅଛି କି ?"

ରଘୁ ସ୍ୱାଇଁ ନିରବ ହୋଇଗଲା ପରେ ସେ ହସିଦେଇ କହିଲେ, "ଶୁଣ, ମାଳତୀ ଗାଁ ଝିଅ । ସେ ଗାଁରେ ବଢ଼ିଛି, ଗୃହଚଳନ ଶିଖିଛି । ତା ଯୋଗ୍ୟ ପାତ୍ରଦେଖି ବିବାହ ଦେବା । ଖୁସିରେ ରହିବ । ଯଦି ସ୍ୱାଇଁବାବୁଙ୍କ ପୁଅ ଅନ୍ୟ କୋଉଠି ମନସ୍ଥ କରିଛି, ସେଇଠି ଜିଦ୍ କରି ବିବାହ ଦେଲେ, ସେ ତୋ ଝିଅକୁ କେବେ ବି ଖୁସିରେ ରଖିଦେବ ନାହିଁ । ଆଉ ସେ ଆଉ ଝିଅଟା କଥା ଟିକେ ଚିନ୍ତା କର । ତା ନିଶ୍ୱାସ ପଡ଼ିଲେ ତୋ ଝିଅର ସଂସାର ଭଲରେ ଚଳିବ କି ?"

ରଘୁ ସ୍ୱାଇଁ ନିରବ ହୋଇଗଲେ । ଏପାଖ ସେପାଖକୁ ଦେଖିଲେ । ଲାଗୁଥିଲା ସମସ୍ତେ ଯେମିତି ସ୍ୱାଇଁବାବୁଙ୍କ ସପକ୍ଷରେ ଯୁକ୍ତି ବାଢ଼ିବାକୁ ବସିଛନ୍ତି । ସେ କହିଲେ, "ମୋତେ ଲାଗୁଛି

ଏଠି ନ୍ୟାୟ ହେଉନି । ସ୍ୱାଇଁବାବୁଙ୍କ ପୁଅଙ୍କ ଭୁଲକୁ ଠିକ୍ ବୋଲି ପ୍ରମାଣିତ କରାଯାଉଛି । ମୁଁ ଏଠି ରହିପାରିବିନି । ତମେ ବଡ଼ ଲୋକ ଭୁଲ କଲେବି କେହି କିଛି କହିବେନି । ମୋ ଝିଅ ଆଶା କରିଥିଲା, ତା ନିଃଶ୍ୱାସ ପଡ଼ିବ ।” ସେ ଉଠି ସଭାସ୍ଥଳରୁ ଚାଲିଗଲେ ।

ସ୍ୱାଇଁ ବାବୁଙ୍କୁ ସବୁ ଚାହିଁଛନ୍ତି । ସେ ମୁଣ୍ଡ ଟେକି ଦେଖୁଛନ୍ତି, ସବୁ ତାଙ୍କୁ ହିଁ ଚାହୁଁଛନ୍ତି । ସ୍ୱାଇଁବାବୁ କହିଲେ, “ମୋ ବଡ଼ପୁଅ ମୋ କଥା ରଖି ମୋ ପସନ୍ଦର ଝିଅ ସହ ବିବାହ କରିଥିଲା । ଏବେ ଖୁସିରେ ଅଛି । ହେଲେ ସାନ ପୁଅ ସବୁବେଳେ ବିବାହ ପାଇଁ ମନା କରୁଥିଲା । ଯେତେ ପ୍ରସ୍ତାବ ଆସିଲେ ନ ଦେଖି ମନା କରିଦେଲା । ବୟସ ବି ହେଲାଣି । ତା ବୋଉ ଜିଦ୍ କରିବାପରେ କହିଲା, ସେ ଝିଅ ନିଜ ପସନ୍ଦର ହିଁ ବିବାହ କରିବ । ଆମେ ଏବେ ହଁ କହିଲେ ଅସୁବିଧା ହେଉଛି ଆଉ ନାଁ କହିଲେ, ପୁଅ ସହ ସଂପର୍କ ଛିଡ଼ି ଯାଉଛି । ବୟସ ବି ଢେର୍ ହେଲାଣି । ଏ ବୟସରେ ପୁଅକୁ ଅଲଗା କରିଦେବା ଭଳି ସାମର୍ଥ୍ୟ ମୋର ନାହିଁ । ତେଣୁ ଆମେ ତା ପ୍ରସ୍ତାବରେ ରାଜି ହେବା ଛଡ଼ା ଆଉ କିଛି ଉପାୟ ନାହିଁ । ମୁଁ ଚାହୁଁଥିଲି, ଗାଁ ସାହିଭାଇଙ୍କ ସହିତ ମିଶି ଏଇଠି ବାହାଘର କରିଦେଲେ, ଗାଁରେ ଭୋଜିଭାତ ଟିଏ କରିବି । ବଡ଼ପୁଅ ବେଳକୁ ଗାଁରେ ଭୋଜି କରିନଥିଲି ।”

“ତୁମେ ଯେତେବେଳେ ସବୁ ନିଷ୍ପତ୍ତି ନେଇ ସାରିଲଣି, ଆମେ କିଏ ମନା କରିବାକୁ । ଆଉ ଗାଁକୁ ଆସି ଏ ପ୍ରହସନ କରିବା କିଛି ଦରକାର ନାହିଁ । ତମ ପୁଅ ଯଦି ବାହାହେବ ବୋଲି ଚିନ୍ତା କରିସାରିଲାଣି, ତାକୁ କୁହ ସହରରେ ଯାଇ କୋର୍ଟରେ ବାହା ହେଇପଡୁ । ସେ ବାହାଘରକୁ ଆମେ କେହି ଯିବୁନୁ କି ତମ ଦୁଆର ମାଡ଼ିବୁନୁ । ଯାଅ, ସହରରେ ସବୁ କର । ଗାଁରେ କିନ୍ତୁ ଆମେ ଏ ଅନ୍ୟାୟ ହେବାକୁ ଦେବୁନି । ତୁମ ପୁଅ ଅଜାତିରେ ବାହାହେବ ବୋଲି ନିଷ୍ପତ୍ତି ନେଇ ସାରିଛି । ଆମ ଜାତିଭାଇ ଏହାକୁ କେବେ ବି ସମର୍ଥନ କରିବୁ ନାହିଁ ।” ବଳିଆ ଏତକ କହିବା ବେଳେ ସ୍ୱାଇଁବାବୁଙ୍କ ବଡ଼ ପୁଅଙ୍କୁ ଦେଖି ବଳିଆ କହିଲା, “ତୁ କାହିଁକି ଆଉ

ବୋପା କଥାରେ ବାହା ହେଲୁ ? ତୁ ବି ନିଜ ଇଚ୍ଛାରେ ଝିଅ ଦେଖି ବାହା ହେଇଯାଇଥାନ୍ତୁ । ଗାଁ ଆଉ ଜାତଭାଇଙ୍କ ସମ୍ମାନର କିଛି ମହତ୍ତ୍ୱ ନାହିଁ । ନିଜ ଇଚ୍ଛାରେ ଯାହା ଇଚ୍ଛା ତାହା କର । ସହରରେ ପାଠ ପଢୁଛ ତମେ ଏକା ବଡ଼ଲୋକ । ଆମେ ସବୁ କିଏ କି ? ବମ୍ବେ ଦିଲ୍ଲୀ ପଳେଇଲେ ସବୁ ଦୋଷ ମାଫ୍ । ନାଇଁ କି ରେ ?”

ବଡ଼ପୁଅ କହିଲା, “ବିବାହ ଜଣେ ବ୍ୟକ୍ତିର ବ୍ୟକ୍ତିଗତ ବ୍ୟାପାର, ଏଥିରେ ଅନ୍ୟ କୌଣସି ବ୍ୟକ୍ତି ହସ୍ତକ୍ଷେପ କରିବା ଅନୁଚିତ । ମୋ ସାନଭାଇ ଯଦି ନିଜ ଇଚ୍ଛାରେ ବିବାହ କରିବି ବୋଲି କହୁଛି, ଆମ ପରିବାର ତରଫରୁ କୌଣସି ଆପତ୍ତି ଅଭିଯୋଗ ନାହିଁ । ବାପା ଚାହୁଁଛନ୍ତି ଭୋଜି ଗାଁରେ କରିବାପାଇଁ, ଯଦି ସମସ୍ତେ ସହଯୋଗ କରିବେ ତ ଗାଁରେ ଭୋଜିଭାତ କରି ବିବାହ ଆୟୋଜନ ହେବ, ନହେଲେ ସହରରେ ଆମ ଘରେ ହେବ । ଆଉ ଏହି ବିଷୟକୁ ନେଇ ମୋ ବାପାଙ୍କୁ ଅପମାନିତ କରିବା ଅଧିକାର ଏଠି କାହାର ନାହିଁ । ଆଜୀବନ ମୁଣ୍ଡପାତି ଚାକିରୀ କରିବାପରେ ସେଇ ସଞ୍ଚୟ ଟଙ୍କାରେ ଗାଁରେ ସ୍କୁଲଟିଏ ଖୋଲିଥିଲେ ଭାବିଥିଲେ ଏଇ ସ୍କୁଲରେ ପାଠପଢ଼ି ଲୋକମାନେ ଶିକ୍ଷିତ ହେବେ, ହେଲେ ମୋତେ ଲାଗୁଛି, ଶିକ୍ଷିତ ହେବାପାଇଁ ଆହୁରି ଯୁଗଟିଏ ଲାଗିଯିବ । ସେ ଯା ହେଉ, ବିବାହ କରିବା ନ କରିବା ତା ବ୍ୟକ୍ତିଗତ କଥା, ସେଥିରେ ଆମର କିଛି କହିବାର ନାହିଁ । ହଁ କିନ୍ତୁ ସେ ବିବାହୋତ୍ସବରେ ଆପଣମାନେ ରହି ତାକୁ ଆଶିର୍ବାଦ ଦେଲେ ଆମେ ଖୁସି ହୋଇଥାନ୍ତୁ, କିନ୍ତୁ ଆପଣମାନଙ୍କ ଚିନ୍ତାଧାରା ହୁଏତ ସେ ସବୁ କରିବାକୁ ଦେବ ନାହିଁ । ତେଣୁ ଆପଣ ମାନଙ୍କୁ ଧନ୍ୟବାଦ ।”

ବଡ଼ପୁଅ ବାପାଙ୍କ ହାତଧରି କାର ଆଡ଼କୁ ନେଇ ଯାଉଥିଲା । ପଛରେ ସବୁ ଗୁଣୁଗୁଣୁ ହେଉଥିଲେ, “ପାଠ ପଢ଼ିଦେଲେ ଲୋକ ମନ ଇଚ୍ଛା କାମ କରନ୍ତି । ପଇସା ଥିଲେ ଯାହା ଇଚ୍ଛା ତାହା କଲେ ବି ଦୋଷ ନାହିଁ । ଇତ୍ୟାଦି ଇତ୍ୟାଦି...”

ଗାଡ଼ିରେ ବାପାଙ୍କୁ ବସେଇ ଦେଇ ପୁଅ ପଛକୁ ପୁଣି ଫେରି ଆସି କହିଲା, “ମୋତେ

ଲାଗୁଛ, ଏହ ଗାଁ ପାଇଁ ସ୍କୁଲର କୌଣସି ଆବଶ୍ୟକତା ନାହିଁ । କାଲଠୁ ସ୍କୁଲ ବନ୍ଦ ।”

ସ୍କୁଲ ବନ୍ଦ ବୋଲ ଶୁଣିବାପରେ ବଳଆ କହଲା, “ସ୍କୁଲ ବନ୍ଦ ହେବ କାହିଁକ ?” ସୂଚନାଯୋଗ୍ୟ ବଳଆର ଗୋଟିଏ ପୁଅ ସେଇ ସ୍କୁଲରେ ଶିକ୍ଷକତା କରୁଥିଲା । ବଡ଼ ପୁଅ ହସିଦେଇ କହଲା, “ଯଦ ସବୁକଛ ଆମ ଇଚ୍ଛାରେ ହେଉଛ, ଆପଣ ମାନେ କୌଣସି ପ୍ରକାର ସାହାଯ୍ୟ କରବାକୁ ଅନଚ୍ଛା କରୁଛନ୍ତ, ତେବେ ସ୍କୁଲ ବ ଆମ ଇଚ୍ଛାରେ ହିଁ ଖୋଲବ ନ ହେଲେ ବନ୍ଦ ହେବ । ଆଉ ଆମକୁ ଇଚ୍ଛା ନାହିଁ ଏ ଗାଁରେ ସ୍କୁଲ ଖୋଲବା ପାଇଁ । ଯେଉଁଠି ଲୋକମାନେ ଏତେ ସଂକୀର୍ଣ୍ଣମନା ସେଇଠି ସ୍କୁଲ ଖୋଲ, ମାସକୁ ମାସ ଦରମା ଦେବାକୁ ଆମର ବ ଇଚ୍ଛା ନାହିଁ ।”

ସମସ୍ତେ ନରବ ହୋଇଗଲେ । ମାଷ୍ଟ୍ରେ ମୁଣ୍ଡରେ ହାତ ଦେଇ ବସିଥିଲେ । ବଳଆ ମୁହଁକୁ ଯେମିତ କଏ ସିଲେଇ କରଦେଇ ଥିଲା । କଛ ଦନପରେ ସ୍ୱାଇଁ ବାବୁଙ୍କ ସାନପୁଅର ବାହାଘର ବଡ଼ ଧୁମଧାମରେ ଗାଁରେ ଆୟୋଜତ ହୋଇଥିଲା ।



ବ୍ରହ୍ମପୁରଠାରେ ରାହାଗିର ଦବସରେ ନୃତ୍ୟରତା ଶିଶୁ ଓଡ଼ିଶୀ ନୃତ୍ୟାଙ୍ଗନାଙ୍କ ଦୃଶ୍ୟ

# ଶବଦାହ ପାଇଁ କାଠର ବିକଳ୍ପ



ବାଲ୍ମୀକି ନାୟକ

ମୃତ୍ୟୁପରେ ମଣିଷ ଶରୀରକୁ ମାଟିତଳେ ପୋତିବା କିମ୍ବା ନିଆଁରେ ପୋଡ଼ିଦେବା ପରମ୍ପରା ସାରା ପୃଥିବୀରେ ରହିଛି । ମାଟିତଳେ ପୋତିଦେଲେ ଅନେକ ପ୍ରକାର ସମସ୍ୟାରୁ ମୁକ୍ତି ମିଳିଥାଏ କିନ୍ତୁ ନିଆଁରେ ପୋଡ଼ିଦେଲେ ଅନେକ ସମସ୍ୟା ଉପୁଜିଥାଏ । ପ୍ରଥମତଃ ଶବଦାହ ପାଇଁ ଆବଶ୍ୟକ ହେଉଥିବା କାଠ । ଦ୍ୱିତୀୟତଃ ବାୟୁ ଓ ପରିବେଶ ପ୍ରଦୁଷଣର ଭୟ । ଧିରେ ଧିରେ ପୃଥିବୀରୁ ଗଛମାନଙ୍କ ସଂଖ୍ୟା କମ ହେବାରେ ଲାଗିଥିବା ବେଳେ ବର୍ତ୍ତମାନ ଅନେକ ସ୍ଥାନରେ ଶବଦାହ ବେଳେ କାଠର ଘୋର ଅଭାବ ଦେଖାଦେଲାଣି । ଗାଁ ଗହଳରେ ଜଙ୍ଗଲ ପାଖରେ ଥିଲେ କାଠର ସମସ୍ୟା ହୁଏତ କମ ଦେଖାଯାଏ କିନ୍ତୁ ସହର ମାନଙ୍କର ଶହଦାହ ପାଇଁ କାଠ ମିଳିବା ଏକ କଷ୍ଟକର ବ୍ୟାପାର ହୋଇଗଲାଣି । ସେଥିପାଇଁ କାଠ ବ୍ୟବସାୟୀମାନେ ମନଇଚ୍ଛା ମହଙ୍ଗା ଦରରେ କାଠ ବିକ୍ରୀ କରୁଛନ୍ତି । ମୃତକଙ୍କର ପରିବାର ମାନେ ବାଧହୋଇ ଯେତେ ଦାମ ଦେଲେ ମଧ୍ୟ କାଠ କିଣୁଛନ୍ତି । ଅନ୍ୟ ପକ୍ଷରେ ଶବଦାହରେ ବ୍ୟବହାର ହେଉଥିବାରୁ ଅନ୍ୟାନ୍ୟ କାମ ପାଇଁ କାଠ କମ ହୋଇଯାଉଛି ।

ଶବଦହନ ପାଇଁ ଅନ୍ୟ ବିକଳ୍ପ ବ୍ୟବସ୍ଥାଗୁଡ଼ିକ ବ୍ୟବହାର କଲେ ଅନ୍ତତଃ କାଠ ଉପରେ ନିର୍ଭରଶୀଳତା କମ ହୋଇଯିବ ।

ବିକଶିତ ଦେଶ ମାନଙ୍କରେ ଶବର ଜୈବଦାହ ପ୍ରକ୍ରିୟା ଆରମ୍ଭ ହୋଇଗଲାଣି । ଏଥିରେ ମୃତ ଶରୀରକୁ ପାଉଁଶ ବଦଳରେ ତରଳ ପଦାର୍ଥରେ ପରିବର୍ତ୍ତନ କରିଦେଇ ହେଉଛି ।

ଆମ ଦେଶର ଅନେକ ସହର ମାନଙ୍କରେ ବିଦ୍ୟୁତ ଶବଦାହ ଗୃହ ନିର୍ମାଣ ହୋଇଛି । ଏଥିରେ ଖୁବ୍ କମ ସମୟରେ ପ୍ରଦୂଷଣ ମୁକ୍ତ ଶବଦାହ କ୍ରିୟା ସଂପନ୍ନ ହୋଇ ପାରୁଛି । ବିଶେଷତଃ ଏଥିରେ କାଠର ଜମା ବ୍ୟବହାର ହେଉନାହିଁ । ତେଣୁ ଏହା ପର୍ଯ୍ୟାବରଣ ଉପଯୋଗୀ ବୋଲି କହିହେବ । ପ୍ରଥମେ ପ୍ରଥମେ ଏଥିରେ କେବଳ ଅଣପରିଚିତ ଶବଦାହ କରାଯାଉଥିଲା । କାରଣ ଅନେକ ଧର୍ମରେ ନିଜନିଜର ପରମ୍ପରା ଅନୁଯାୟୀ ଶବକୁ ବିଭିନ୍ନ ବିଧିବିଧାନ ପାଳନ କରି କାଠର ଜୁଇରେ ହିଁ ପୋଡ଼ିବା ପ୍ରଥା ରହିଛି । ତା ନ ହେଲେ ମୃତବ୍ୟକ୍ତିର ତଥାକଥିତ ଆତ୍ମା ମୋକ୍ଷପ୍ରାପ୍ତ ହେବନାହିଁ । ଏବଂ ଅମୋକ୍ଷପ୍ରାପ୍ତ ଆତ୍ମା ଅସନ୍ତୁଷ୍ଟ ହୋଇ ଘର ଲୋକମାନଙ୍କୁ ଦଣ୍ଡ ଦେବ ବୋଲି ଏକ ଭ୍ରାନ୍ତ ଧାରଣା ରହିଛି । ଧନୀ ପରିବାରର ମୃତବ୍ୟକ୍ତିଙ୍କ ଜୁଇରେ ଦାମୀ ଚନ୍ଦନ କାଠ ଓ ଶୁଦ୍ଧ ଦେଶୀ ଘିଅର ବ୍ୟବହାର କରାଯାଇଥାଏ । ଏହା ସେମାନଙ୍କ ସାମାଜିକ ପ୍ରତିଷ୍ଠା ଓ ସମ୍ମାନର ପ୍ରଶ୍ନ ହୋଇଥାଏ । ଅସଲ କଥା ହେଉଛି - ଶବକୁ ଯେଉଁ ଜାଳେଣୀ ବ୍ୟବହାର କରି ପୋଡ଼ିଲେ ବି ପରିଣାମ ହେବ ପାଉଁଶ । ଜୁଇରେ କିରେସିନି ଢାଳ କି ଘିଅ, ଧୁଆଁ ବାହାରିବ ଅଙ୍ଗାରକାମ୍ଳ ।

ଧିରେ ଧିରେ ଲୋକମାନେ ବିଦ୍ୟୁତ୍ ଶବଦାହ ଗୃହର ଉପଯୋଗୀତା ଓ ଫାଇଦା ସଂପର୍କରେ ସଚେତନ ହେଲେଣି । ଶବକୁ ବିଧିମୁତାବକ ପୂଜାପାଠ କରି ଶେଷରେ ବିଦ୍ୟୁତ ଶବଦାହ ଗୃହକୁ ନେଇ ଯାଉଛନ୍ତି । ଖୁବ୍ କମ ଖର୍ଚ୍ଚ ଓ କମ ସମୟରେ ଦାହକ୍ରିୟା ସଂପନ୍ନ କରି ଘରକୁ ଫେରୁଛନ୍ତି ।

ସରକାର ଆହୁରି ବେଶୀ ସଂଖ୍ୟାରେ ସହର ସହିତ ଗାଁଗହଳରେ ବି ବିଦ୍ୟୁତ ଶବଦାହ ଗୃହ ନିର୍ମାଣ କଲେ କାଠ ସଂରକ୍ଷଣ ହୋଇ ପରିବେଶ ପରିଷ୍କାର ରହିପାରନ୍ତା । ଏପରିକି ଏଲପିଜି କ୍ରିଏସନ ମେଶିନ, ସିଏନଜି ଆଧାରିତ ଶବଦାହ ଗୃହ ବି ତିଆରି ହେଲେ କାଠର

ଅନାବଶ୍ୟକ ପୋଡ଼ିବା ଦରକାର ପଡ଼ିବ ନାହିଁ ।

ଆମ ଦେଶର ଏକ ସର୍ଭେ ରିପୋର୍ଟ ଅନୁସାରେ ପ୍ରତି ଏକ ମିନିଟରେ ଦଶଜଣ ବ୍ୟକ୍ତି ମୃତ୍ୟୁବରଣ କରୁଛନ୍ତି । ଅର୍ଥାତ ପ୍ରତିଦିନ ପ୍ରାୟ ୧୫୦୦୦ ଲୋକ ମରୁଛନ୍ତି । ଜଣେ ଲୋକର ମୃତ ଶରୀର ପାଇଁ ଅତି କମରେ ଦୁଇ କୁଇଣ୍ଟାଲ କାଠ ଯଦି ଦରକାର ପଡୁଥାଏ, ସେହି ହିସାବରେ ପ୍ରତିଦିନ ୩୦,୦୦୦ କୁଇଣ୍ଟାଲ୍ କାଠ ପାଇଁ ଲକ୍ଷ ଲକ୍ଷ ଗଛ କଟା ହେଉଛି । ଏତିକି ଶବ ଓ ଏତିକି କାଠ ଜଳିବା ଦ୍ୱାରା ଜଳବାୟୁରେ ଯଥେଷ୍ଟ ପରିମାଣରେ ଅଙ୍ଗାରକାମ୍ଳ ମିଶି ଯାଉଛି । ଏହି ଦୁଇଟି କାରଣକୁ ନେଇ "ଇଣ୍ଟରନେସନାଲ୍ ଗ୍ରୀନ ଟ୍ରିବ୍ୟୁନାଲ୍" ଶବ ଦାହରେ କାଠ ପରିବର୍ତ୍ତେ ଅନ୍ୟାନ୍ୟ ବିକଳ୍ପ ସାଧନ ଗୁଡ଼ିକୁ ବ୍ୟବହାର କରିବାପାଇଁ ନିର୍ଦ୍ଦେଶ ଦେଇଛି । ଏହା ଆଜିର ଦୁନିଆ ପାଇଁ ଏକ ଭଲ ସଂଦେଶ ।

ଆଉ ଗୋଟିଏ ବିକଳ୍ପ ହେଉଛି - 'ଶରୀର ଦାନ' । ମୃତବ୍ୟକ୍ତିଙ୍କ ଶରୀରକୁ ତୁରନ୍ତ ମେଡ଼ିକାଲ ସଂସ୍ଥା ମାନଙ୍କୁ ଦାନ କରିଦେଲେ, ସେହି ବ୍ୟକ୍ତିଙ୍କର କିଛି ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ଆଖି, କିଡ଼ନି, ଯକୃତ ଏପରିକି ହୃଦୟ ମଧ୍ୟ ଡାକ୍ତରମାନେ ବାହାର କରି ଅନ୍ୟ ରୋଗୀଙ୍କ ଶରୀରରେ ପ୍ରତ୍ୟାରୋପଣ କରିପାରିବେ । କିଛି ନହେଲେ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଶିକ୍ଷାରେ ସହାୟକ ହୋଇ ପାରିବେ ।

ଏଥିପାଇଁ ଆମ ରକ୍ଷଣଶୀଳ ମାନସିକତାରେ ପରିବର୍ତ୍ତନ ଆଣିବାକୁ ପଡ଼ିବ । ଉଦାର ଚିତ୍ତରେ ମୃତ ଶରୀର ଠାରୁ ଭାବନାତ୍ମକ ସଂପର୍କ ଛିନ୍ନ କରି, ଜୀବିତ ଥିବା ମାନବ ସମାଜପ୍ରତି ହେଉଥିବା ଉପକାର ଦିଗକୁ ସମର୍ଥନ କରିବା ଉଚିତ । ଆଜି ଆମେ ଦେଇଥିଲେ କାଲି କିଏ ଆମକୁ ବି ଦେବ ।

ଫ୍ଲାଟ ନଂ - ୧୦୧ ଡ଼ିଏସ୍-ମ୍ୟାକ୍ସ ସିଗଲ୍ ନେଷ୍ଟ ଗ୍ରାମ - ବାସଭିନପୁର
ପୋଷ୍ଟ - ଭିର୍ଗୋନଗର ବାଙ୍ଗାଲୋର, କର୍ଣ୍ଣାଟକ
ମୋବାଇଲ୍ - ୦୯୪୮୨୦୧୬୨୬୦

# ବାସିଭାତ



ସୁବ୍ରତ କୁମାର ମୁଦୁଲି

ପଡ଼ିଶାଘର ଝିଅ ରେଜ ବାହାଘର ମାଇକ ଶବ୍ଦରେ ଫାଟି ପଡୁଥିଲ୍ ଗାଁ, ଗାଉଁଲି ଭୋଜ ଦନରେ ଦନରେ ସରଥିଲ୍ ଭାତ ପାତେଳ ଚଙ୍ଗୁଡ଼ି ମହୁର ସାଗଙ୍କୁ ଟମାଟ ଖଟା ଆଉ କ୍ଷୀର ଏବେ ବରଯାତ୍ରୀଙ୍କ ପାଇଁ ସ୍ୱାଦଷ୍ଟ ଭୋଜନ ପ୍ରସ୍ତୁତର ପର୍ବ ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲ୍ । ମାଇକ ଗୀତର ତାଳେ ତାଳେ କୁନାଟା ସଞ୍ଜ ବେଳଠାରୁ ଗାଁ ଦାଣ୍ଡରେ ନାଚ ଖେଳ ଗତ ଦଶଟାରେ ଘରକୁ ଫେରଲ୍ । ମା' ଗାଳ ଦେଲେ ହେଲେ କୁନାର ପ୍ରଶ୍ନ ଆଗରେ ମା'ଙ୍କ କଣ୍ଠରୁ ଉତ୍ତର ବାହାରୁନଥିଲ୍ ଶେଷରେ ମା' ବୁଝାଇ ଦେଲେ... ଦେଖ ବାପା ଗତର ଭୋଜ ସହରରୁ ଆସୁଥିବା ବଡ଼ ବଡ଼ିଆ ବରଯାତ୍ରୀମାନଙ୍କ ପାଇଁ ସେମାନେ କୁଣିଆ ଆମେ ସବୁ ଗାଁ ଲୋକ ଆମର ଯାହା ହେଲେ ଚଳବ । ଗ୍ଲେଟ ମୁଣ୍ଡରେ ବ ଏକଥା କେତେକାଂଶରେ ବୁଝିଗଲ୍ କୁନା ହେଲେ ମା' ମନ ମାନୁନଥିଲ୍ । ମା' ମନେ ମନେ ଅପେକ୍ଷା କରଥିଲେ କୁନାର ବାପାକୁ ଯିଏ ଗାଉଁଲି ପଞ୍ଚାୟତ ପାଳରେ ଭୋଜକୁ ଯାଇଥିଲେ ମା' ଭାବୁଥିଲେ କୁନାର ବାପା ନଶ୍ଚୟ କଛ ବଳକା ଖାଦ୍ୟଧର ଘରକୁ ଫେରବେ । ମା' ପୁଅଙ୍କୁ ନଦ ଲ୍ଗିଯାଇଥିଲ୍ ବାପା ଫେରୁ ଫେରୁ ସକାଳ ତଥାପି ତାଙ୍କ ହାତରେ ଖାଦ୍ୟ ପୁଡ଼ିଆ ଦେଖି କୁନାର ମା' ଖୁସି ହେଉଥିଲେ ହେଲେ ଏ କ'ଣ ପୁଡ଼ିଆରେ ଖାଲ ଭାତ । କୁନା ମା' କଛ ପଗ୍ଚରବା ପୂର୍ବରୁ ବାପା ବୁଝାଇଦେଲେ... ତମେ ତ ଜାଣ ରେଜ ବାପା ଭାର ଗଢ ଖନ୍ଦାଶାଳରେ ରହଲ୍ କାହାକୁ କଛ ଛୁଆଇଁ ଦେଲ୍ନ ମାତାଲିଆ ବରଯାତ୍ରୀ ଖାଉଖାଉ ଡେର ହୋଇଗଲ୍ ସମସ୍ତେ ଖାଇ ସାରବାପରେ ବ ଅନେକ ଜନଷ ବଳଥିଲ୍ ହେଲେ ସବୁ ବାସିହୋଇ ଗନ୍ଧ ମାରୁଛ କେମିତ ଆଣିଥାନ୍ତ କହୁନ, ଯା' ହଉ ଭାତ ଗଣ୍ଡାକ ଠିକ ଅଛ ୟାକୁ ପଖାଳ ଦଅ ଦ' ଦନ ଚଳଯିବ । କୁନା ଆରମ୍ଭରୁ ଶୋଇବାର ଅଭନୟ କର ବାପା ମା' ଙ୍କ କଥା ଶୁଣୁଥିଲ୍ ଏବେ ସେ ତା' ପ୍ରଶ୍ନର ଉତ୍ତର ସମ୍ପୂର୍ଣ୍ଣ ପାଇସାରଥିଲ୍ ଆଉ ମନେ ମନେ ଭଗବାନଙ୍କୁ ଧନ୍ୟବାଦ ବ ଦେଉଥିଲ୍ ଯିଏ ଗରବ ଗାଉଁଲି ଲୋକମାନଙ୍କୁ ବାସିଭାତରେ ବ ସୁଆଦିଆ ପଖାଳ କରବା ଶିଖାଇଛନ୍ତ ।

ଦେଉଳି, ଏରସମା, ଜଗତସିଂହପୁର

# ଅପରାହ୍ନର ଅବଶୋଷ



ସୁବ୍ରତ କୁମାର ମୁଦୁଲି

ସହରରେ ବସା ବାନ୍ଧିଥିବା ପୁଅ ବୋହୂ ଯେବେ ଗାଁକୁ ଆସନ୍ତ କେବେ ବ ଗୃହାନ୍ତନ ତାଙ୍କ ଏକମାତ୍ର କୁନପୁଅ ବୁଢ଼ୀସହ ମିଳାମିଶା କରୁ । ବୁଢ଼ୀ ଓର ଉଣ୍ଡ଼ି ନାତଟୋକା ସାଙ୍ଗରେ ଟିକେ ମିଶେ ଗେଲ କରେ ମାଟିରୁ ଚମୁଟେ ଚମୁଟେ ଆଣି ଏଣୁ ତେଣୁ ମାନସିକ କର ନାତ ମୁଣ୍ଡ ଦେହରେ ବୋଳଦଏ । ବେଳେ ବେଳେ ଏକଥା ପୁଅ ବୋହୂଙ୍କ ନଜରରେ ପଡ଼େ ଦୁହେଁ ସିନା ବୁଢ଼ୀକୁ କଛ କହ ପାରନ୍ତନ କନ୍ତୁ ଏକଥା ନେଇ ଡେର ରାତ ପର୍ଯ୍ୟନ୍ତ ସେମାନଙ୍କର ପରସ୍ପର କଜିଆ ହୁଏ । ଠିକ ସେଇ ରାତରେ ସବୁରାତ ଭଳ ନାତ ଟୋକାକୁ ପାଖରେ ନପାଇ ବୁଢ଼ୀ ଏଣୁ ତେଣୁ ଭାବ କଛ ଲୁହରେ ନଜ ତକଆ ଭଜାଏ ଆଉ କଛ ଲୁହ ଆପେ ଆପେ ଥରୁଥିବା ଓଠକୁ ଡେଇଁ ଅଠାଳଆ ଛେପସହ ଗଳିଯାଏ ତା'ର ଦରଜ ଲାଗୁଥିବା ଘଣ୍ଟିକା ପର୍ଯ୍ୟନ୍ତ । ପ୍ରତଥର ପୁଅ ବୋହୂ ଗଲାବେଳେ ବୁଢ଼ୀ ନଜର ଭଙ୍ଗା ଚଷମା ବଷୟରେ କୁହେ ଦୁହେଁ ଏଣୁ ତେଣୁ କହ ବୁଢ଼ୀକୁ ଭୁଲେଇ ଦଅନ୍ତ । ସେମାନେ ଗଲାପରେ ନାତ ଟୋକା କଥା ମନେ ପକେଇ ଦାଣ୍ଡପିଣ୍ଡାରେ ବସି ବୁଢ଼ୀ ଲୁଚେଇ ଲୁଚେଇ ବହୁତ କାନ୍ଦେ ପରେ ନାତ ଖାଇଥିବା ଖାଲ କୁରକୁର ଜର ଗୁଡ଼ିକୁ ସାଇତକ ରଖେ । ଏହା ଭତରେ କେତେ ଦନ ଗଲାଣି ପୁଅ ବୋହୂ ଆଉ ଆସିନାହାନ୍ତ । ସେଦନ ରାତରେ ବୁଢ଼ୀର ପୁରୁଣା ପେଟ ବେମାର ପୁଣି ବାହାରଲା କେହ ଜାଣି ପାରଲେନ ବଚ୍ଚାରୀ ଛଟପଟ ହୋଇ ସବୁଦନ ପାଇଁ ଆଖି ବୁଜଲା । ପୁଅବୋହୂ ପହଞ୍ଚିଲେ ମିଛ ଡ୍ରାମାବାଜ ଚାଲଲା । ଶବ ନେଲା ବେଳକୁ ବୁଢ଼ୀ କତରା ତଳୁ କୁରକୁର ଜରରେ ଗହେ ଏକଟଙ୍କା ବାହାରଲା ପଡ଼ିଶା ଝିଅ ମାନ କହୁଥିଲା "ବୁଢୀ କାଳେ ନାତ ପାଇଁ ମାନସିକ କର ଏ ଟଙ୍କା ସାଇତ ଥିଲା" କୋଳାହଳରେ କେହ ତା' କଥା ଶୁଣିପାରୁ ନଥିଲେ ପୁଅ ବୁଢ଼ୀର ଭଙ୍ଗା ଚଷମାକୁ କୋକେଇରେ ରଖୁଥିଲା । ନାତ ଟୋକା ହାତରୁ ଖସିଯାଇ ଲୋକଙ୍କ ପାଦରେ ଚୁରମାର ହୋଇ ସାରଥିଲା ତା'ର ପ୍ଲାଷ୍ଟିକ ଖେଳଣା ଚଷମା ଯାହା ସମସ୍ତଙ୍କୁ ଲୁଚେଇ ନଜର ବୋଲ କହ ବୁଢ଼ୀପାଇଁ ସେ କଣିଥିଲା ଗତ ଖଣ୍ଡଗିର ମେଳାରୁ ।

ଦେଉଳ, ଏରସମା, ଜଗତସିଂହପୁର

# ସ୍ୱତନ୍ତ୍ର ଉତ୍କଳ ରାଜ୍ୟ



ଡା ସନ୍ଧ୍ୟାରାଣୀ ପାଣିଗ୍ରାହୀ

ଏହି ଓଡ଼ିଶା ୧୯୩୬ ମସିହା ଅପ୍ରେଲ ପହିଲାରେ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ହାସଲ କରିଥିଲା । ଏହା ଓଡ଼ିଶାର ବହୁ ଦିଗନ୍ତର ମହିମାମୟ ମହାପୁରୁଷମାନଙ୍କର ତ୍ୟାଗ ଓ ବଳିଦାନର ଏକ ପ୍ରମୁଖ ଭୂମିକାର ଅବଦାନ କହିଲେ ଅତ୍ୟୁକ୍ତି ହେବନାହିଁ । ଏହି ଦିବସକୁ ଉତ୍କଳ ଦିବସ ବା ଓଡ଼ିଶା ଦିବସରୂପେ ପୁରପଲ୍ଲୀରୁ ଆରମ୍ଭ କରି ସହର ମାନଙ୍କରେ ଏବଂ ବିଭିନ୍ନ ସ୍ଥାନରେ ବିଭିନ୍ନ ପ୍ରକାର ଖୁସିରେ ପାଳନ କରାଯାଏ ।

ମୋଗଲ ସାମ୍ରାଜ୍ୟ ଉପକୂଳବର୍ତ୍ତୀ ଓଡ଼ିଶାକୁ ୧୫୭୬ରେ ନିଜ ଅକ୍ତିଆରକୁ ନେଇ ସାରିଥିଲା କାରଣ ଅବିଭକ୍ତ ଓଡ଼ିଶାର ଶେଷ ନରେଶ ଗଜପତି ମୁକୁନ୍ଦଦେବଙ୍କ ଗହୀରତିକରୀ ଯୁଦ୍ଧରେ ପରଲୋକ ଘଟିଥିଲା । ଉପକୂଳବର୍ତ୍ତୀ ସମତଳ ଓଡ଼ିଶା ରାଜ୍ୟ ମେଦିନୀପୁର ଠାରୁ ରାଜମହେନ୍ଦ୍ରୀ ପର୍ଯ୍ୟନ୍ତ ମୋଗଲ ଶାସନର କବଳରେ ରହିଥିଲା । ସେହି ରାଜୁତି ସମୟରେ ଏହା ୬ ଭାଗରେ ବିଭକ୍ତ କରାଯାଇଥିଲା ଯଥା ଜଲେଶ୍ୱର ସରକାର, ଭଦ୍ରକ ସରକାର, କଟକ ସରକାର, ଚିକାକୋଲ (ଶ୍ରୀକାକୁଲମ) ସରକାର, କଳିଙ୍ଗ ଦଣ୍ଡପାଟ, ରାଜମହେନ୍ଦ୍ରୀ ବା

ଗୋଦାବରୀ ସରକାର । ଓଡ଼ିଶାର ମଧ୍ୟଭାଗ, ଉତ୍ତର ଭାଗ, ଦକ୍ଷିଣ ଭାଗ, ପଶ୍ଚିମ ଭାଗ ପାର୍ବତୀୟ ଅଂଚଳରେ ଭିନ୍ନ ଭିନ୍ନ ହିନ୍ଦୁ ରାଜା ମାନଙ୍କର ରାଜୁତ ଥିଲା । ହାଇଦ୍ରାବାଦର ନିଜାମ ଷୋହଳଶ ମସିହାରେ ରାଜମହେନ୍ଦ୍ରୀରୁ ଶ୍ରୀକାକୁଲମ ଯାଏଁ ରାଜୁତ କରୁଥିଲେ । ଅଠରଶ ମସିହା ଯାଏଁ ମେଦନୀପୁର ବେଙ୍ଗାଲରେ ମିଶି ରହିଥିଲା । ଉପକୂଳବର୍ତ୍ତୀ ଓଡ଼ିଶାକୁ ମରାଠା ସମ୍ରାଟ ୧୭୫୮ଯାଏ ରାଜୁତ କରୁଥିଲେ । ୧୭୬୦ର ଯୁଦ୍ଧ ପରେ ଓଡ଼ିଶାର ଉତ୍ତର ଅଞ୍ଚଳରେ ବ୍ରିଟିଶମାନେ ରାଜୁତ କରୁଥିଲେ ଏବଂ ଅବଶିଷ୍ଟ ଦକ୍ଷିଣାଞ୍ଚଳ ଓଡ଼ିଶା ମାଡ୍ରାସ ରାଜ୍ୟରେ ମିଶି ଯାଇଥିଲା କାରଣ କାରନାଟିକ୍ ଯୁଦ୍ଧ ୧୭୬୦ ମସିହାରେ ହୋଇଥିଲା ଏବଂ ଧୀରେ ଧୀରେ ଓଡ଼ିଶା ଖଣ୍ଡ ବିଖଣ୍ଡିତ ହୋଇଯାଇଥିଲା । ସନ୍ ୧୮୦୩ ମସିହାରେ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ଲିମିଟେଡ଼ ପକ୍ଷରୁ ହୋଇଥିବା ମରାଠା ସହ ଇଂରାଜୀ ଯୁଦ୍ଧପରେ ମରାଠାରେ ମିଶି ରହିଥିବା ଓଡ଼ିଶାର ଅଂଶ ବ୍ରିଟିଶ ସରକାର ସହ ମିଶି ଯାଇଥିଲା । ପଶ୍ଚିମ ଓ ଉତ୍ତର ଓଡ଼ିଶାର ଜିଲ୍ଲା ବେଙ୍ଗାଲ୍‌ରେ ମିଶି ଯାଇଥିଲା । ସନ୍ ୧୮୬୬ର ନଅଙ୍କ ଦୁର୍ଭିକ୍ଷ ଓ ବନ୍ୟା ପରେ ଦୁର୍ଗତଙ୍କ ସହାୟତା ନିମନ୍ତେ ଅଧିକ କୃଷି ଓ ଜଳସେଚନ ପ୍ରକଳ୍ପ ପାଇଁ ଅଧିକ ଗୁରୁତ୍ୱ ଊନବିଂଶ ଶତାବ୍ଦୀରେ ଦିଆଗଲା । ଏହି ସମୟରେ ଉପକୂଳବର୍ତ୍ତୀ ବେଙ୍ଗାଲରୁ ବିଛିନ୍ନ ହୋଇଥିବା ଅଂଶ ବିହାର ଓ ଓଡ଼ିଶା ପ୍ରଦେଶରେ ପରିଣତ କରାଗଲା । ସନ୍ ୧୮୫୮ ପରେ ଓଡ଼ିଶା ତାର ରାଜନୈତିକ ପରିଚୟ ସମ୍ପୂର୍ଣ୍ଣ ହରାଇ ବସିଥିଲା କାରଣ ତାର ଶେଷ ବଂଶଧର ହିନ୍ଦୁରାଜା ରାଜା ମୁକୁନ୍ଦ ଦେବଙ୍କର ପରାଜୟ ଓ ପରଲୋକ ହୋଇଯାଇଥିଲା । ତାର ପୁନରୁଦ୍ଧାର ଓ ପୁନରୁତ୍ଥାନ ପାଇଁ ଯେଉଁ ପ୍ରଚେଷ୍ଟା ବହୁ ବର୍ଷ ଧରି ସେ ସଂଗ୍ରାମ ଚାଲିରହିଲା । ସନ୍ ୧୯୧୨ରେ ଆଞ୍ଚଳିକ ସ୍ତରରେ ଓଡ଼ିଆ ଭାଷା କହୁଥିବା ସର୍ବସାଧାରଣଙ୍କ ଦ୍ୱାରା ପୃଥକ ରାଜ୍ୟ ମାନ୍ୟତା ଦାବିରେ ଏକ ବିକ୍ଷୋଭ ଓ ବିରୋଧ ଉଜାଗର ହୋଇଥିଲା । ଏହି ସଂଗ୍ରାମ ବ୍ରିଟିଶ ସରକାରଙ୍କ ଲିଙ୍ଗୁଏଷ୍ଟିକ୍ ନିୟମ ଉପରେ ଆଧାରିତ ହୋଇ ସନ୍ ୧୯୩୬ ଅପ୍ରେଲ ପହିଲା ତାରିଖରେ ସ୍ୱତନ୍ତ୍ର ରାଜ୍ୟ

ଘୋଷିତ ହୋଇଥିଲା । ସନ୍ ୧୯୩୬ରେ ଓଡ଼ିଶା ଓ ବିହାର ପୃଥକ ପୃଥକ ପ୍ରଦେଶରେ ବିଭକ୍ତ ହୋଇଗଲା ।

ଏହି ମୁଖ୍ୟ ବିପ୍ଳବୀ ଚିନ୍ତାଧାରା ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ତିନ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଲାଗିଥିଲା । ଏହି ଉପଲକ୍ଷେ ଉତ୍କଳ ସମ୍ମିଳନୀର ସୃଷ୍ଟି ହୋଇଥିଲା । ଏହି ବାର୍ତ୍ତା ପ୍ରଚ୍ଚାର ଓ ପ୍ରସାର ପାଇଁ ଯେଉଁ ମାନେ ପ୍ରଖର ଚେଷ୍ଟା ଓ ଉଦ୍ୟମ ଆରମ୍ଭ କରିଥିଲେ ଓ ଆଗଧାଡ଼ିର ନେତୃତ୍ୱ ନେଇଥିଲେ ସେମାନଙ୍କ ମଧ୍ୟରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ପଣ୍ଡିତ ନୀଳକଣ୍ଠ ଦାସ, ଫକୀର ମୋହନ ସେନାପତି, ଗଙ୍ଗାଧର ମେହେର ଓ ଅନ୍ୟାନ୍ୟ ବୀର ବୁଦ୍ଧିଜୀବୀଙ୍କ ଅଧକ୍ଷତାରେ ଆୟୋଜିତ ନେତୃତ୍ୱରେ ସଂଗଠନ ପକ୍ଷରୁ ଏ ଆହ୍ୱାନ ଏକ ପରିପୂର୍ଣ୍ଣ ଚିତ୍ର ପ୍ରଦାନ କରିଥିଲା ଓ ସୃଷ୍ଟି ହୋଇଥିଲା ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ । ଏହି ରାଜ୍ୟର ପରିଚୟ୍ ବହୁ ସଂଖ୍ୟାରେ ଏ ଆନ୍ଦୋଳନରେ ସର୍ବସାଧାରଣଙ୍କ ଅବଦାନ ମଧ କିଛି କମ ନୁହେଁ । ଏହି ନୂତନ ଗଠିତ ରାଜ୍ୟ ପ୍ରଥମେ ୬ଟି ଜିଲ୍ଲାକୁ ନେଇ ଗଠିତ ହୋଇଥିଲା । କଟକ, ଗଞ୍ଜାମ, ବାଲେଶ୍ୱର, କୋରାପୁଟ, ସମ୍ବଲପୁର ଏବଂ ପୁରୀ ଜିଲ୍ଲାକୁ ନେଇ ନୂତନ ରୂପରେ ଓଡ଼ିଶାର ଆବିର୍ଭାବ ହୋଇଥିଲା ଏବଂ ଏହାର ପ୍ରଥମ ରାଜଧାନୀ ଥିଲା କଟକ । ଜନ୍ ଅଷ୍ଟିନ୍ ହବାକ୍ ସାହେବ ଏହାର ପ୍ରଥମ ରାଜ୍ୟପାଳ ରୂପେ ସରକାରୀ ସ୍ତରରେ ପଦ ଗ୍ରହଣ କରିଥିଲେ । ଏବଂ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଥିଲେ ସ୍ୱାଧୀନ ଓଡ଼ିଶାର ପ୍ରଥମ ପ୍ରଧାନ ମନ୍ତ୍ରୀ । ବର୍ତ୍ତମାନ ଏହା ୩୦ଟି ଜିଲ୍ଲାରେ ବିଭକ୍ତ ହୋଇଛି ।

ଏହାପରେ ଆରମ୍ଭ ହୋଇଥିଲା ଓଡ଼ିଶାର ଗୌରବମୟ ଇତିହାସ । ବହୁ କାଳଜୟୀ ମହାପୁରୁଷ ମାନଙ୍କର ତ୍ୟାଗ ଓ ବଳିଦାନ ଉତ୍ସର୍ଗର ଏ ଏକ ଅମର ଗାଥା । ଏହି ଅପ୍ରେଲ ୧ ତାରିଖର ୧୯୩୬ ମସିହାରେ ହିଁ ଗଞ୍ଜାମ ଜିଲ୍ଲା ମାଡ୍ରାସ ରାଜ୍ୟରୁ ଅଲଗା ହୋଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶରେ ମିଶିଥିଲା । ସେହି ଦିନଠାରୁ ଓଡ଼ିଶାର ସର୍ବ ସାଧାରଣ ଜାତି ଧର୍ମ ବର୍ଣ୍ଣ

ନିର୍ବିଶେଷରେ ସମସ୍ତେ ଏକଜୁଟ ହୋଇ ଏ ମହାନ୍ ଦିବସ ପାଳନ କରନ୍ତୁ ଓ ଓଡ଼ିଶା ର ସର୍ବାଙ୍ଗୀନ ଉନ୍ନତ ବିକାଶ ପାଇଁ ଦୃଢ଼ ନିଷ୍ଟୟ ଓ ପରିକରବଦ୍ଧ ହୁଅନ୍ତୁ । ଭାରତ ସ୍ୱାଧୀନ ହେବା ପରଠାରୁ ଓଡ଼ିଶାର ଆୟତନ ଦୁଇଗୁଣ ହୋଇଛି ଓ ଏହା ବର୍ତ୍ତମାନ ୩୦ ଜିଲ୍ଲାର ସମଷ୍ଟି । ସନ୍ ୧୯୫୦ ପରେ ଓଡ଼ିଶା ରାଜ୍ୟ ଭାରତୀୟ ଧାରା ଅନୁଯାୟୀ ଏକ ନୂତନ ସଂସ୍କରଣ ।

ଏହି ଉତ୍ସବକୁ ସମସ୍ତ ଜିଲ୍ଲାରେ ଆୟୋଜନ କରାଯାଇ ଖୁବ୍ ଧୁମଧାମରେ ପାଳନ କରାଯାଏ । ଏହି ଅବସରରେ ଶିଶୁଆ ଗ୍ରାମ ପଞ୍ଚାୟତ ଚିତ୍ରୋତ୍ପଳା ନଦୀର ଧାରରେ ପାଳନ କରାଯାଏ । ଏହି ମନୋରମ ଦୃଶ୍ୟ ଦେଖିବାକୁ ଓ ଏହାର ପ୍ରତୀକ ବାଣ ଉତ୍ସବ ଉପଭୋଗ ପାଇଁ ଆଖପାଖ ଅଞ୍ଚଳରେ ରହୁଥିବା ଓଡ଼ିଆମାନେ ବହୁତ ସଂଖ୍ୟାରେ ଜମା ହୋଇ ପାଳନ କରନ୍ତି ।

ପବିତ୍ର ଉତ୍କଳ ଦିବସ ଉପଲକ୍ଷେ ଅଶେଷ ଅଭିନନ୍ଦନ ଓ ଶୁଭେଚ୍ଛା ସମସ୍ତେ ଦୃଢ ସଂକଳ୍ପ ନେବା ଓ ଏହା ବଜାୟ ରଖିବା ଆମ ଜୀବନର ମୂଳମନ୍ତ୍ର ଏହି ଭାବନା ଆମ ହୃଦୟ ର ନିଆରା ଚିନ୍ତା ର ପ୍ରତୀକ ହେବା ଦରକାର । ବନ୍ଦେ ଉତ୍କଳ ଜନନୀ ।

ବରିଷ୍ଠ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞା
ଡାକ୍ତର ଲେନ୍, ନୂଆ ବସଷ୍ଟାଣ୍ଡ, ବ୍ରହ୍ମପୁର




ରାମେଶ୍ୱରମ ଛକଠାରୁ ପୁରୀ ଯିବାପାଇଁ ଉଦ୍ଦିଷ୍ଟ ଜଗନ୍ନାଥ ସଡ଼କର ପ୍ରାକୃତିକ ସୌନ୍ଦର୍ଯ୍ୟ

# ଓଡ଼ିଆ ଭାଗବତ



ରବୀନ୍ଦ୍ର କୁମାର ମହାପାତ୍ର

ମହାଭାରତ, ରାମାୟଣ, ଗୀତା, ଭାଗବତ ଓ ଉପନିଷଦ ଆଦି ଧର୍ମଗ୍ରନ୍ଥମାନ ଆମ ସମାଜକୁ ସୁପଥରେ ଚଳାଇବା ପାଇଁ ଅମୋଘ ଅସ୍ତ୍ର ଅଟେ । ପରନ୍ତୁ ପରମ କାରୁଣିକ ପରମ ବିସ୍ମୟ ଗୁରୁ ଓ ବିସ୍ମୟ ଦେବତା ଶ୍ରୀ ଜଗନ୍ନାଥଙ୍କର ପରମଭକ୍ତ ଜଗନ୍ନାଥ ଦାସଙ୍କ ରଚିତ ଓଡ଼ିଆ ଭାଗବତ ଓଡ଼ିଆ ଭକ୍ତପ୍ରାଣକୁ ସର୍ବଦା ବାନ୍ଧିରଖେ । ଏହାର ପ୍ରତ୍ୟେକ ପଦ ମୂଲ୍ୟବାନ ଓ ତତ୍ତ୍ୱଭିତ୍ତିକ । ଶିକ୍ଷା, ପ୍ରଯୁକ୍ତି ବିଦ୍ୟା ଓ ବିଜ୍ଞାନର ବିକାଶ ଘଟି ନଥିବା ବେଳେ କୃତବିଦ୍ୟଗଣ ଭାଗବତ ପଠନ, ପାରାୟଣ ଓ ବିଚାରିକା ମାଧ୍ୟମରେ ତତ୍‌କାଳୀନ ଆମ ସମାଜକୁ ବହୁତ ଶୃଙ୍ଖଳିତ କରି ପାରିଥିଲା । ଯେତେବେଳେ ନିରକ୍ଷରତା ହାର ସର୍ବାଧିକ ଥିଲା ସେତେବେଳେ ମଧ୍ୟ ଏହି ମହାଗ୍ରନ୍ଥ ସମାଜକୁ ସୁପଥ ଦେଖାଇ ପାରିଥିଲା । ଏହି ଓଡ଼ିଆ ଭାଗବତର କିଛି ପଦ ମାନଙ୍କ ଉପରେ ଆଲୋଚନା କରିବା ।

ବିଗତ ଦିନମାନଙ୍କରେ କେତେକ ଅଯୋଗ୍ୟ ଅକାଳକୁଷ୍ମାଣ୍ଡ ବ୍ୟକ୍ତି ଜଗନ୍ନାଥ ସଂସ୍କୃତିକୁ ଅବମାନନା କରି ନିଜକୁ ଭାଗ୍ୟବାନ ମଣିଲେ କିପରି ? ଏହା ଅନସ୍ୱୀକାର୍ଯ୍ୟ ଯେ ଆମ୍ଭମାନଙ୍କର ଧନ, ଐଶ୍ୱର୍ଯ୍ୟ, ଯଶ, କ୍ଷମତା, ଖ୍ୟାତି ଓ ତତ୍‌କ୍ଷଣାତ ଲାଭ ଲାଳସାର ଦୁର୍ବଳ ମୁହୂର୍ତ୍ତର ସୁଯୋଗ ନେଇ ଆମରି ଧନରେ ସେମାନଙ୍କ ସାମ୍ରାଜ୍ୟ ବଢ଼ାଇ ଚାଲିଲେ । ସେତେବେଳେ ଆମ୍ଭେ ଟିକିଏ ବି ଭାବି ପାରିଲେନି, ଉତ୍କଳର ପ୍ରଭୁ ଅଜନ୍ମା ଶ୍ରୀ ଜଗନ୍ନାଥ ହିଁ ଆମର ପରମ ଇଷ୍ଟ । ପରମ ଓ ପରାତ୍ପର ଗୁରୁ ଓ ପରମ ଆରାଧ୍ୟ । ତାଙ୍କର ଅସୀମ ଲୀଳା ବୁଝିବାକୁ

ମର୍ତ୍ତ୍ୟବାସୀ କଣ ସ୍ୱର୍ଗର ଦେବତା ବି ଟେର୍ ପାଆନ୍ତି ନାହିଁ । ଶ୍ରୀ ଜଗନ୍ନାଥଙ୍କର ଛଡ଼ା ତୁଳସୀରେ ଯାହା ମିଳେ, ତାହା ଅନ୍ୟତ୍ର ବିରଳ । ସେ ହିଁ ଆମର ପ୍ରଭୁ, ଶାସକ ଓ ଭାଗ୍ୟଦାତା ଏବଂ ସବୁକିଛି । ଆମ୍ଭମାନଙ୍କର ଧର୍ମ ଅଜ୍ଞତା ନେଇ ଆମ୍ଭେ ନିଜକୁ ଭଗବାନ ବୋଲାଉଥିବା ଦୁରାଗ୍ରହୀ ମାନଙ୍କ ପାଦ ତୁଳସୀରେ ପୂଜା କଲେ । ଫଳତଃ ସେହି ଅକାଳକୁଷ୍ମାଣ୍ଡ ପାପାତ୍ମାମାନଙ୍କର ଦୁର୍ଦ୍ଧଣ୍ଡ୍ୟଲୀଳା ଗ୍ଲଲା । ଭାଅବତର ସେହି ପଦଟି ଯାହା କୁହାଯାଇଛି, "ବୁଝି ବିଗ୍ଭରି କାର୍ଯ୍ୟକଲେ, ବିପଦ ନପଡ଼ଇ ଭଲେ ।"କୁ ଖୁବ ଭଲଭାବେ ବୁଝିଥାନ୍ତେ, ତଥା କଥିତ ଠକ ପ୍ରବଞ୍ଚକମାନେ ପଦଟିଏ ବି ପ୍ରବଚନ ଦେଇ ପାରିନଥାନ୍ତେ, ବରଂ ତାଙ୍କ ମିଥ୍ୟା ଧର୍ମାଭିନୟର ଯବନିକା ପଡ଼ିଥାନ୍ତା ।

ଆମ ପୂର୍ବଜଙ୍କୁ ସାଧାରଣ ମଣିବା ପ୍ରାୟ ଭୁଲ ହେବ । ସେମାନେ ଜ୍ଞାନୀ, ବିଜ୍ଞାନୀ ଓ ଦୂରଦ୍ରଷ୍ଟା ଥିଲେ । ପର୍ବପର୍ବାଣୀ ଗୁଡ଼ିକର ନୀତି ନିୟମ ଖଞ୍ଜି ସେଥିରେ ବିଜ୍ଞାନ ସମ୍ମତ କାରଣମାନ ସଂଶ୍ଳିଷ୍ଟ କରାଇଥିଲେ । ଉଦାହରଣ ସ୍ୱରୂପ, ଗ୍ଭରିଦିନ ରଜପର୍ବ ପାଳନ ଆଳରେ ଧରିତ୍ରୀ ମା ରଜସ୍ୱଳା ବୋଲି ଖନନ, କର୍ଷଣ ଓ ପୃଥିବୀ ଉପରେ କୌଣସି ଭାର ଦେଉନଥିଲେ । ଧରିତ୍ରୀ ମା'ର ବିଶ୍ରାମ ନ୍ୟାୟରେ ସେମାନେ ପରିବେଶର ସୁରକ୍ଷା ଚିନ୍ତା କରିଥିଲେ । ଆମେ କଣ କରିଲେ, ସହରୀ ସଭ୍ୟତା ନାମରେ ପରିବେଶକୁ ତଳତଳାନ୍ତ କରିଦେଇ ବହୁତଳ ପ୍ରାସାଦ ମାନ ନିର୍ମାଣ କରାଇ ସହର ମାନଙ୍କୁ କଂକ୍ରିଟର ଗଡ଼ କରିଦେଲେ । ନଈ, ଝରଣା, ଜଳାଶୟକୁ ପ୍ରାକୃତିକ ଧାରାରେ ବ୍ୟବହାର ନ କରି ନିଜ ବ୍ୟକ୍ତିଗତ ସ୍ୱାର୍ଥରେ କୃତ୍ରିମ ଉପାୟରେ ଏହାକୁ ନଷ୍ଟ କଲେ । ପୁନଶ୍ଚ ଭୂତଳ ଜଳକୁ ଏଭଳି ଭାବରେ ନଷ୍ଟ କରୁଛେ, ଯାହାଫଳରେ ଜଳାଭାବ ଦେଖା ଦେଉଛି ଆଉ ବିଶ୍ୱରେ ଦିନକୁ ଦିନ ତାପମାତ୍ରା ବୃଦ୍ଧିପାଇବାରେ ଲାଗିଛି । ନିକଟରେ ଆମ ଅପରିଣାମଦର୍ଶୀର ଫଳାଫଳ ଆମକୁ ଭୋଗିବାକୁ ପଡ଼ିବ ହିଁ ପଡ଼ିବ । ଖରାଦିନ ନ ଆସୁଣୁ, ସମଗ୍ର ଓଡ଼ିଶାରେ ଜଳାଭାବ ଦେଖା ଦେଲାଣି ।

ବିଜ୍ଞାନ ବଳକୁ ଭୁଲଭାବରେ ନିୟୋଜିତ କରି ଆମେ ଖୁବ୍ ଆଡ଼ମ୍ବରପୂର୍ଣ୍ଣ ଜୀବନଯାପନ ପାଇଁ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର, ଶୀତଳୀକରଣ ଯନ୍ତ୍ର ଓ ଗାଡ଼ି ମୋଟରର ବହୁଳ ବ୍ୟବହାର କରି ବାୟୁ ମଣ୍ଡଳକୁ ଅଙ୍ଗାରକାମ୍ଳ ଓ ମିଥେନ୍ ଗ୍ୟାସରେ ପୁରା ଭରି ଦେଲେଣି । ଏହାର ପରିଣାମ ପାଇଁ ଖୁବ ନିକଟରେ ଆମ୍ଭ ମାନଙ୍କୁ ପ୍ରଶ୍ୱାସ ପାଇଁ କୃତ୍ରିମ ଅମ୍ଳଜାନ ନିଶ୍ଚୟ କ୍ରୟ କରିବାକୁ ପଡ଼ିବ । ଏବେ ବି ସାବଧାନ ହୋଇ ଭାଗବତର ଅନ୍ୟଏକ ପଦ, "ଆପଣା କଲା କର୍ମମାନ, ଆଗୁ

ହୋଇବା ସାବଧାନ” କୁ ହୃଦୟଙ୍ଗମ କରିପାରିଲେ ଭଲ ହୁଅନ୍ତା ।

ଆମ ପୂର୍ବଜମାନେ ଜ୍ଞାନୀ ବିଜ୍ଞାନୀ ହୋଇ ମାନବବାଦ ମନ୍ତ୍ରରେ ବିଶ୍ୱାସ ରଖି ତାଙ୍କର ଦିବ୍ୟଜ୍ଞାନ ବଳରେ “ବସୁଧୈବ କୁଟୁମ୍ବକଂ” ଧର୍ମ ଧାରଣା ସୃଷ୍ଟି କରିଥିଲେ । କିନ୍ତୁ ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା ଇତ୍ୟାଦିକୁ କୁମାର୍ଗରେ ବ୍ୟବହାର କରି ଆମେ ଧରିତ୍ରୀକୁ ସରି ମଣିଲେ । ଆମେ ହିଂସ୍ର, ଅପରିଣାମଦର୍ଶୀ, ସ୍ୱାର୍ଥପର ବିବେକଶୂନ୍ୟ ହୋଇ ପ୍ରକୃତି ପରିବେଶକୁ ଧ୍ୱଂସ କଲେ । ସମୁହ ସ୍ୱାର୍ଥ ଭୁଲି ସ୍ୱେଚ୍ଛାଚାରୀ ଆଚରଣ କଲେ । ନିଜ ଚରିତ୍ର ନ ବଦଳାଇ ଅନ୍ୟର ଚରିତ୍ରକୁ ଆକ୍ଷେପ କଲେ । ଏମିତି ହେଲେ ଦିବ୍ୟଜ୍ଞାନ ଆସିବ କେମିତି ?

ସୁତରାଂ ସର୍ବେ ହୋଇଣ ଏକାକାର, ବୋଲିବା ଜଗନ୍ନାଥ ହେ ରକ୍ଷାକର ଭାବରେ ପ୍ରତ୍ୟହ ଭାଗବତ ପଠନ ଓ ଶ୍ରବଣ କରିବା ଏବଂ ଭାଗବତର ଦିବ୍ୟଜ୍ଞାନକୁ ଆମ ଜୀବନରେ ପ୍ରୟୋଗ କରି ପୃଥିବୀକୁ ସୁନ୍ଦର କରି ରଖିବାପାଇଁ ପ୍ରୟାସ କରିବା ଉଚିତ । ଅତୀତର ଭାଗବତ ଟୁଙ୍ଗୀର ପୁନରୋଦ୍ଧାର କରିବା ଉଚିତ । ଅନ୍ୟଥା ଭାଗବତରେ ଉଲ୍ଲେଖ ହୋଇଥିବା, “ମଣିଷ ଦେହେ ଦିବ୍ୟଜ୍ଞାନ - ଦେଖି ସନ୍ତୋଷ ଭଗବାନ” କଦାପି ସମ୍ଭବ ହେବନାହିଁ । ଆଗ ଆମ ହୃଦୟରେ ପ୍ରବେଶ କରାଇ ପରେ ଅନ୍ୟକୁ ବୁଝାଇଲେ ନିଶ୍ଚିତ ଆମ ସମାଜ, ପରିବେଶ ଓ ପ୍ରକୃତିରେ ପରିବର୍ତ୍ତନ ହେବ ଓ ବିଶ୍ୱର ମଙ୍ଗଳ ହେବ, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ ।

ଇ-୨୬୭, ୟୁନିଟ୍-୮
ଭୁବନେଶ୍ୱର-୧୨
ମୋବାଇଲ୍ - ୮୮୯୫୬୭୫୮୮୬୦

# ଚଠି



ଡା ସୌମ୍ୟରଞ୍ଜନ ମିଶ୍ର

ହାଏ ଗଜ,

ଏ ବର୍ଷ ତୁମ ବାଟ ଗୁହିଁ ଗୁହିଁ ରହଲ । ହେଲେ ତୁମେ ଆସିଲ ନାହିଁ । ଏତେ ଦନର ସମ୍ପର୍କ କେମିତ ଭଙ୍ଗିଦେଲ, ମୁଁ ସେଇୟା ଭବୁଥିଲ,ହେଲେ ଖବର ପାଇଲ ଯେ ତୁମ ଘରଲୋକ ତୁମକୁ ଆସିବାକୁ ଦେଲେ ନାହିଁ । ଆଉ ଏ କଥା ଜାଣି ମୁଁ ମର୍ମାହତ ଯେ ଆମ ଘର ଲୋକ ମଧ ଏହ ଷଡ଼ଯନ୍ତ୍ରରେ ସାମିଲ ଅଛନ୍ତ । ଗ୍ଲାଡ଼, ଘର ଲୋକତ ବଇର, କହବା କାହାକୁ ?

ପ୍ରତବର୍ଷ ଏହଦନ ଆସ ବୋଲ ତୁମପାଇଁ ବ୍ରହ୍ମପୁରରୁ ଅସଲ ଭଙ୍ଗମଦାଇ ପଣା କର ରଖିଥିଲ । ସେକେଣ୍ଡ ସଟର୍ ଡେ ଥିବାରୁ ମନ ବ ବନକରଥିଲ । ହେଲେ ତୁମେ ନ ଆସିବାରୁ ଏକା ପିଇବାକୁ ଇଚ୍ଛା ହେଲନାହିଁ । ପୁର୍ ହାଣ୍ଡି ବାଡ଼େଇ ଭଙ୍ଗିଦେଲ ।

ଆଉ କଣ ଲେଖିବ, ଭେଟ ହୋଇଥିଲେ ବର୍ଷଯାକର କଥା କହଥାନ୍ତ । ମେସେଜରେ ଖାଲ ମୁଖ୍ୟ କଥା ଗୁଡ଼ାକ ଲେଖି ଦେଉଛ । ଭରତ ଭୂଖଣ୍ଡରେ ସରକାର ବଦଳ ଗଲଣି । ସୋମନାଥ ଘର ପାଖରୁ କଏ ଜଣେ ଗଜୁତ କରୁଛ । କନ୍ତ ଉତ୍କଳ ପ୍ରଦେଶରେ ଆଉ ଏକାମ୍ର ନଗରୀରେ ସେଇ ଏକା ସରକାର ଅଛନ୍ତ । ନକଟ ଭବଷ୍ୟତରେ

ବଦଳିବାର କୌଣସି ସମ୍ଭାବନା ମଧ୍ୟ ଦେଖାଯାଉନାହିଁ ।

ଆରବର୍ଷ ପୁରୀର ଜଗା ଗ୍ଭଲିଗଲା, ଏବେ ସେଇଠି ତା ପୁଅ ରହୁଛି । ଶୁଣୁଛି ସେ କୁଆଡ଼େ ତା ବାପା ସରିକି ନୁହଁ । ବହୁତ ଉର ହେଉଛି ।

ଆଉ ଗୋଟେ କଥା, ଏକାମ୍ର ନଗରୀରେ ଏବେ ଗହାଗିର ବୋଲି କଣ ଏକ ନୂଆ ମହୋତ୍ସବ ଗ୍ଭଲିଛି । କେବେ ରବିବାରିଆ ସମୟ କାଢ଼ି ଆସିଲେ ସେଠାରେ ଦେଖା ହୁଅନ୍ତା । ବହୁତ ମଜା ହୁଅନ୍ତା । ଭଲ କ୍ୟାମେରାବାଲା ମୋବାଇଲ୍ ଗୋଟେ କିଣିଛି । ସେଲଫି ହୁଅନ୍ତେ । ହଁ, ଯଦି ଆସିବ, ବୁଢ଼ା ବାହାନକୁ ଆଣିବ ନାହିଁ । ବୃଦ୍ଧ ବ୍ରାହ୍ମଣ ବେଶରେ ଆସିବା ଠିକ ହେବ ।

ମୁଁ ଏଠି ଭଲରେ ଅଛି । ତୁମେ ସପରିବାର ସେଠାରେ ଭଲରେ ଥିବ ବୋଲି ଆଶା । ଆଉ ସବୁ କଥା ଦେଖାହେଲେ । ଇତି ।

ତୁମର କପିଳା

ମଧ୍ୟଖଣ୍ଡୀ, ଶ୍ରୀବଳଦେବ ଜୀଉ
କେନ୍ଦ୍ରାପଡ଼ା, ଓଡ଼ିଶା
ମୋବାଇଲ୍ - ୯୯୩୭୩୭୪୩୪୨
ଇମେଲ୍ - dr.srmishra@gmail.com



# ବିଧାତାର ଖେଳ



ଦୁର୍ଗା ପ୍ରସାଦ ପଟ୍ଟନାୟକ

ମାଘ ମାସର ହାଡ଼ଭଙ୍ଗା ଶୀତ ସାଙ୍ଗକୁ କୁହୁଡ଼ି, ଛୋଟ ଛୋଟ ଜଳବିନ୍ଦୁରେ ପରିଣତ ହୋଇ ବିଛେଇ ହେଉଥାଏ ଧରା ପୃଷ୍ଠରେ । ସତେ ଯେମିତି କେହି ସ୍ପ୍ରେ କରିଦେଇଥାଏ ଅଲକ୍ଷ୍ୟରେ ଆସି । ଏହି ଜାଡ଼ରେ ମଧ୍ୟ ପ୍ରାତଃଭ୍ରମଣରେ କେବେ ଅବହେଳା କରନ୍ତି ନାହିଁ, ଦୋଳଗୋବିନ୍ଦ ବେହେରା ଆଉ ରାଧାକାନ୍ତ ମହାପାତ୍ର । ସହରର ଜଣେ ଜଣେ ମାନ୍ୟଗଣ୍ୟ ପ୍ରତିଷ୍ଠିତ ବ୍ୟକ୍ତି ଏବଂ ପିଲାଦିନର ବନ୍ଧୁ । ସହରର ସମସ୍ତ ଅଧିବାସୀ ଏହି ଦୁଇବନ୍ଧୁଙ୍କ ବିଷୟରେ ଜାଣନ୍ତି । କି ଖରା କି ବର୍ଷା କି ଶୀତ, ବର୍ଷ ତମାମ ପ୍ରାତଃ କାଳରେ ସହରର ରାସ୍ତାରେ ଏକାଠି ବ୍ୟାୟାମ ଓ ଭ୍ରମଣ କରୁଥିବା ଏମାନଙ୍କୁ ଦେଖନ୍ତି ସହରବାସୀ ।

ସବୁଦିନ ପରି ସେ ଦିନ ମଧ୍ୟ ଦୋଳଗୋବିନ୍ଦ ଶୀଘ୍ର ବାହାରି ଯାଇଥାଏ ଘରୁ । ଘର ପାଖ ପାର୍କରେ ଦୁଇ ଘେରା ବୁଲି ଆସିବାପରେ ମଧ୍ୟ ରାଧାକାନ୍ତ ନ ଆସିବା ଦେଖି ବେଞ୍ଚ ଉପରେ ବସିପଡ଼ନ୍ତି ସେ । ରାଧାକାନ୍ତ କେବେ ଏତେ ବିଳମ୍ବ କରନ୍ତି ନାହିଁ । ଅବଶ୍ୟ କୌଣସି ଜରୁରୀ କାର୍ଯ୍ୟରେ ହୁଏତ ସେ ଅଧିକ ସମୟ ରାତ୍ରୀରେ ଅନିଦ୍ରା ରହି

ସକାଳୁ ଉଠିବାରେ ବିଳମ୍ବ ହୋଇଥିବ ବୋଲି ମନେ ମନେ ଚିନ୍ତା କରନ୍ତି ସେ । ରାଧାକାନ୍ତ ପାଇଁ ତ ଏ ସବୁ ସାମାନ୍ୟ ଘଟଣା । ଏମିତି ଅନେକ କଥା ସେ ଚିନ୍ତା କରୁଥିବା ବେଳେ ରାଧାକାନ୍ତ ବାବୁ ଆସି ପହଞ୍ଚିଯାଆନ୍ତି । ଚାଲିରେ ଅସାମାନ୍ୟତା ଦେଖାଯାଉଥାଏ, ଲାଗୁଥାଏ ସତେ ଯେମିତି ସେ ଅନେକ ରାତି ଅନିଦ୍ରା ରହିବାପରେ ବାଧ୍ୟବାଧକତାରେ ଉଠି ଆସିଛନ୍ତି । ଅଳ୍ପ ବାଟ ଚାଲି ଆସିଥିଲେ ସୁଦ୍ଧା ସେ ଥକି ଯାଇ ସେଇ ବେଞ୍ଚ୍‌ରେ ବସି ପଡ଼ନ୍ତି । ତାଙ୍କ ଅବସ୍ଥା ଦେଖି ଦୋଳଗୋବିନ୍ଦ ବାବୁ ସ୍ୱତଃ ପ୍ରଶ୍ନ କରନ୍ତି; “କଣ ହେଲା କି ରେ ସାଙ୍ଗ ? ଏମିତି ଗୁମ୍ ମାରି ବସିପଡ଼ିଲୁ ଯେ ?”

ରାଧାକାନ୍ତ ହାଲିଆ ମାରିଦେଇ କହେ, “କିଛି ନାହିଁ ବନ୍ଧୁ । ଏଇ ପ୍ରେମ ବ୍ୟାପାର ବିଷୟରେ ଚିନ୍ତା କରି କରି ଆଜି ଆଖି ଖୋଲିଲା ନାହିଁ ।”

ଗୋବିନ୍ଦ ହସିଦେଇ କହେ, “ତୁ ଏଇ ପ୍ରେମ ପଛରେ କାହିଁକି ପଡ଼ିଲୁ ? ବୟସ ତ ହେଲାଣି, କୌଣସି ଜିନିଷର ଅଭାବ ନାହିଁ, ଭଲ ପାତ୍ରୀଟିଏ ଦେଖି ହାତକୁ ଦି’ହାତ ହୋଇ ଯାଉନୁ ? ତୋ ପାଇଁ କଣ ଝିଅ ଅଭାବ ହେବେ କି ?”

ରାଧାକାନ୍ତ ନିରବ ରହେ ପୁଣି ଗୋବିନ୍ଦକୁ ଚାହିଁ କହେ, “ଝିଅ ଅଭାବ ହେବେନି ସତ, କିନ୍ତୁ ମୁଁ ଯେଉଁ ଝିଅ ସାଙ୍ଗରେ ଭାବ ରଖିଛି, ସମ୍ପର୍କ ସ୍ଥାପନ କରିବାକୁ ମନ କରିଛି, ଯାହାକୁ ନେଇ ଅନେକ ସ୍ୱପ୍ନ ଦେଖିଛି, ସେ କଣ ମୋତେ ମିଳିବ ?”

ଗୋବିନ୍ଦ ଆଶ୍ଚର୍ଯ୍ୟ ହୋଇ କହେ, “ଆରେ ହେ, ତୁ କଣ ସତରେ ପ୍ରେମ କରୁଛୁ ନା କଣ ?”

ରାଧାକାନ୍ତ ଫେଁ କିନା ହସିଦେଇ କହେ, “ତୁ କଣ ମୋତେ ଜାଣିନୁ ? ମୋ ଦେଇ ପ୍ରେମ ହେବନି । ମୋତେ ଦରକାର ଧନୀ କୋଟିପତି ପରିବାରର ଝିଅ । ଯିଏ ବାପାମାଆଙ୍କର ଗୋଟିଏ ସନ୍ତାନ ହୋଇଥିବ । ସେମିତି ଝିଅଙ୍କୁ ହିଁ ମୁଁ ପ୍ରେମ କରେ, କିନ୍ତୁ ସାଙ୍ଗ ସବୁବେଳେ ମୋ

ସ୍ୱପ୍ନ ସଫଳ ହେବାପୂର୍ବରୁ ହିଁ ବିଫଳତାର ଶିଉଳୀ ମୋ ପାଦକୁ ଖସେଇ ଦିଏ । ହେଲେ ସବୁଦିନ କଣ ସମାନ ? ମୋତେ ଲାଗୁଛି ଏବେ କିନ୍ତୁ ମୋର ବିଫଳତା ଆଉ କିଛି କରିପାରିବ ନାହିଁ ।"

ଗୋବିନ୍ଦ ରାଧାକାନ୍ତର କଥାକୁ ଶୁଣୁ ଶୁଣୁ କହିପକାଏ, "ବିଶ୍ୱାସ ତ ସବୁବେଳେ ତୁ ପକ୍କା କରିଥାଉ । ହେଲେ ଅନ୍ୟ ଝିଅମାନେ ଯେମିତି ହାତରୁ ଖସି ଯାଇଛନ୍ତି ଏହି ଝିଅ ବି ଯିବନି ବୋଲି କିଏ କହିବ ? ନା ଏମିତି ତୁ ଗୋଟିଏ ପରେ ଗୋଟିଏ ଝିଅଙ୍କୁ ପ୍ରେମ କରି ଚାଲିଥିବୁ ? କେତେ ଦିନ ଏମିତି ଏକା ଏକା ରହିବୁ ? ଖାଲି ପ୍ରେମ କରୁଥିବୁ ନା ବାହାସାହା ବି ହେବୁ ? ନିଜକୁ କେବେ ଦର୍ପଣରେ ଦେଖିଲୁଣି ? ସେ ବୟସ ଅଛି ନା ସେ ଚେହେରା ? ଏମିତି ରାତି ଅନିଦ୍ରା ରହି ରହି ତୁ କଳା କାଠ ପଡ଼ିଗଲୁଣି । ଧନ ଆଶାରେ ହେଉ କି ତୋର ଏହି ପ୍ରେମ କରିବାର ଲାଳସାରେ ହେଉ, କେତେ ଦିନ ଆଉ ଏମିତି ଚାଲିବ ?"

ରାଧାକାନ୍ତ କହେ, "ବୁଝିଲୁ ସାଙ୍ଗ । ଜୀବନରେ କିଛି ପାଇବାକୁ ହେଲେ କିଛି ପ୍ରତିଦାନ କରିବାକୁ ପଡ଼ିବ ହିଁ ପଡ଼ିବ । ଘରେ ଗୋଟିଏ ବୋହୂର ଆବଶ୍ୟକତା ଅନେକ ଜାଣି ସୁଦ୍ଧା ମୁଁ ବିବାହ କରୁନାହିଁ । ମା ଦିନକୁ ଦିନ ଦୁର୍ବଳ ହୋଇଯାଉଛି, ହେଲେ ବିବାହ ପାଇଁ ଯେତେ ସବୁ ଝିଅଙ୍କୁ ପ୍ରେମ କରିଛି ସମସ୍ତେ କିଛି ନା କିଛି ବାହାନା କରି ମୋତେ ଧୋକା ଦେଇ ଚାଲିଯାଇଛନ୍ତି । ହେଲେ ମୁଁ ହାର୍ ମାନିବିନି । ମୋ ଲକ୍ଷ୍ୟରେ ଦିନେ ନା ଦିନେ ନିଶ୍ଚୟ ସଫଳ ହେବି ।"

ଗୋବିନ୍ଦ ପ୍ରଶ୍ନ କରେ, "କଣ ଖାଲି ଧନ ପାଇଁ...."

"ହଁ ରେ ସାଙ୍ଗ । ଖାଲି ଧନ ପାଇଁ ମୁଁ ପ୍ରେମ କରୁଛି । ମୁଁ ଆଜୀବନ ଚେଷ୍ଟା କରିଲେ ବା ଚାକିରୀ କରିଲେ ବି କୋଟିପତି ହୋଇପାରିବି ନାହିଁ । ତେଣୁ କୋଟିପତି ଧନୀ ବ୍ୟକ୍ତିର ଝିଅଟିଏ ଦେଖି ବାହା ହେଲେ ସେ ସ୍ୱପ୍ନ ମୋର ଅତି ସହଜରେ ପୁରଣ ହୋଇଯିବ ।" ରାଧାକାନ୍ତ କହେ ।

ଗୋବିନ୍ଦ ସବୁ ଶୁଣି କହେ, “ହେଲେ ଧନୀ ହେବାପାଇଁ ବୋଲି ଏହି ଅନିଦ୍ରା ରହି ରହି ନିଜ ଦେହକୁ ତୁ କିଣ କଲୁଣି ଦେଖିଛୁ ? ଏଥିରେ ତୋ ସ୍ୱାସ୍ଥ୍ୟପ୍ରତି କେତେ ବିପଦ ଆସିବ ସେ ବିଷୟରେ ତୁ ଜାଣିନୁ ?”

ରାଧାକାନ୍ତ ଏତାଦୃଶ ଉପଦେଶ ଶୁଣି ବିରକ୍ତ ଭାବ ପ୍ରକାଶ କରି କହେ, “ଏମିତି ଅନିଦ୍ରା ରହିଲେ କିଣ ମୁଁ ମରିଯିବି ? ମୋତେ କିଣ ଦୁରାରୋଗ୍ୟ ବ୍ୟାଧି ହୋଇଯିବ ? ବୁଝିଲୁ ସାଙ୍ଗ ଦରିଦ୍ର ହୋଇ ଶହେ ବର୍ଷ ବଞ୍ଚି ମୁଁ କିଣ ପାଇବି ? ବରଂ ଧନବାନ ହୋଇ ଖୁସିରେ ରହିବି ଭଲ । ଧନ ଆସିଲେ ସବୁ ରୋଗବୈରାଗ ବି ଆପେ ଆପେ ଭଲ ହୋଇଯିବ ।”

ଦୁଇ ସାଙ୍ଗ ଏମିତି କଥୋପକଥନ କରି, ଉଠି ପୁଣି ବ୍ୟାୟାମ କରିବାରେ ଲାଗି ପଡ଼ନ୍ତି । ଏହା ସେମାନଙ୍କର ନିତିଦିନିଆ କଥା । ଗୋବିନ୍ଦ ଅନେକ ବୁଝାଏ, ରାଧାକାନ୍ତ କିନ୍ତୁ ନିର୍ଚ୍ଛୋଡ଼ବନ୍ଧା । ଏମିତି ଗଡ଼ୁଥିବା ବେଳେ ସେ ଦିନ ବି ଆସେ, ଯେତେବେଳେ ରାଧାକାନ୍ତର ସ୍ୱପ୍ନ ସାକାର ହୁଏ । ଅବଶ୍ୟ ଏଥିପାଇଁ ତାକୁ ଅନେକ ଦାମ ଦେବାକୁ ପଡ଼େ । ଉଚ୍ଚ କୁଳୀନ ବ୍ରାହ୍ମଣ ପରିବାରର ରାଧାକାନ୍ତ ବାଛିନିଏ ନିଜଠାରୁ ନୀଚ ଜାତିର ଗୋଟିଏ ଝିଅ । ଝିଅର ବାପା ରୁଦ୍ରପ୍ରକାଶ ଗ୍ରେଟରାୟଙ୍କ ଅନୁମତିରେ ସେମାନେ ବିବାହ କରିବା କଥା ଚିନ୍ତା କରନ୍ତି ସତ ହେଲେ ରାଧାକାନ୍ତର ପରିବାର ଏହି ବିବାହରେ ଅସହମତ ପ୍ରଦର୍ଶନ କରିବା ହେତୁ, ସେମାନେ ଅଦାଲତରେ ଯାଇ ବିବାହ କରନ୍ତି ।

ବିବାହ ପରେ ରାଧାକାନ୍ତ ଅନେକ ଦିନ ଶଶୁରାଳୟରେ ରହନ୍ତି ହେଲେ ସେ ସୁଖ ଅଧିକ ଦିନ ରହେନାହିଁ, ଆଉ ଦିନେ ତା ଶଶୁର ରୁଦ୍ରପ୍ରକାଶ ରାଧାକାନ୍ତକୁ ସପତ୍ନୀକ ନିଜ ଘରକୁ ଯିବାପାଇଁ ନିର୍ଦ୍ଦେଶ ଦିଅନ୍ତି । ରାଧାକାନ୍ତକୁ ମନେ ହୁଏ ସତେ ଯେମିତି ତା ସ୍ୱପ୍ନ ସବୁ ଭାଙ୍ଗିଯାଇଛି । ବିବାହିତା ପତ୍ନୀ ଛବିରାଣୀ କିନ୍ତୁ ସବୁବେଳେ କହି ଆସିଥିଲେ ଯେ ଏହି ସମସ୍ତ ସମ୍ପତ୍ତିର ଉତ୍ତରାଧିକାରୀ ସେ ନିଜେ, ହେଲେ ସେମାନଙ୍କୁ ଘରୁ ଏମିତି ବାହାରିଯିବାପାଇଁ ଶଶୁର

କେମିତି କହିପାରିଲେ, ଏହି ସଂଶୟ ରାଧାକାନ୍ତର ସେ ନିଜ ପତ୍ନୀଙ୍କୁ ଜଣାଏ । ଛବିରାଣୀ ସବୁ ଶୁଣି କହନ୍ତି, "ଯାହା ସବୁ ସମ୍ପତ୍ତି ସବୁ ମୋ ନାମରେ ଅଛି । ମୁଁ ଛୋଟ ହୋଇଥିବା ବେଳେ ମୋ ଜେଜେବାପା ଏ ସବୁ ମୋ ନାମରେ କରିଦେଇ ଇହଧାମ ତ୍ୟାଗ କରିଥିଲେ । ତେଣୁ ଏହି ସମସ୍ତ ସମ୍ପତ୍ତିର ଦାୟିତ୍ୱ ମୋ ପିତାଙ୍କୁ ଦିଆଯାଇଛି । ଜେଜେବାପାଙ୍କ ଅନ୍ତିମ ଇଚ୍ଛା ତାଙ୍କ ଉଇଲରେ ଉଲ୍ଲେଖ କରିଛନ୍ତି, ସେଥିରେ ସେ ଲେଖିଛନ୍ତି ଯେ ଯେଉଁଦିନ ମୋର ବିବାହ ହୋଇଯିବ ସେହି ଦିନ ଏହି ସମସ୍ତ ସମ୍ପତ୍ତିର ଉତ୍ତରାଧିକାରୀ ମୁଁ ହେବି ।"

ଏହା ଶୁଣି ରାଧାକାନ୍ତ କହେ, "ଏମିତି ଯଦି କଥା, ତା ହେଲେ ତୁମ ବାପା ଆମକୁ ଘରୁ ବାହାରି ଯିବାପାଇଁ କହିବା ଉଚିତ ନଥିଲା । ସେ ସେମିତି କହିପାରିବେ ନାହିଁ । କିନ୍ତୁ ସେ ଏମିତି କହିଲେ କାହିଁକି ?"

"ସେ ସବୁ କଥା ପରେ, ଆଗ ଚିନ୍ତା କର ଆମେ କୋଉଠି ରହିବା ? ତୁମ ଘରକୁ ତ ଯାଇ ପାରିବା ନାହିଁ । ତା ହେଲେ କରିବା କଣ ?" ଏହା ଛବିରାଣୀ କହିବା ବେଳକୁ ଉତ୍ୟକ୍ତ ହୋଇ ରାଧାକାନ୍ତ କହେ, "ନା, ମୋତେ ଆଗ କୁହ ସେ ଏମିତି କେମିତି କରିପାରିଲେ ?" ରାସ୍ତା ପାର୍ଶ୍ୱରେ ଥିବା ଏକ ସିମେଣ୍ଟ ବାରଣ୍ଡାରେ ବସି ଏହି ପ୍ରଶ୍ନର ଉତ୍ତର ଆଶାରେ ଛବିରାଣୀକୁ ଚାହିଁ ଥାଏ ରାଧାକାନ୍ତ ।

ଛବିରାଣୀ କିଛି ସମୟ ନିରବ ରହିବା ପରେ କହେ, "ସେ ମୋ ବାପା ନୁହନ୍ତି, ମୋ ମାମୁଁ । ମୁଁ ଜନ୍ମ ହେବାପରେ ମୋ ବାପା ଗୋଟିଏ ସଡ଼କ ଦୁର୍ଘଟଣାରେ ପ୍ରାଣ ହରେଇଥିଲେ, ଏହା ପରେ ପରେ ମୋ ବୋଉ ବାପାଙ୍କୁ ଝୁରି ଝୁରି ଆର ପାରିକୁ ଚାଲିଯାଇଥିଲା । ତେଣୁ ମୋର ଦେଖାଚାହାଁ କରିବାପାଇଁ ମାମୁଁଙ୍କୁ ଦାୟିତ୍ୱ ଦିଆଯାଇଥିଲା । ମାମୁଁ ମୋର ଅତ୍ୟନ୍ତ ଲୋଭୀ ମଣିଷ । ସେ କେବେ ବି ଏହି ସମ୍ପତ୍ତି କାହାକୁ ଦେବାକୁ ଚାହୁଁ ନଥିଲେ । ତେଣୁ ସେ ମୋ ବିବାହ କରାଇ ଦେଉନଥିଲେ । ଯେଉଁ ଦିନ ତୁମ ସହ ବିବାହ କରିବା କଥା ମୁଁ ଘରେ କହିଥିଲି ସେ

ଦିନ ମାମୁଁ ଚିତ୍କାର କରି ଏହି ବିବାହ କରେଇ ଦେବେ ନାହିଁ ବୋଲି କହିଥିଲେ, ତେଣୁ ମୁଁ ତୁମକୁ ଅଦାଲତରେ ବିବାହ କରିବା କଥା କହିଥିଲି । ଏହା ଫଳରେ ସେ ଆଉ କୌଣସି ପଦକ୍ଷେପ ନେଇ ପାରିଲେ ନାହିଁ । ହେଲେ ସେ ଖୋଜୁଥିଲେ ବିବାହ ପରେ ମିଥ୍ୟାକହି ସମ୍ପତ୍ତିର କାଗଜ ପତ୍ରରେ ମୋର ଆଉ ତୁମର ଦସ୍ତଖତ ନେଇ ସବୁ ନିଜ ଅକ୍ତିଆରରେ ରଖିବାପାଇଁ । ହେଲେ ତୁମେ ଉଚ୍ଚଶିକ୍ଷିତ ଜାଣିବା ପରେ ତାଙ୍କୁ ବହୁତ ଧକ୍କା ଲାଗିଥିଲା । ତଥାପି ସେ ମୋତେ ଘରୁ ବାହାରକୁ ଯିବାକୁ ଦେଇନଥିଲେ । କିନ୍ତୁ ମୁଁ ତୁମକୁ ବହୁତ ଭଲ ପାଉଥିଲି, ତେଣୁ ନିଷ୍ପତ୍ତି ନେଇଥିଲି ଯେ ତୁମକୁ ପାଇବାକୁ ହେଲେ ଯଦି ସମ୍ପତ୍ତିକୁ ତ୍ୟାଗ କରିବାକୁ ପଡ଼େ ତ ତେବେ କରିବି । ତେଣୁ ସେ ଦିନ ଅଦାଲତରେ ବିବାହ ପରେ ଆମେ ଯେଉଁ ସବୁ ଦଲିଲ ଉପରେ ଦସ୍ତଖତ କରିଥିଲେ ସେଥିରେ ଗୋଟିଏ ଥିଲା ଏହି ସମ୍ପତ୍ତିର ହସ୍ତାନ୍ତରର ଦଲିଲ ।"

ଛବିରାଣୀ କଥା ଶୁଣି ରାଗରେ ଲାଲ ପଡ଼ିଗଲା ରାଧାକାନ୍ତ । "ଏତେ ବଡ଼ କଥା ମୋତେ କହିନଥିଲି କାହିଁକି ? ଅନ୍ତତଃ ମୋତେ ଥରେ ପଚାରିଥାନ୍ତ । ସମ୍ପର୍କୀୟ ମାମୁଁକୁ ବାପା ବୋଲି କେମିତି ପରିଚୟ ଦେଇଥିଲି, ସତ କଥା କାହିଁକି କହିଲ ନାହିଁ? ଯଦି ଏତେ ଭଲ ପାଉଥିଲ ମୋତେ ଏମିତି ଅନ୍ଧକାରରେ କାହିଁକି ରଖିଲ ? ଏତେ ବଡ଼ ଅନର୍ଥ ହୋଇଗଲା ଆଉ ତୁମେ କେତେ ଶାନ୍ତିରେ ଏ ସବୁ କଥା କହିପାରୁଛ ?" ଏମିତି ଅନେକ ଭର୍ତ୍ସନା କରିଚାଲିଥିଲା ରାଧାକାନ୍ତ ।

ଛବିରାଣୀ ଲୁହ ଛଳ ଛଳ ଆଖିରେ କହେ, "କାରଣ ମୋ ପାଇଁ ଟଙ୍କା ଅପେକ୍ଷା ତୁମ ଭଲ ପାଇବା ଅଧିକ ବଡ଼ ଥିଲା । ତୁମ ଜୀବନକୁ ବାଜି ଲଗେଇ ମୁଁ ଜୀବନରେ କଣ ପାଇଥାନ୍ତି । ଆଉ ଯଦି ତୁମକୁ ଏ ସବୁ କଥା କହିଥାନ୍ତି, ତୁମେ ହୁଏତ ଏହି ବିବାହକୁ ଏତେ ସୁରୁଖୁରୁରେ କରି ଦେଇନଥାନ୍ତ । ମୋ ପାଇଁ ମୋ ମାମୁଁ ସହ ଶତ୍ରୁତା କରିଥାନ୍ତ । ଏହି କଳିରୁ ମିଳିଥାନ୍ତା କଣ ? ମୋ ଜୀବନର ଅନେକ ମୁହୂର୍ତ୍ତ ଯାହା ନଷ୍ଟ ହୋଇଥାନ୍ତା, ସେଇଥି ପାଇଁ ମୁଁ ଏ ସବୁ ତୁମକୁ

କହିଲି ନାହିଁ ।”

ଛବିରାଣୀର କଥା ଶୁଣି ରାଧାକାନ୍ତ ଅତ୍ୟଧିକ କ୍ରୋଧରେ ଜର୍ଜରିତ ହୋଇପଡ଼େ । ହେଲେ ଛବିରାଣୀ କହି ଚାଲିଥିଲା, “ବିବାହ ପୂର୍ବରୁ ତୁମକୁ ଥରେ ମୋ ସହ ଦେଖିବା ପରେ ମାମୁଁ କ୍ରୋଧିତ ହୋଇପଡ଼ିଥିଲେ । କାହାକୁ ଗୋଟେ ଫୋନ କରି ତୁମକୁ ଜୀବନରୁ ମାରିଦେବାକୁ ନିର୍ଦ୍ଦେଶ ଦେଉଥିବା ବେଳେ ମୁଁ କହିଦେଇଥିଲି ଯେ ତୁମେ ଜଣେ ଅତି ସାଧାରଣ ବୋକା ଭଳି ଲୋକ । ତେଣୁ ସେ ତୁମକୁ ମାରିବାକୁ ମନା କରିଦେଇ ମୋତେ କହିଥିଲେ ଯେ ବିବାହ ପର୍ଯ୍ୟନ୍ତ ଯେମିତି ତୁମେ ଜାଣିବ ନାହିଁ ଯେ ସେ ମୋ ମାମୁଁ । ଏବଂ ସେ ହିଁ ସବୁ ଯୋଜନା କରିଥିଲେ ବିବାହ ପରେ କେମିତି ସମ୍ପତ୍ତିକୁ ଅକ୍ତିଆର କରିନେବେ । ସେତେବେଳେ ଯଦି ମୁଁ ମୁହଁ ଖୋଲି କିଛି କହିଥାନ୍ତି ତ ବହୁତ ବଡ଼ ଅନର୍ଥଟିଏ ହୋଇ ଯାଇଥାନ୍ତା । ମାମୁଁଙ୍କ ନିର୍ଦ୍ଦେଶରେ ତୁମର ପ୍ରାଣ ଚାଲିଯାଇଥାନ୍ତା, ସେଇଥିପାଇଁ ମୁଁ ତୁମକୁ କିଛି କହିନଥିଲି । ତଥାପି ଯଦି ତୁମେ ଭାବୁଥାଅ ଯେ ମୁଁ କିଛି ଭୁଲ କରିଛି ତେବେ ମୋତେ ଛାଡ଼ି ତୁମେ ନିଜ ରାସ୍ତାରେ ଯାଇପାର ।”

ରାଧାକାନ୍ତର କ୍ରୋଧ ଶାନ୍ତ ପଡ଼ିଯାଇଥାଏ, ନିଜକୁ ଦୋଷୀପରି ମନେ କରୁଥାଏ ସେ । ଛବିରାଣୀର ଆଖିରେ ଆଖି ମିଶେଇ ଚାହିଁବାର ସାହାସ ନଥାଏ । ତେଣୁ ସେ ଛବିରାଣୀର ହାତକୁ ଧରି କୁହେ, ମୋର ଅସଲି ସମ୍ପତ୍ତି ତ ତୁମେ । ଟଙ୍କାପଇସା ଜମିବାଡ଼ି କମ୍ପାନୀରୁ ମୋତେ କଣ ମିଳିବ ? ତୁମ ପରି ସହଭାଗିନୀ ଥିଲେ ହୁଏତ ମୁଁ ଜୀବନରେ ଏମିତି ଅନେକ ସମ୍ପତ୍ତି ନିଜେ ତିଆରି କରିପାରିବି ।

ରାସ୍ତା ପାର୍ଶ୍ୱରେ ବସିଥିବା ରାଧାକାନ୍ତ ଆଉ ଛବିରାଣୀଙ୍କୁ ଦେଖି ସେହି ରାସ୍ତାରେ ଯାଉଥିବା ଗୋବିନ୍ଦ ଆସି ସେମାନଙ୍କ ଠାରୁ ସମସ୍ତ କଥା ଶୁଣିବାପରେ ସେମାନଙ୍କୁ ନିଜ ଘରକୁ ପାଛୋଟି ନିଏ, ଆଉ ଗଲାବେଳେ ହସି ଦେଇ କହେ, ‘ବୁଝିଲୁ ରାଧାକାନ୍ତ... ତୁ ଯେତେ ଯାହା ଯୋଜନା କଲେ ବି, ସବୁଠୁ ବଡ଼ ଯୋଜନା କରିବା ଲୋକଟା ଉପରେ କେଉଁଠି ବସି ଦେଖୁଛି । ଆଉ

ଯେଉଁ ଭୟଙ୍କର ଖେଳ ତୁ ଖେଳୁଥିଲୁ ତାଠୁ ଢେର୍ ବଡ଼ ଖେଳ ସେହ ବଧାତା ଖେଳୁଛ ।" ରାଧାକାନ୍ତ ଗୋବନ୍ଦର କଥାର ମର୍ମ ବୁଝିପାରେ ଆଉ ଛବରାଣୀଙ୍କୁ ନଜ ଆଡ଼କୁ ଟାଣି ଆଣି କହେ, "ହଁ ବନ୍ଧୁ ମୁଁ ଆଜ ବୁଝି ପାରଛ, ପ୍ରକୃତ ଧନ କଣ । ପ୍ରକୃତରେ ସବୁ କଛ ହେଉଛ ବଧାତାର ଖେଳ ।"

କୁଚଣ୍ଡା, ରାମଜ ପଡ଼ା
ସମ୍ବଲପୁର, ୭୬୮୨୨୨
ମୋବାଇଲ୍ - ୯୫୮୩୩୨୨୧୪୩




ଆମ ପରମ୍ପରା ଆମ ଐତହ୍ୟ : ବ୍ରହ୍ମପୁର ଠାରେ ଅନୁଷ୍ଠିତ ମହୁରୀ ମହୋତ୍ସବରେ ଓଡ଼ିଶୀ ନୃତ୍ୟରତ ଶିଶୁମାନଙ୍କ ଛବ

# ତୁମ ଗାଁ ନଈ...



ପ୍ରଶାନ୍ତ କୁମାର ନାଥ

ତୁମ ଗାଁ ନଈ ଭଲ ଲାଗେ ମୋତେ
ଥାଉ କି ନଥାଉ ପାଣି
ତୁମ ଗାଁ ରାସ୍ତା ଭଲ ଲାଗେ ପୁଣି
ବାଟ ନପାରେ ପଛେ ଜାଣି
ତୁମ ଗାଁ ବାଆ ଭଲ ଲାଗେ ଭାରି
ଦିଏ ଯେବେ ମୋତେ ଛୁଇଁ
ତୁମ ଗାଁ ସତେ ମନ ଗ୍ରେରେଇ ନିଏ
ସଞ୍ଜ ଯେବେ ଆସେ ନଇଁ ।
ତୁମ ଗାଁ ସେ କାଗଜ ଫୁଲବ ପ୍ରିୟା
ବାସେ ମୋତେ ମହ ମହ
ମନରେ ମୋହର ତୁମ ଗାଁର ଛବି
ନାଚୁଥାଏ ଗୋ ଅହରହ ।
ଭଲ ଲାଗେ ତୁମ ଗାଁ ବିଲ ପାହାଡ
ମନ ମୋ ଗ୍ରେରେଇ ନେଉଛି
ତୁମ ଗାଁ ଭଲ ଲାଗେ, କାହିଁକିନା
ତୁମକୁ ମୁଁ ଭଲ ପାଉଛି ।

ସୁନ୍ଦରପୁର,ଉତ୍ତରକୂଳହାଟ୍,ପ୍ରୀତପୁର,ଯାଜପୁର ।
ମୋ-୦୮୮୯୨୩୦୧୧୪୩

# ଅଦେଖା ପ୍ରେମ



ପ୍ରଶାନ୍ତ କୁମାର ନାଥ

ସେଦନ ସସ୍ମିତା ସାଙ୍ଗ ମାନଙ୍କ ସହ ଭୁବନେଶ୍ୱରର ପୁସ୍ତକ ମେଳାକୁ ବୁଲବାକୁ ଯାଇଥିଲ୍ । ପୁସ୍ତକ ପ୍ରତ ରୁଚ ନଥିବା ସସ୍ମିତା କନ୍ତୁ ସେଦନ ସାଙ୍ଗ ମାନଙ୍କ ବାଧବାଧକତାରେ କଣି ଆଣିଥିଲ୍ ଗୋଟେ କବତା ବହ "ମଧୁମାଳତୀ" । ମନେ ମନେ ଭବୁଥାଏ ବହଟିକୁ କାହାକୁ ଦେଇଦେବ ।

ଏମିତ ଭବୁ ଭବୁ କେଜାଣି କାହିଁକ ସେ ଦୁଇଗୃର ପୃଷ୍ଠା ଲେଉଟାଇଦେଲ୍ । ଆଉ ତାର ନଜରରେ ପଡ଼ିଲ୍ କବତା "ମନେ ମନେ" । ସେଦନ ସସ୍ମିତାର ବବେକ ବାଧ କଲ୍ ସେହ କବତାଟିକୁ ପଢ଼ିବା ପାଇଁ । କବତାଟି ଥିଲ୍ ଏହପର .......

ମନେ ମନେ ତୋତେ ଭଲପାଇଥିଲ
ମନେ ମନେ ପାଇଲ ଧୋକା
ମନେ ମନେ ମୁଁ ତୋ ସାଥିରେ ଥିଲ
ମନେ ମନେ ହୋଇଲ ଏକା ।
ମନର ମାନସୀ ଭବଥିଲତୋତେ
ମନ ମୋର ଗଲ୍ଗୋ ଭଙ୍ଗି
ମନେ ମନେ ପ୍ରେମ ମନେ ମନେ ଧୋକା

ମୁଁ ଯେ ମନୁଆଁ ପ୍ରେମରୋଗୀ ।

କେଜାଣି କାହିଁକି ଏହି କବିତାଟି ପଢ଼ି ସାରିବା ପରେ କବିତାଟିର ସେହି ମନୁଆ ସ୍ରଷ୍ଟାଙ୍କ ବିଷୟରେ ଜାଣିବାକୁ ଇଚ୍ଛା କଲା । ଦେଖିଲା ଉପରେ ତାଙ୍କର ନାମ ଲେଖା ଅଛି ପ୍ରଭାସ କୁମାର ରଥ ନାମଟି ଦେଖିସାରିବା ପରେ, କେଜାଣି କାହିଁକି ତାଙ୍କର ଠିକଣା ଜାଣିବାକୁ ଇଚ୍ଛା ହେଲା, କବିତାର ଶେଷରେ ଲେଖାଥିଲା ଜେ.ସି ରୋଡ୍,ବାଙ୍ଗାଲୋର । କେଜାଣି କାହିଁକି ସେଦିନ ସେହି କବିତାଟିକୁ ସସ୍ମିତା ୧୦ଥର ପଢ଼ିଥିଲା । ଆଉ ନିଜ ଅଜାଣତରେ ସେହି ମନୁଆଁ କବିଙ୍କୁ ନିଜ ହୃଦୟରେ ଜାଗା ଦେଇ ସାରିଥିଲା । ସସ୍ମିତା ସିନା ପ୍ରଥମ ଥର ପାଇଁ କବିତା ପଢ଼ିଥିଲା । କିନ୍ତୁ ସାରା ରାଜ୍ୟରେ ପ୍ରଭାସ ଜଣେ ରୋମାଣ୍ଟିକ କବି ଭାବରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରି ସାରିଥିଲେ ।

ସେହିଦିନ ଠାରୁ ସସ୍ମିତା ଯୁଆଡ଼େ ଯାଉନା କାହିଁକି ସାଙ୍ଗରେ କିଣି ଆଣି ଥାଏ ଗୋଟାଏ କବିତା ବହି । ଆଉ ଖୋଜୁଥାଏ ସେହି ମନୁଆ କବିଙ୍କର କବିତାକୁ । କେବେ କେବେ ମିଳିଯାଏତ କେବେ ପୁଣି ତାକୁ ନିରାଶ ହେବାକୁ ପଡ଼େ । ବହୁଦିନ ପରେ କବିତା ତାଙ୍କର ଆଉ ଗୋଟାଏ କବିତା ପଢ଼ିବାକୁ ପାଇଲା ଯାହାର ଶୀର୍ଷକ ଥିଲା "ଅପେକ୍ଷା" ।

କେତେ ଆଉ ତୁମକୁ ଅପେକ୍ଷା କରିବି
ସପନରେ ଆସ ଧାଇଁ
ସପନରେ ନୁହେଁ ସତେ ଆସି ଯାଅ
ଆଲୋ ମୋ ରୂପସୀ କଇଁ ।

ଏଥର କିନ୍ତୁ କବିତାର ଶେଷରେ ପ୍ରଭାସଙ୍କ ଇମେଲ ଆଇଡ଼ି ଥିଲା
XXXXXX@XXX.COM ।

ଏଥର କିନ୍ତୁ ଆଉ ଡେରି ନକରି ଗୋଟାଏ ଇମେଲ ପଠାଇଥିଲା ।

କବି ମହାଶୟ,

ସ୍ୱାଗତେଣ ପ୍ରଣାମ ଗ୍ରହଣ କରିବେ । ମୁଁ ଆପଣଙ୍କ କବିତାର ଜଣେ ଉଚ୍ଚ ପ୍ରଶଂସକ ଓ ପାଠକ ମଧ୍ୟ । ଆପଣଙ୍କ ରୋମାଣ୍ଟିକ୍ କବିତା ଗୁଡ଼ିକ ମନରେ ଏକ ଆନ୍ଦୋଳନ ସୃଷ୍ଟି କରେ,ଆଉ ପ୍ରେମର ସୁରଭି ବୁଣିଦିଏ । ଓଡ଼ିଆ ଭାଷାର ଆପଣଙ୍କ ଏହି ଅବଦାନ ପାଇଁ ଅଶେଷ ଧନ୍ୟବାଦ ।

(ଇତି)

ତୁମର ଶୁଭାକାଙ୍କ୍ଷି ।

ପ୍ରଭାସଙ୍କ ପ୍ରତ୍ୟୁତ୍ତର ଥିଲା ଧନ୍ୟବାଦ ।

୨ଦିନ ପରେ ପୁଣି ଏକ ଇମେଲ ଆସିଲା । ସାର୍ ଆପଣଙ୍କ "ଅକୁହା ପ୍ରେମ"କବିତାଟି ବହୁତ ମନଛୁଆଁ । ଗୋଟେ କଥା ପଚାରିବି ଯଦି ଖରାପ ଭାବିବେନି ତ । ସାର୍.. ଆପଣ କଣ କାହାକୁ ଭଲପାଇନାହାନ୍ତି । ଏମିତି ଧିରେ ଧିରେ ପ୍ରଭାସ ଆଉ ସସ୍ମିତାର କଥୋପକଥନ ଆରମ୍ଭ ହୋଇଗଲା । ତା ପରେ ମୋବାଇଲ୍‌ରେ କଥା ଆଉ ମନ ଦିଆନିଆ । ଏମିତି ଏମାନଙ୍କ ଅଦେଖା ପ୍ରେମ ଏତେ ନିବିଡ଼ ହୋଇଗଲା ଯେ ଯାହା ଅନ୍ୟ ମାନଙ୍କ ପାଇଁ ଏକ ଉଦାହରଣ ହୋଇ ରହିଗଲା ।

ସୁନ୍ଦରପୁର, ଉତ୍ତରକୂଳ ହାଟ୍, ପ୍ରୀତିପୁର, ଯାଜପୁର - ୭୫୫୦୧୩

# ଅତୀତ



ଦିଲ୍ଲୀପ କୁମାର ପରିଡ଼ା

ଏ ଆସନା ... ଟିକେ ପଛକୁ ଫେରିବା !
ଅତୀତର ବେଳାଭୂଇଁ ଖୋଜି,
ସ୍ମୃତି ସବୁ ସାଉଁଟି ଆଣିବା ।
କିଛି ଅଛି ହାତ ପାହାନ୍ତାରେ
କିଛି ପୁଣି ଆଖିଠାରୁ ଅନେକ ଦୂରରେ ।
କିଛି ଆମ ପିଲାଦିନ
କିଛି ଆମ ଅନୁଢ଼ା କୈଶୋର...
ପୁଣି କିଛି ଅବୁଝା ଯୌବନ ।
ସବୁ ସେଇ ବାଲିରେ ହଜିଛି,
ଅଧା ଥିବା ଅକୁହା ଅଶୁଣା କିଛି...
ଦୁଷ୍ଟାମୀର ଝାପ୍‌ସା ଫର୍ଦ୍ଦ କିଛି ।
ଭଲମନ୍ଦ ଯେତେ ଯାହା ବିଗତ ଦିନର,
ସବୁ କାହିଁ ଲାଗେ ଆଜି ନିଜର ନିଜର ।
ଲାଗେ ସତେ ଡାକେ ହାତ ଠାରି...
ଆ... ଫେରିଆ'ନା... ଥରେ... !!!

# ଭୁଲି ପାରିବିନି ତୋତେ



ଆର୍ତ୍ତତ୍ରାଣ ସୁତାର

ଠକିଦେଇ ଚାଲିଗଲୁ ବହୁଦୂର
ଦେଇଥିଲୁ କଥା, ଛାଡ଼ିବୁନି ହାତ !
ଅଧାବାଟେ ହାତ ଦେଲୁ ଛାଡ଼ି
ଭୁଲି ଗଲୁ ମୋତେ, କରିଦେଇ ପର ।
ଭୁଲି ହୁଏନାହିଁ ଅଭୁଲା ସ୍ମୃତିସବୁ,
ଭୁଲି ନାହିଁ କେବେ ତୋତେ ।
ଭଲ ପାଇ ଯଦି ଭୁଲିବାର ଥିଲା
କିଆଁ ଭଲ ପାଉଥିଲୁ ମୋତେ ?
ଭୁଲିଯିବି ପଛେ ମୋ ଜୀବନକୁ
ହେଲେ, ଭୁଲି ପାରିବିନି ତୋତେ ।

# ଗରୀବ ଲୁହ ମୂଲ୍ୟହୀନ



ପ୍ରଶାନ୍ତ କୁମାର ଦାଶ

ଗରବୀ ଜ୍ୱାଳାରେ ଜଳୁଛି ମାଆଟି
କେହ୍ବ କରେ ନାହିଁ ଆହା...
ଭୋକ ବକଳରେ ତା ଛୁଆ କାନ୍ଦୁଛି
ନାହିଁ କେହ୍ବ ତାର ସାହା ।
ଗୃହ, ଅନ୍ନବସ୍ତ୍ର ତା ପାଇଁ ସପନ
କେହ୍ବ ଶୁଣେନାହିଁ ଭୋକଲ୍ କଥା
ଛୁଆଟିର ଦୁଃଖେ ଗ୍ହା ଧର କାନ୍ଦେ
ଆମେ କ୍ବ ବୁଝିବା ତାର ମମତା ।
ଚତ୍କାର ଯେ କରେ ଭୋକଲ୍ ପେଟରେ
ଶୁଣୁନ କାହିଁକ ମଣିଷ ଜାତ
ଗରୀବର ଲୁହ ମୂଲ୍ୟହୀନ ଏଠି
ଜଳ ଉଠେ ଆଜ ମାଆର ଗ୍ଧତ ।



ମୋବାଇଲ୍ - ୯୮୭୧୨୦୧୫୧୦

# ପ୍ରେମ



ଦୀପକ ଷଡଙ୍ଗୀ

ପ୍ରେମ ସବୁ ବର୍ଷର ଗଜଲ
ପ୍ରେମ ସବୁ ସ୍ବପ୍ନର ଫସଲ
ପ୍ରେମ ସବୁ ଜହ୍ନର ଶୀତଳତା
ପ୍ରେମ ସବୁ ଅଳ୍ପ ର ନୀରବତା ।
ପ୍ରେମ  କେବେ ପୁଣ୍ୟ କେବେ ପୁଣି ମିଠା ପାପ
ପ୍ରେମ ସବୁ ମଣିଷର ଗହନ ମନର ଗପ ।
ପ୍ରେମ କେବେ ଢାଳେ ଲୁହ କେବେ ଖୋଜେ ନଦ
ପ୍ରେମ କେବେ ହୋଇଯାଏ ପୁଣି ଅଭୁଲା ପ୍ରୀତର ସମ୍ବାଦ
ପ୍ରେମ କେବେ ମୋତଝର ମମତାମହଲ
ଭର କ୍ଷେତେ ପୁଣି କେବେ ଉଜୁଡ଼ା ଫସଲ ।
ପ୍ରେମରେ ନଥାଏ ପାଇବାର ଆଶା
ଭଲ ପାଇବାତ ପ୍ରେମିକର ନଶା ।
ପ୍ରେମ ହିଁ ପୂଜା ଆରାଧନା ପ୍ରେମିକର ଆକୁଳ ପ୍ରାର୍ଥନା
ପ୍ରେମ ପାଇଁ କେତେ ବନ୍ଦନା ଆଉ ଅର୍ଚ୍ଚନା ।
ପ୍ରେମ ପୃଥିବୀର ଅମାପ ପରଧି
ପରଚୟ ଯା'ର ଅତଳ ବାରଧି
ପ୍ରେମ ହିଁ ପବତ୍ର ପ୍ରେମ ହିଁ ଶାଶ୍ବତ
ପ୍ରେମ ହିଁ କରପାରେ ଏ ବଶ୍ବକୁ ମୋହତ ।

ଅଧ୍ୟାପକ,ଗେଲଣ୍ଡ ଫାର୍ମାସୀ କଲେଜ
ଖୋଡାସିଂଗି, ବ୍ରହ୍ମପୁର – ୧୦

# ମାନସୀ



ଅନାମ ଚରଣ ସାହୁ

ସମୀରକୁ ଦିନେ ପଚାରି ବୁଝିଲି
ଦୂର ଦେଶ ପ୍ରିୟା କଥା
କହିଲା ସେ ଧିରେ ତା'ର ଗତି ସରେ
ଝୁରି ଝୁରି ମୋର କଥା ।
ଫୁଲକୁ ପଚାରି ବୁଝିଲି ମୋ ପ୍ରିୟା
କେମିତି ରହିଛି କୁହ
ମୋ ପ୍ରେମ ପରଶ ଭୁଲିନାହିଁ କାଳେ
ଆଖିରୁ ଝରଏ ଲୁହ ।
ଜହ୍ନଠୁ ବୁଝିଲି କପରି ରହିଛି
କହିଦିଅ ମୋତେ ଥରେ
ତା'ର ମୁଖ ଜ୍ୟୋତି ଯାଇଛି ଯେ ଲିଭ
ଦୁଃଖରେ ଦିନ ତା ସରେ ।
ଇନ୍ଦ୍ରଧନୁକୁ ପଚାରିଲି ଯେବେ
ଉତ୍ତର ଦେଲା ସେ କହି,
ପ୍ରେମ ରଙ୍ଗ ତାର ଝଲସି ଉଠଇ
ନପାରେ ଦୂରରେ ରହି ।
ଭସା ବାଦଲଟା ଭସି ଯାଉଥିଲା
ହସି ହସି ଗଲା କହି,
ବର୍ଷା ପରିକା ବରଷି ଯିବ ସେ
ମୌସୁମୀର ସ୍ପର୍ଶ ପାଇ ।
ସମୁଦ୍ର ତରଙ୍ଗ ନାଚ ନାଚ ଆସି
ଧିରେ ମୋତେ ଗଲା କହି
ଡେରି କରନାହିଁ ପ୍ରିୟା ପାଶେ ଯାଅ
ଝୁରେ ତୁମ ପ୍ରାଣ ସହି ।

ବଉିତପୁର, କାକଟପୁର, ପୁରୀ
ମୋବାଇଲ୍ - ୯୯୩୭୨୧୦୨୭୦

# ସଫଳ ଜୀବନ



ଅନାମ ଚରଣ ସାହୁ

ନଦୀପରି ହେବ ସବୁ ସହିଯିବ
ଦୁଃଖ ସୁଖ ସମମଣି,
ଦୁର୍ଗମ, ବନ୍ଧୁର ପଥ ଅତିକ୍ରମି
ମଣିଷପଣକୁ ଜିଣି ।
ଫୁଲ ସମ ମୁହିଁ କୋମଳ ହୋଇବ
ପାଇ ଭ୍ରମରର ସ୍ପର୍ଶ,
ଜୀବନ ମୋର ସାର୍ଥକ କରିବ
ସଂସାର ହୋଇବ ହର୍ଷ ।
ନୀଳ ମହୋଦଧି ପରି ହେବ ମୁହିଁ
ଫେରାଇବ ସବୁ କଛି
ସେବା ବଦଳରେ ସେବା ମୁଁ କରିବ
ଦୁନିଆରେ ଖୁସି ବାଞ୍ଛି ।
ଗଛ ପରି ହେବ, ଫଳ ଛାୟା ଦେବ
ନକରିବ କେବେ ମନା,
ଦୟାଭାବ ବହି ସଦା ଥିବ ରହି
ସତ୍ୟର ଉଡ଼ାଇ ବାନା ।
କ୍ଷଣପ୍ରଭା ପରି କ୍ଷଣେ ହେଉ ପଛେ
ଅନ୍ଧାର କରିବ ଦୂର
ଅନ୍ୟ ଜୀବନକୁ ମହକାଇ ଦେବ
ନ ଭାବିବ କେବେ ପର ।
ପଳାଶ ପରି ମୁଁ କ୍ଷଣେ ଆୟୁପାଇ
କେବେ ନ କରିବ ଦୁଃଖ,
ହିଜର ସୁରଭି ବିତରି ଜଗତେ
ବାଣ୍ଟି ଚାଲିଥିବ ସୁଖ ।
ପିମ୍ପୁଡ଼ି ପରି କର୍ମକୁ ଆଦରି
ସବୁଠୁ ସୁନ୍ଦର ମଣି
ଭବିଷ୍ୟ ଉଜ୍ଜ୍ୱଳ କରିବ ମହୀରେ
ହେବ ନାହିଁ କେବେ ଋଣୀ ।

ବିଭୁତିପୁର, କାକଟପୁର, ପୁରୀ
ମୋବାଇଲ୍ - ୯୯୩୭୨୧୦୨୬୦

# ଶିକ୍ଷାର ଆଦର୍ଶ



ମହେନ୍ଦ୍ର ପ୍ରତାପ ସ୍ୱାଇଁ

ମୋ ପ୍ରିୟ ଅପା... ଗାୟତ୍ରୀ (ରଂକ)  ! ! !

ଅପା ମୋର ଦନେ ବରସ ବଦନେ - ଛଳ ଛଳ ନୟନ କର,
ବସ୍ତାନକୀ ଧର ମାଆ ପାସେ ଆସି, ଅଥୟେ କଲ୍ ଗୁହାର ।

ଇତହାସ ବହ ଚୋରାଇ କେ ଦେଲ୍, କେମିତ ପଢ଼ିବ ପାଠ ?
ବଦ୍ୟାଳୟେ ପୁଣି ରହଛନ୍ତ ପିଲ୍, ଏତେ ଚୋର ଖଣ୍ଡ ଶଠ ।

ଗୁରୁଜୀଙ୍କ ପାଶେ ଗୁହାର କହଲ, ଫଳ ତ ମିଳଲ୍ ନାହିଁ,
ବୁଦ୍ଧି ଦଶୁନାହିଁ କସ ମୁଁ କରବ, ଉପାୟ ଦଅ ବତାଇ ।

ରୋଷଘରେ ମାଆ କହଲେ ଅପାକୁ, “ଅଛ ଯେତେ ବୁଦ୍ଧି ବଳ,
ଘେନ ଆସ ତେବେ ଆଉ କାହା ବହ, କର କଳ କୌଶଳ” ।

ସରଳ ମନରେ ସରଳ ବଶ୍ୱାସେ, ସତ୍ୟ-ମଣି ମାଆ ଗିର,
ବହ ଏକ ଆଣିଲ୍ ଚୋରାଇ, ପ୍ରଶଂସା ଲାଭ ଆଶାରେ ।

ସତେ ଅବା ଗଡ଼ ଜଣି ସେ ଆଣିଛ, ଯେସାକୁ ତେଷା କରଇ,
ବାପାଙ୍କ ହାତକୁ ବହ ଗୋଟା କାଢ଼ି, ଆନନ୍ଦେ ଦେଲ୍ ବଢ଼ାଇ ।

ବହି ଦେଖି ବାପା ନିର୍ବାକ ହୋଇଲେ, ନୟନ କଲେ ମୁଦ୍ରିତ,
ମଥାପରେ ତାଙ୍କ ହୋଇଲ୍ କି ସତେ, ବିଷାଦର ବଜ୍ରପାତ ।

କିଛି କ୍ଷଣ ପରେ ପ୍ରକୃତିସ୍ଥ ହୋଇ, ବଦନେ ଫୁଟାଇ ହସ
ଅପାକୁ ପାଖରେ ବସାଇଣ ବାପା, ବୋଇଲେ କୋମଳ ଭାଷ ।

"ତୋର ଏହି କାର୍ଯ୍ୟ ଅଶିକ୍ଷା ଅଟଇ, ଶିକ୍ଷା ପ୍ରତି ଅପମାନ,
ଚରିତ୍ର ଗଠନେ ସଫଳ ନୋହିଲେ, ଶିକ୍ଷା ହୁଏ ସାରି ଶୂନ୍ୟ" ।

"ଜୀବନ ଜୀବିକା ସମନ୍ୱଏ ହୁଏ, ଶିକ୍ଷାର ଲକ୍ଷ୍ୟ ସାଧନ,
ଶିକ୍ଷାର ମହିମା ବିକସିତ ହୁଏ, ଚରିତ୍ର କଲେ ଗଠନ" ।

ଅନୁତପ୍ତ ମନେ ଅପା, ପିତାଙ୍କ ଚରଣେ ଦୃଢ଼ ସପଥ ସେ ନେଇ,
ସହପାଠିନୀର ବହି ପରିଦିନ, ସହସା ଦେଲି ଫେରାଇ ।

ସହସା ତା'ର ଏ କାର୍ଯ୍ୟ ଦେଖି, ସହପାଠିନୀ ସତ୍ୟ ଉଗାଳେ,
ଉକ୍ତ ଦିନ ଅପାର ଖୁସି, ଇତିହାସ ବହି ମିଳିଲ୍ ସହଜେ ।

ସବୁ ବାପା ମାଆ ଗୁରୁଜନଙ୍କୁ, ମଥାନତ ନିବେଦନ,
ମୋ ବାପାଙ୍କ ପରି ହୁଅନ୍ତୁ ସକଳେ, ଆଦର୍ଶରେ ଗରୀୟାନ ।

ହୁଅ ଆଦର୍ଶରେ ଗରୀୟାନ ...

କନିଷ୍ଠ ଗବେଷକ, ଆବସ୍ ହେଲ୍ଥ କେୟାର୍,
ନବି-ମୁମ୍ବାଇ, ମୁମ୍ବାଇ, ମହାରାଷ୍ଟ୍ର, ଭାରତ +91-9778999990

# ଏମିତ କାହିଁକି ହୁଏ ?



ସୁଶ୍ରୀ ଜୟଶ୍ରୀ ଜେନା

ବେଳେ ବେଳେ ଗ୍ଲେଟ ଗତ ଲମ୍ବା ଲାଗେ
ଜାଣେନ ଏମିତ କାହିଁକ ହୁଏ ।
ସଭିଁଙ୍କୁ ନଦ୍ରାଛନ୍ନ କରୁଥିବା ନଦମାଉସୀର ପଣତ
ମୋ ପାଇଁ ନଅଣ୍ଟିଆ ହୋଇଯାଏ ।
କାହିଁକ ଯେ ଆଖି ଫାଡ଼ି ଆଲୋକକୁ
ଏତେ ପାଖରୁ ଦେଖିବାକୁ ଇଚ୍ଛା ହୁଏ,
ଯେମିତ ମିଶିଯାଇ ତା ଭତରେ ଖୋଜବ
ଅନ୍ଧାର କେମିତ ହୁଏ !!!

କେବେ କେବେ ଏମିତ ବ ହୁଏ
ମିଠା ମିଠା ବର୍ଷାଛଟା ଭୟଙ୍କର ରୂପ ନଏ
ବର୍ଷା ସହଯୋଡ଼ା କୁଆଁରୀ ମନ
କା'କାଉଁରୀ ସ୍ପର୍ଶ କ୍ଷଣିକେ ଭୁଲେଇ ଦଏ ।
ଭାବେ ଉଡ଼ି ଉଡ଼ି ଯିବ ସେ ଆକାଶର ଦେଶେ
ସେ ବଉଦ ପାଶେ ଆଉ ପଗୃରବ,
କାହିଁକ କାନ୍ଦେ ସେ ବୁକୁ ଫଟାଇ
ତା'କୁ ଆଘାତ କଏ ସେ ଦଏ !!!

ଏମିତ ବ ହୁଏ ଶୀତଳ ପବନ ମନ ମୋହୁ ମୋହୁ

ବାତ୍ୟାର ରୂପ ନିଏ,
ସୁନେଲି ସ୍ୱପ୍ନ ସ୍ୱପ୍ନରେ ରହେ
ଧନଜନ ବାଲିଘର ପରି ମିଳେଇ ଯାଏ
ଇଚ୍ଛା ହୁଏ ନିଃଶ୍ୱାସ ସହ ବାହାରିଯାଇ ପଚାରିବାକୁ
କାହିଁକି ବହେ ଅଣଗୁଡ଼ିଏ ଅଣନିଃଶ୍ୱାସୀ ହୋଇ,
ସେଥିରୁ ସେ ବା କି ଲାଭ ପାଏ ! ! !

ଅତି ନିଜର ଚିହ୍ନା ମୁହଁ ଅଚିହ୍ନା ହୋଇଯାଏ,
ଏମିତି କାହିଁକି ହୁଏ ?
ପାଖରେ ଥିଲେ ବି ଶହେ ଯୋଜନ ଦୂରତା
ନେଇ ତା ଆଗେ ଉଭା ହୁଏ ।
ଜହ୍ନ ଖସି ମାଟିରେ ପଡ଼ିଲେ ବି
ଜହ୍ନ ଆଉ ବାମନର ଦୂରତା ସମାନ ଥାଏ ।
ହାତ ବଢ଼ାଇ ବଢ଼ାଇ ଥକି ଗଲେ ବି
ହାତ କି ଆଉ ପାଏ ?
ଭାବେ ପଚାରିବି ସର୍ବସ୍ରଷ୍ଟାଙ୍କୁ
କି ସୁଖ ମିଳେ ଦୂରେଇ ଦେଇ
ଆଖିରୁ ପିତୁଳୀ ଆଉ ନିଜ ଅଧିକାର
ଯାହା ସୁସ୍ଥଙ୍କୁ ପଙ୍ଗୁ କରିଦିଏ,
ସତରେ ଏମିତି କାହିଁକି ହୁଏ ?

ପସରବନ୍ଧା, ଦେହୁର୍ଦା, ବାଲେଶ୍ୱର
mignonjay15@gmail.com

# କୋଉଠି ଅଛ ?



ସୁଶ୍ରୀ ଜୟଶ୍ରୀ ଜେନା

ଶିତୁଆ ପବନ ଯେତେବେଳେ ଶିହରାଇ ଦିଏ ଏହି ଦେହକୁ
ମନ ଆପେ ଆପେ ଶିହରି ଯାଏ
ତୁମ କଥା ଲାଗେ ଭାବିବାକୁ ।
ବର୍ଷାର ରମ୍ ଝିମ୍ ଶବ୍ଦ ଶୁଣିଲେ ଭାବେ ତୁମେ ଆସୁଛ କି ?
ଆଉ ପୁଣି ଧାରାଶ୍ରାବଣକୁ ଦେଖି ଭାବେ
ମୋତେ ମନେ ପକାଇ ତୁମେ କେଉଁଠି କାନ୍ଦୁଛ କି ?
ଭାବେ ଦଉଡ଼ିଯାଇ ବନ୍ଦ କରିଦେବି ଏହି ବର୍ଷାର ଧାରାକୁ
ହେଲେ ବର୍ଷାର ଛିଟାର ସ୍ପର୍ଶରେ ଲାଗେ ତୁମେ ଛୁଇଁ ଗଲକି
ହଜିଯାଏ ମନକୁ ମନକୁ ।
ପୁଣି ମଳୟ ପବନ ଯେବେ ଥିରି ଥିରି ବହି ଦେହକୁ ଛୁଏଁ
ଗୁଣୁ ଗୁଣୁ କରି ତୁମ ନାଁ ମୋ କାନରେ କହେ
ଆଉ ମୋତେ ସପନ ରାଇଜରେ ହଜେଇ ଦିଏ ।
ଆଖି ଖୋଲିଲେ କିନ୍ତୁ ସ୍ୱପ୍ନ ସବୁ ସ୍ୱପ୍ନରେ ରହିଯାଏ
ତୁମେ ନଥିବାର କ୍ରୁର ସତ୍ୟତା
ହୃଦୟକୁ ଖୁବ୍ ଯନ୍ତ୍ରଣା ଦିଏ ।
କହି ପାରିବ କି ପ୍ରିୟ ତୁମେ କୋଉଠି ଅଛ ?

ଫୁଲରେ ଅଛ ନା ଫଗୁଣରେ ଅଛ,

ବସନ୍ତରେ ଅବା ଶ୍ରାବଣରେ ଅଛ ?

ଭଲ ପାଇବାର ବାସ୍ନା ବାଣ୍ଟିଦେଇ

ତୁମେ କୋଉଠି ଲୁଚିଛ, କୋଉଠି ଅଛ ?

ତୁମେ କ ଭାବିଛ ତୁମ ବିନା ବଞ୍ଚିପାରିବିନି ବୋଲି

ଦେଖ ମୁଁ କୋଉଠି ହଜିନି, ତୁମ ବିନା ବଞ୍ଚିବା ଶିଖିଗଲି ।

ଏ ରଙ୍ଗ ଫଗୁଣ, ଏ ଋତୁ ଶ୍ରାବଣ

ସବୁ ଅଛି ସିନା ହେଲେ,

ମାନସ ପଟରୁ ତୁମକୁ କେଭେ ଲିଭାଇ ନ ପାରିଲି ।

ପସରବନ୍ଧା, ଦେହୁର୍ଦା, ବାଲେଶ୍ୱର

mignonjay15@gmail.com



# କାହାଣୀ ଏଞ୍ଜେଲ ପ୍ରିୟାର



ଅମୃତାଂଶୁ

ଦେଖିଲି ତୋତେ ଯେବେ ମୁଁ Facebook ରେ
ହୋଇଗଲା ମୋତେ ପ୍ରେମ First Look ରେ ।
ପଠେଇଲି ତୋତେ ମୁଁ Friend request,
ଦୁଇ ମିନିଟ୍ ଲାଗିଲାନି କଲୁ Reject ! ! !
Accept କରିବୁ ଭାବି ତୋତେ ଗୃଟିଲି
କେତେ ପ୍ୟାରସେ ତୋତେ ମେସେଜ୍ ଦେଲି ।
ସପ୍ତାହକ ପରେ Reply ମୋତେ ମିଳିଲା
'Who R U ?' ବୋଲି ସେଥିରେ ଲେଖାଥିଲା ।
ତା ପରେ ହୋଇଲା ଆମର Intro
ତୋ ଠୁ ପାଇଲି କିନ୍ତୁ Reverse Throw ।
ଆମ ପାଖ ଗାଁ ଝିଅ ବୋଲି ଯେବେ ଜାଣିଲି
ବନ୍ଧୁତାର ହାତ ତୋତେ ବଢ଼େଇଦେଲି
ଶେଷରେ ଯା ହେଉ ତୁ ମୋତେ Accept କଲୁ
ମୋର ସବୁ Post ରେ ତୁ Comment ଦେଲୁ
College ନ ଯାଇ ଦିନରେ ଘରେ ରହିଲି,
ଦିନ ରାତି ତୋ ସହ Chatting କଲି ।
ମୋବାଇଲ୍ ନମ୍ବର ମାଗିଲେ ଭାରି ସହଜ
ଭାବି ମାଗିନେଲି ଦିନେ ନମ୍ବର ଆଗ ।
ଏବେ ଆସିଛି ଯେଉଁ ନୂଆ ଫିଚର

Whatsapp ଅଟେ ନାମ ତାହାର ।
ସେଥିରେ ତୁ ଅଛୁ ବୋଲି ଜାଣିପାରିଲି
Short message ସବୁ ମୁଁ Send କଲି ।
ଭାବିଲି ଏ ସବୁ ଦେଖି Impress ହେବୁ
ତୋ ପ୍ରେମ ଗଡ଼ିଆରେ ଗାଧୋଇ ଦେବୁ ।
ଏହି ସବୁ ଫାର୍ସ ମାସେ କାଳ ଗଲା,
ଅଖିଆ ଅପିଆ ଖାଲି ଦିନ ଗଡ଼ିଲା ।
ଭାବିଲି କଥାକୁ ଟିକେ ଆଗକୁ ନେବି
ଯେମିତି ହେଉ ମୁଁ ତୋତେ ଦେଖା କରିବି ।
ପଟେଇ ପାଟେଇ ଦିନ ବାହାର କଲି
ଧାର ମାଗି ସାଙ୍ଗଠାରୁ ଗାଡ଼ି ଆଣିଲି ।
ସକାଳୁ ସକାଳୁ ଗାଡ଼ି Start କରିଲି
ଘରୁ ବାହାରିବା ପାଇଁ ତୟାର ହେଲି ।
ମୋତେ ଦେଖି ବୋଉ ପଶୁରେ ତୁ କୁଆଡ଼େ ?
ବାତରା ଜୀବନ, ଯାଉ ଗତ ଯୁଆଡ଼େ ।
ଜାଣିନି ବୋଉ ମୋ କଥା କଣ ବୁଝିଲା
ଖେଁ ଖେଁ ହୋଇ ମୋତେ ବହେ ଶୋଧିଲା ।
ପଖାଳ ବାଡ଼େଇ, ଗାଡ଼ିକୁ ଛୁଟେଇ
Dating ପାଇଁ ତୋ ଗାଁକୁ ଗଲି ଆଗେଇ ।
ତମ ଗାଁ ମୁଣ୍ଡରେ ଗାଡ଼ି ରଖିଲି
ବେଶ ପୋଷାକ ଚୁଟିକୁ ସଜାଡ଼ି ଦେଲି ।
ଠିଆ ହୋଇ ତୋତେ ଯେତେ କଲ୍ କରିଲି
Waiting ଆସୁଥିଲା ବିରକ୍ତ ହେଲି ।
ପ୍ରଥମ ଥରଟା ମାରିଲା Fail,
ଦ୍ୱିତୀୟ ଥରରେ ଲାଗିଲା Call.

ଥିଲା ସେଠି ଗୋଟିଏ ଆମ୍ବତୋଟା
ମେଁ ମେଁ କରୁଥିଲା ଛେଳ ଛୁଆଟା ।
ସେଠି ଦେଖା କରବା Plan ହେଲା
ଅଧଘଣ୍ଟା ପରେ କଏ ଜଣେ ଆସିଲା ।
ନାଲ ନୁଖୁର୍ ଚୁଟି, କାଳଆ ଘୋଷର୍ ମୁହଁ, ଉଠିଥାଏ ସବୁ ବ୍ରଣ
ଆସି ମୋ ପାଖକୁ ସ୍ନେହରେ କହୁଛ, ଚହ୍ନପାରୁନ କ କଣ ?
ଏବେ ମୁଁ ଜାଣୁଛ ଏ ତମ ଚେହେର୍
Profile picture ଠାରୁ ସେ ନିଆର୍ ।
କଅାଁ ମୁଁ କରଲ ଏଇ ହରକତ,
ଜାଣି ପକେଇଲ ମୋର କ ଔକାତ ।
ଆସିକ ସିଧା ମୁଁ Cafe କୁ ଧାଇଁଲ
BLOCK ତୋତେ ମୁଁ ତତ୍କ୍ଷଣ ମାରଲ ।
ଆଉ କରବନ ଏମିତକା କାଣ୍ଡ
ଇଚ୍ଛା ହେଲେ ଯିବ ପଛେ ଥାଇଲାଣ୍ଡ
କହଲା ବେଳକୁ ଗ୍ରଗ ଯେ ମାଡୁଛ
ପେନ୍ଦିର ମୁହିଁ କ ଧନ୍ଦା ଚଲେଇଛ ।
ସତରେ ଯେ ଅଟେ ବ୍ରଣ ମୁହିଁ କୁକୁରୀ,
Profile ରେ photo ଦେଇଛ ବଶ୍ୱସୁନ୍ଦରୀ ।
ନିଜର Picture ଲଗେଇ ତ ନାହିଁ,
ଚଲେଇଛ ଏଠି ଯାତର୍ ଛଇ ।
ଭାଇ କଣ କହବ ମନରେ ହସୁଛ,
କାହିଁ ପଠେଇଲ Request ଭାବୁଛ ।
ହୃଦୟ ଦେଉଛ ବାସି ଚକ୍ଖାର
Angel Priya କୁ ଶହେ ଜୁହାର ।

# ସ୍ୱାଗତକା



ଲକ୍ଷ୍ମୀଧର ମହାରଣା

ଚମତ୍କାର କବତାଟିଏ ସୃଷ୍ଟିପାଇଁ
ତପସ୍ୟାରତ
ଜଣେ ଅକବର କୁଟୀରକୁ
ତୁମର ସ୍ୱାଗତ ! ଆସ... ।
ଲାଲ ରଙ୍ଗର ପ୍ଲାଷ୍ଟିକ୍
ଚେୟାର ଟିଏ ପଡ଼ିଛି ।
ସେଥିରେ ଆରାମରେ ବସ ।
ତୁମ ସାମ୍ନାରେ ଖୋଲ ଦେଉଛି
କୋଡ଼ିଏ ବର୍ଷ ତଳର
ଫୋଲ୍‌ଡ଼ିଙ୍ଗ୍ ଟେବୁଲ୍ ।
କଛି ଜଳଖିଆ ଖାଅ,
ମୋ ସାଥୀରେ ତାଳଦେଇ
ମୋ ଘରଣୀଙ୍କ ହାତ ତଆର
ଗରମ ଗ୍ରୀ କପେ ପିଅ ।
ତାଙ୍କ ହାତଭଙ୍ଗା
ବାସ୍ନା ପାନଖଣ୍ଡେ ଖାଅ ।
ମୁଁ କାନପାତ ଶୁଣିବ
ତୁମ ସୁଖଦୁଃଖର କାହାଣୀ
ଆଉ ଶୁଣାଇବ... ଦେଖାଇବ
ମୋ ସୃଷ୍ଟି ତପସ୍ୟାର ସଞ୍ଚିତ ସମ୍ଭାର ।
ହେ ବନ୍ଧୁ ବଦାୟ ବେଳାରେ
ତୁମ ହାତରେ ଧରେଇ ଦେବ
ମୋ ପ୍ୟାକେଟ୍ ଖୋଲ
ନୂଆ ବଲ୍ ପେନଟିଏ
ତୁମ ସୁପ୍ତ କବତ୍ୱର ସ୍ଫୁରଣ ପାଇଁ
ଶୁଭାରମ୍ଭ କରବାକୁ ତପସ୍ୟାର ।

# ତୁମେ



ଜୟଶ୍ରୀ ପଟ୍ଟନାୟକ

ଆସ ଲେଖିଦେବା ସମୟର ତୂଳୀକାରେ ଗୋଟିଏ ପୂଣ୍ୟର କାହାଣୀ
ଯେଉଁଥିରେ ତୁମେ ସାଜଥିବ ପ୍ରଣୟୀ ମୁଁ ତୁମ ପ୍ରଣୟିନୀ ।
ତୁମେ ହୋଇଥିଲେ ଲିପି,
ମୁଁ ହୋଇଥିବ ପ୍ରତିଲିପି ।
ତୁମେ ହୋଇଥିଲେ ଧ୍ୱନୀ
ମୁଁ ହେବ ତୁମ ପ୍ରତିଧ୍ୱନୀ ।
ତୁମେ ଅନୁରାଗ ହେଲେ
ମୁଁ ହେବ ଅନୁରାଗିଣୀ ।
ତୁମେ ହେଲେ ପୂର୍ବାଶା
ମୁଁ ହେବ ତୁମ ପ୍ରତୀଚୀ ।
ମୁଁ ହୋଇଥିଲେ ନୀଳ ନୟନା
ତୁମେ ହୃଦୟର ଚଠି,
ମୋର କଣ୍ଟକିତ ପଥଧାରେ
ତୁମେ ଫୁଲର ଗ୍ଳିତ
ମୁଁ ହୋଇଥିଲେ ଘାସଫୁଲ
ତୁମେ ନୀଳ ଅମ୍ବୁଦ
ତୁମେ ହୋଇଥିଲେ ଘନ ବୀଚ
ମୁଁ ଉଚ୍ଛୁଳା ଲହରୀ ।
ତୁମେ ହୋଇଥିଲେ ଶ୍ୟାମଘନ

ମୁଁ ତୁମ ବଂଶୀର ସ୍ୱନ,
ତୁମ ପ୍ରୀତିର ତୋରଣ ତଳେ
ମୁଁ ଏକ ଗ୍ଳାଇ ପାଉଥିବା ମନ ।
ତୁମେ ହୋଇଥିଲେ ମୌସୁମୀ ମଳୟ
ମୁଁ ଖୋଲା ବାତାୟନ,
ମୁଁ ନିଃଶବ୍ଦ ମରୁଭୂମି
ତୁମେ ତାର ପଦଧ୍ୱନୀ,
ମୁଁ ହୋଇଥିଲେ ସୁନୟନା
ତୁମେ ସପନର ସବୁଜ ଭୂମି ।
ତୁମେ ହୋଇଥିଲେ ସ୍ମୃତିର ତାଜମହଲ
ମୁଁ ଶଙ୍ଖମର୍ମର ଶିଳାଖଣ୍ଡ ।
ସମୟର ପୃଷ୍ଠାରେ
ଆମ ସଂପର୍କର ପ୍ରେମ ହୋଇଥାଉ ମାନଦଣ୍ଡ ।

ଏମିତ ସଂପର୍କଟିଏ ଜୀଇଥାଉ
ତୁମ ମୋ ଭିତରେ ।
ତୁମେ ମୋତେ
ମୁଁ ତୁମକୁ ଖୋଜୁଥିବା ପ୍ରତିଟି ଜନ୍ମରେ ।

ମଧୁସୂଦନ ନଗର, ଜଟଣୀ, ଖୋର୍ଦ୍ଧା

# ବିଶ୍ୱାସ



ଡମ୍ବରୁଧର ବାଗ

ମୃଗୟା ପଛରେ ରାମଚନ୍ଦ୍ର ଦିନେ
ଧାଉଁଥିଲେ ଜାଣି ଜାଣି,
ସୀତାକୁ ଚୋରାଇ ରାବଣ ଯେ ନେଲା
କୁଡ଼ିଆରୁ ଟାଣି ଟାଣି ।
ଧନୁଯାତ୍ରା ଦେଖି କୃଷ୍ଣ ଚାଲିଗଲେ
କୁଞ୍ଜବନେ ରାଧା ଛାଡ଼ି,
ଅତ୍ୟନ୍ତ ଦୁଃଖରେ ଯମୁନା କୂଳରେ
କାନ୍ଦୁଥିଲେ ରଡ଼ି ରଡ଼ି ।
ମୁଁ ନୁହେଁ ସେ ରାମ ଅବା ଘନଶ୍ୟାମ
ମୁଁ ଅଟେ ପ୍ରେମିକ ତୋର,
ସତ ମୁଁ କହୁଛି, ରାଣ ବି ଖାଉଛି
ତୋତେ କରିବି ନିଜର ।
ସୀତା ଦେବୀ ଭଳି କଷ୍ଟ ପାଇବୁନି
ରାଜ ଉଆସେ ରହିବୁ,
ରାଧାରାଣୀ ଭଳି ଦୁଃଖ ପାଇବୁନି
ହାତଧରି ଚାଲୁଥିବୁ ।

ଚପ୍ରିଆ, କଳାହାଣ୍ଡି

# ବୈଶାଖର ନିମନ୍ତ୍ରଣ



ଡମ୍ବରୁଧର ବାଗ

ନିମନ୍ତ୍ରଣ ଧରି ବୈଶାଖ ଆସିଲା
ଆମ ଏ ମର୍ତ୍ତ୍ୟ ପୁରକୁ ।
ହେ ସରୋବର ନଈ ରତ୍ନାକର
ଯିବ ଯେ ଇନ୍ଦ୍ର ପୁରକୁ ।
ବାଷ୍ପରୂପେ ତୁମେ ଛଦମ ବେଶରେ
ବିରାଜ କରିବ ବେଗେ ।
ଇନ୍ଦ୍ରଦେବ ତୁମ ଅପେକ୍ଷାରେ ଥିବେ
ହୋଇଣ ଅତି ସରାଗେ ।
ଅତିଥି ମାନଙ୍କୁ ସତ୍କାର କରିବେ
ସଜାଇ କଳା ବଉଦେ,
ନୀଳ୍ ଆକାଶରେ ଇନ୍ଦ୍ର ଦେବତା
ଚରଣ ତାଙ୍କର ବନ୍ଦେ ।
କଳା ବଉଦକୁ ଦେଖିଣ ମୟୁର
ନାଚ ଉଠେ ଆନନ୍ଦରେ,
ଜଳ ବିନ୍ଦୁ ରୂପେ ସମସ୍ତେ ପଡ଼ନ୍ତି
ଆଷାଢ଼ ଓ ଶ୍ରାବଣରେ ।
ସକଳ ଜନ ଉଦ୍ଧାର ପାଆନ୍ତି
ବୈଶାଖର ନିମନ୍ତ୍ରଣେ,
ନଥିଲେ ବୈଶାଖ ନହୁଏ ବରଷା
ଏକଥା ଜାଣିଲେ ଜନେ ।

ଚପ୍ରିଆ, କଳାହାଣ୍ଡି

# ସବୁ ନାରୀ ନୁହେଁ ସୀତା



ସାଗରୀକା ବଶ୍ୱାଳ

ସବୁ ଶାମୁକାରୁ ମୋତି ମିଳେ ନାହିଁ
ସବୁ ଫୁଲେ ନାହିଁ ବାସ,
ସବୁ ଋତୁ ନୁହେଁ ବସନ୍ତ ସମାନ
ସବୁ ନୁହେଁ ମଧୁମାସ ।
ସବୁ ବାଉଁଶରେ ଉଡ଼େନା ପତାକା
ସବୁ ଓଠେ ନାହିଁ ହସ,
ସବୁ ଜୀବନରେ ସୁଖ ଲେଖା ନାହିଁ
ସବୁ ପ୍ରେମେ ନାହିଁ ରସ ।
ସବୁ ରାତ ନୁହେଁ ପୁନେଇଁ ସମାନ
ସବୁ ଫଳ ନୁହେଁ ମିଠା,
ସବୁ ଝିଅ ନୁହେଁ ପ୍ରେମିକା ସମାନ
ସବୁ ନାରୀ ନୁହେଁ ସୀତା ।

ମାର୍ଫତ - ଏସ୍. କେ. ନାୟକ
କ୍ୱାର୍ଟର ନଂ - ୯, ଗାନ୍ଧୀ ଆଶ୍ରମ
କିଙ୍ଗସ୍‌ୱେ କ୍ୟାମ୍ପ୍
ଦିଲ୍ଲୀ- ୯

# ମାନ ଉଦ୍ଧାରଣ କର



ରେହତ୍ ନାଗେଶ

ଲଳତା, ବଶାଖା ନାହାନ୍ତ ମୋ ସାଥେ ନାହାନ୍ତ ତ ଇନ୍ଦୁରେଖା
ଏକା ଏକା ଗୃଲ ଆସିଛ ଯମୁନା, ନୁହେଁ ମୁଁ କାହ୍ନୁ ରଧିକା ।
ସେତକ ଭାଗ୍ୟ ବା କାହିଁରୁ ପାଇବ ନାହିଁ ସେଇ ପୂଣ୍ୟଫଳ
ତଥାପି ଆସିଛ ମହତ୍ତ୍ୱ ଉଦ୍ଦେଶ୍ୟେ ଯମୁନା କଦମ୍ବ ମୂଳ ।
ପ୍ରତୀକ୍ଷା କରଛି ଗୋପକାହ୍ନାକୁ ସେ ଆସନ୍ତା କ ଆଉ ଥରେ
ବସ୍ତ୍ର ହରଣ କରନ୍ତା କ ସତେ, ସେ ମୋ ଇଚ୍ଛା ଅନୁସାରେ ।
ଦଅନ୍ତେ କ ଯାଇ ରକ୍ଷୀ ମଲ୍ଲକାକୁ ସେହ ବସ୍ତ୍ର ନେଇ ମୋର
ପାଶ୍ଚାତ୍ୟ ସଂସ୍କୃତ ହୁଅନ୍ତା ତ ଭଲ ମୋ ଭାରତରୁ ଦୂର ।
ଯେଉଁ ଦେଶ ନାରୀ ଲଜ୍ଜା ନବାରଣେ ଡାକଥିଲେ ଦନେ ତୋତେ
ବସ୍ତ୍ର ଦେବାପାଇଁ କୁରୁସଭାରେ ପୁରାଣ କହୁଛ କେତେ ।
ନାରୀ ସମାଜକୁ ଆକ୍ଷେପ କରୁନ ମୁଁ ବ ତ ଜଣେ ନାରୀ
ଆସ ହେ କୃଷ୍ଣ ଆଉ ଥରେ ଆସ, ବସ୍ତ୍ର ନଅ ଗ୍ଲେରୀ କର ।
ଘାଟରେ ଉଲଗ୍ନ ହୋଇ ରହଥିବ ଜଳରେ ପଶିଣ ଯାଇ
ପାପ ହେଉ ପଛେ ମହତ୍ତ୍ୱ ଉଦ୍ଦେଶ୍ୟେ ଅନ୍ତତଃ ଲାଗିବ ମୁହିଁ ।
ତୁମେ ଯାଇ ଯେବେ ସୁଧାର ଆସିବ ସେ ପଥହୁଡ଼ା ନାରୀକୁ
ସେତେବେଳ ଯାଏଁ ଅପେକ୍ଷା କରବ ତୁମର ଆସିବା ପଥକୁ ।
ଏତକ ବ ଜାଣେ ତୁ ନଶ୍ଚେ ମୋର ଲଜ୍ଜା ନବାରଣ କରବୁ
ଜଗତର ମାନ ରଖି ପଛେ ହେଲେ ମୋର ସମ୍ମାନ ତୁ ରଖିବୁ ।

ଅନକାପୁର, ନୂଆପଡ଼ା
ମୋବାଇଲ୍ - ୯୬୬୮୧୪୯୯୧୨ / ୭୭୫୦୮୯୮୨୧୨

# ହଜିଲ୍ ଠିକଣା



କମଳାକାନ୍ତ ସୁବୁଦ୍ଧି

ନିଜର ଠିକଣା ଖୋଜିବାକୁ ଯାଇ
ପହଞ୍ଚିଲି ଅଧା ବାଟେ,
ସ୍ୱାର୍ଥ ଦୁନିଆରେ ଯେ ଯାହା ବାଟରେ
ସୁଖ ଏଠି କିଏ ବାଣ୍ଟେ ?
ରାମ ରାଇଜରେ ଅଧର୍ମ ପଥରେ
ରାବଣ ତ ପଣ ପଣ,
ଦିନ ଦ୍ୱିପହରେ ରକ୍ଷକ ଯେ କରେ
ନିରୀହେ ହତ୍ୟା ଓ ଧର୍ଷଣ ।
ଦୁନିଆ ଦେଖିଲି ଯେତେ ପରଖିଲି
ନମିଳିଲ୍ ମୋତେ ରାହା
ଯିଏ ଯାହାପାଇଁ ଧାଏଁ ନିଜ ପାଇଁ
କିଏ ହେବ ମୋର ସାହା ?
ଖୋଜିବାକୁ ଯାଇ ନିଜର ଠିକଣା
ହୋଇଗଲି ବାଟବଣା,
ଇୟେତ କଳିକାଳ ଦିଶେ ଜଳି ଜଳି
ପେଡ଼ୁଅଛି ଏବେ ଘଣା ।
କରୁଣ ବେଦନା ହଜିଲ୍ ଠିକଣା
ସବୁ ଥାଇ କିଛି ନାହିଁ,
କର୍ମକୁ ଆଦରି ଦୁଃଖକୁ ପାଶୋରି
ମୁହଁ ମାଡ଼ିଗଲି ଶୋଇ ।

ନଇରୀ, ଖୋର୍ଦ୍ଧା ଜିଲ୍ଲା, ଓଡ଼ିଶା

# ଜଗତେ କେବଳ !!!



କବିସୂର୍ଯ୍ୟ ବଳଦେବ ରଥ

ଜଟିଳ କର ସ୍କନ୍ଧ ରୋମରାଜି, ଶିଖରୀ ଦରୀରେ ମରୁ ଗରଜି
କୁଟିଳ କର ଭ୍ରୁକୁଟିକୁ ଗ୍ରହୁଁ, ସରମା କଣ୍ଠିରବ ହେବ କାହୁଁ ?
ଅଳକତ ଦ୍ରବ୍ୟ ନୟନେ ବୋଳି, ରସାଳ ଗହଳ ଶାଖାରେ ଖେଳି
କବଳ କରୁ ତା କଳି କଳାପ, କାକ କି କରିବ ପଞ୍ଚମାଳାପ ?
ବରଜୀବ ରସେ ଦେଇ ମାନସ, ବରଜି ବରଷେ ଅମେଧ ଗ୍ରାସ
ଦେହେ ମନ୍ଦାକିନୀ ରଜ ଲଗାଇ, ଗ୍ରାମ ଶୂକରୀ କି ହୋଇବ ଗାଈ ?
ଚଞ୍ଚୁ ଚରଣେ ଲଗାଇ ହିଙ୍ଗୁଳ, ନିଜ ତୁଣ୍ଡେ ମଣ୍ଡି ଖଣ୍ଡ-ମୃଣାଳ
ଗ୍ରୀଳୁଁ ପୂର୍ବ ଅଙ୍ଗ ବୁଲାଇ ବକୀ, ତେବେ ସେ ମରାଳୀ ବୋଲାଇବ କି ?
ରଞ୍ଜି ନାୟକ ରଙ୍ଗେ ଗ୍ରୈପଦାର, ଖଞ୍ଜିଲେ ହେଲେ ଗ୍ରିବୁକ ସବାର
ଖିଲାଇଲେ ହେଲେ ନାନା ମସଲା, ତୁରଙ୍ଗ ହୁଏ କି ରାସଭ ପିଲା ?
ବଦରିକା ବନେ ନିତ୍ୟ ନିବାସ, କରି ଆଚରି ବ୍ରତ ଉପବାସ
ପ୍ରଯତ୍ନ କଲେ ହେଁ ନାନା ପ୍ରକାର, ଖଦ୍ୟୋତ ହୋଇବ କି ପ୍ରଭାକର ?
ଯାହାକୁ ଯାହା କରିଛି ଦଇବ, ତହୁଁ ନ କି ସେ ଅନ୍ୟଥା ହୋଇବ
ଘେନିଲେ ହେଲେ ଯତ୍ନେ କୋଟି ପୁଟ, ପିତ୍ତଳୁଟି କେହି ହେବ ପୁରଟ ?
ଦେବ ଉପବନେ ହୋଇ ଜନିତା, ସ୍ୱବାସ ମଦରୁ ଜବସ ଲତା
ତୁଳସୀ ତୁଲେ ହେଲେ ମିଶାମିଶି, ତାହାକୁ ଯେବେ ବୋଲିବା ତୁଳସୀ ?
ସମଜଇ ନାହିଁ ସ୍ୱଜାତି ଭାଷା, କହିଲେ ଯେ ହୁଅଇ ଲୋକହସା
ଜଡ଼ ମୁଁ ବୋଲି ନ ଜନ୍ମି ନିର୍ବେଦ, ଷଡ଼ଦର୍ଶୀ ତୁଲେ କଲେ ବିବାଦ ।
ଦେହରେ ବାଜିଲେ ପର ନିଶ୍ୱାସ, ସମ୍ଭାଳିବାକୁ ନ ଥାଇ ବିଶ୍ୱାସ

ନିର୍ଲ୍ଲଜ ଅଭିମାନେ ଡେଇ ସ୍ଫୁତ, ହାତୀ ଲଢ଼ାଇକି ବାନ୍ଧିଲେ କାତ ।
କରମରେ ତ ହୋଇଅଛି ଲେଖା, କରମର୍ଦ୍ଦକ ଯୋଗ୍ୟ ତୋର ଶିଖା
ହିର ମଉଳ ଯୋଗ୍ୟ ଚମ୍ପକକୁ, ଭରମରେ ବୃଥା ପଡ଼ି ଯା ଟାକୁ ।
ସ୍ବରୁ ଚନ୍ଦ୍ରୋଦୟା ମଶାଲ ପାଖେ, ବହ୍ନି ଜାଳିବ ଯେବେ ଦଶା ମୁଖେ
ଧାତା ତ କରିନାହିଁ ତା ନିକାଶେ, କି ରୂପେ ହେବ ସେପରି ପ୍ରକାଶ ।
ବୋଲିହୋଇ ଭୂତ ଧରି ପରଶୁ, ବଳୀବର୍ଦ୍ଧବର ଚରମେ ବସୁ
ଗଉରୀ-ପ୍ରାଣନାଥ ଅନୁଭବ, ଠଉରି ପାରିବନାହିଁ ତ ଲବ ।
ସର ପର୍ପଟି ଯାହାକୁ ମିଳଇ, ସେ ସୁଖେ ତା ଭୋଜନେ ପ୍ରଚଳଇ
ସଢ଼ାଇବାକୁ ତା ବଢ଼ାଇ ବସି, ଦୁର୍ମତି ଯେବେ ଗ୍ରେବାଇବ ଘଷି ।
ଚିର ତପବଳୁ କେଉଁ ପୁରୁଷ, ସମ୍ପାଦ ଯୋଗ୍ୟ ଗୁଣ ପଉରୁଷ
କରିକ୍ଷେ ସଞ୍ଚରିବା ନ ସହିବ, କରୀଷକଟେ ଯେବେ ଆରୋହିତ ।
ଗଙ୍ଗାର ପ୍ରବାହେ ଅଳପେ ବୁଡ଼ି, ଅଙ୍ଗାର ନିକି ନିଜ ବର୍ଣ୍ଣ ଛାଡ଼ି
ବଳାହିତ ରତ୍ନ ପରି ଦିଶିବ, ବାଳା ପୟୋଧର ହାରେ ମିଶିବ ।
ସତରବୟସୀ ସତତ ମନ, କରଇ ଯାହାକୁ ଅନୁଗମନ
ଛବି-ଶୂନ୍ୟ; ଷଣ୍ଡ ବୃଦ୍ଧ ତା ତୁଲେ, ଅବିବେକିଦିଶୁ ବିବାଦୀ ହେଲେ ।
ଗୁଞ୍ଜିର କେଉଁ ପୁଣ୍ୟବଳୁ ସିନା, ସଙ୍ଗକୁ ଅଙ୍ଗୀକାର କଲି ସୁନା
ହୋଇଲି ତ ବୋଲି କନକତୁଲ୍ୟ, ଲୋଡ଼ିବଯେବେ ତାହା ତୁଲ୍ୟମୂଲ୍ୟ ।
ଗଜପତି କୁମ୍ଭସ୍ଥଳେ ବିଦାରି, ସଜ ପଲକ ଭୁଞ୍ଜିବାରୁ ହରି
ଦୃଷ୍ଟି ନଦେଲାବୋଲି ଅନ୍ୟ ଶବେ, ଜମ୍ବୁକେ ଯଶସ୍ବୀବୋଲିବା ଯେବେ ।
ମାନୋଦ୍ଧାରଣ ଶରଣପଞ୍ଜର, ବିଘେଇ ବାଦଶା ନୃପକୁଞ୍ଜର
ରାଜା ଜଗଦେବ ହରିଚନ୍ଦନ, ଲଙ୍ଘିଲେ ତାକୁ ନ କରି ଚନ୍ଦନ ।
ତାଙ୍କ ସୁଧର୍ମା ତୁଲ୍ୟ ସଭା କବି, ଭଣିଲେ ରାୟଗୁରୁ କବିରବି ।
ଶ୍ରବଣ-ସର୍ବାବୟବୀ ମାନବ, ସହସ୍ରାକ୍ଷ ସାମ୍ୟ ଯେବେ ଲୋଡ଼ିବ
ଜଗତେ କେବଳ, ଜନେ ହସିବେ ଏହି ତହୁଁ ଫଳ ।

# ସମୀକ୍ଷା - ସ୍ମରଣିକା



ଡା ଜ୍ୟୋତ ପ୍ରସାଦ ପଟ୍ଟନାୟକ

ପେଷାରେ ଡାକ୍ତର ଶ୍ରୀମତ ସନ୍ଧ୍ୟାରାଣୀ ପାଣିଗ୍ରାହୀ ଜଣେ ବରଷ୍ଠ ସ୍ତ୍ରୀ ଓ ପ୍ରସୁତ ରୋଗ ବଶେଷଜ୍ଞା ହେବା ସତ୍ତ୍ୱେ ନଶା ତାଙ୍କର କବତା ଲେଖିବା । ଫେସବୁକରେ ସକ୍ରୟା ଡାକ୍ତର ପାଣିଗ୍ରାହୀ ନରବଚ୍ଛିନ୍ନ ଭାବରେ କବତା ଉପସ୍ଥାପନ କର ଆସିଛନ୍ତି । ପ୍ରତଦନ କଛ ନା କଛ ନୂଆ ଲେଖିବା ତାଙ୍କର ଗୋଟିଏ ନଶା । ଓଡ଼ିଆ ସମେତ ସେ ହନ୍ଦୀରେ ମଧ ଲଘୁ କବତା ଲେଖିଛନ୍ତି । ତାଙ୍କର ଲଖିତ କ୍ଷୁଦ୍ର କବତାର ପୁସ୍ତିକା "ସ୍ମରଣିକା" ତାଙ୍କର କାବ୍ୟସୃଷ୍ଟିର ଦ୍ୱତୀୟ ଉପହାର । ନଜର ବ୍ୟସ୍ତବହୁଳ ଜୀବନଚର୍ଯ୍ୟା ମଧରେ ମଧ ସେ ମାନସିକ ସ୍ଥିରତା ଏବଂ ଶାନ୍ତପାଇବା ପାଇଁ କବତାରେ ମନୋନବେଶ କରନ୍ତ ।

ପୁସ୍ତିକାର ପ୍ରଚ୍ଛଦରେ କବୟିତ୍ରୀ ଡାକ୍ତର ପାଣିଗ୍ରାହୀଙ୍କ ଛବ ପ୍ରକାଶିତ ହୋଇଛ ଏବଂ ତଳେ ଲେଖାଅଛ, ପଦ୍ୟଗୁଚ୍ଛ ତୁମ ସ୍ମୃତରେ ମୋ ବାବା... ଯାହାପାଇଁ ମୁଁ ଆଜ ଗର୍ବିତ, ତୁମେ ସବୁ ଦେଇଛ କଛ ବ ଦେଖିପାରନ ।




ପୁସ୍ତିକାରେ କ୍ଷୁଦ୍ର ଏବଂ ଅତକ୍ଷୁଦ୍ର ସମୁଦାୟ ୩୯ ଗୋଟି କବତା ସ୍ଥାନ ପାଇଛ । ଜୀବନ, ଭଲପାଇବା, ମନ, ପ୍ରେମ, ଯନ୍ତ୍ରଣା ଓ ପ୍ରତୀକ୍ଷା ଆଦ ବଭନ୍ନ ବଷୟ ସମ୍ବଳତ କବତା ଗୁଡ଼ିକ ଅତ୍ୟନ୍ତ ମନୋଜ୍ଞ ଓ ପଠନଯୋଗ୍ୟ ହୋଇଛ । ଏହ ପୁସ୍ତିକାଟି କେବଳ ଉପହାର ପାଇଁ ହିଁ ପ୍ରକାଶିତ କରାଯାଇଛ, କାରଣ ଏହ ପୁସ୍ତିକାରେ କୌଣସି ସ୍ଥାନରେ ମୂଲ୍ୟ ବା ଦେୟ ବଷୟରେ ଉଲ୍ଲେଖ କରାଯାଇନାହିଁ ।

ଏହ ପୁସ୍ତିକାର ଏକ ପ୍ରତଲପି ପାଇବାପାଇଁ ଆପଣ ଡାକ୍ତର ଶ୍ରୀମତ ସନ୍ଧ୍ୟାରାଣୀ ପାଣିଗ୍ରାହୀଙ୍କୁ ଅନୁରୋଧ କରପାରବେ ।

ଆହ୍ୱାନର ଆଗାମୀ ସଂସ୍କରଣ ମଇ ମାସରେ ପ୍ରକାଶିତ ହେବ । ନିଜ ଦ୍ୱାରା ଲିଖିତ କବିତା ଓ କାହାଣୀ ଶୀଘ୍ର ଆମ ନିକଟକୁ ପଠାନ୍ତୁ ।

ଆପଣଙ୍କ ଲିଖିତ କବିତା, କାହାଣୀ, ଭ୍ରମଣ କାହାଣୀ, ଶିଶୁକଥା, ଜୀବନ କଥା, ଇତିହାସ, ରୋଷେଇ, ଘରକରଣା, ସ୍ୱାସ୍ଥ୍ୟ, ବ୍ୟଙ୍ଗ ଇତ୍ୟାଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ପଠାଇ ପାରିବେ ।

ଆମ ଇ-ମେଲ୍ ଠିକଣା :

# aahwaan@gmail.com

ଚିଠି ମାଧ୍ୟମରେ ଲେଖା ପ୍ରେରଣ କରିବା ଠିକଣା

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ସମ୍ପାଦକ, 'ଆହ୍ୱାନ ଇ-ପତ୍ରିକା'

ବୀମାନଗର, ୨ୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା
ଫୋନ : ୯୦୪୦୯୮୫୪୬୩ / ୯୮୬୧୯୭୨୧୬୦

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକା ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ସାହିତ୍ୟ ଇ-ପତ୍ରିକା । ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ । ବେଳେ ବେଳେ ପୂଜା ପର୍ବପର୍ବାଣୀ ସମୟରେ ସମୟୋପଯୋଗୀ ବିଶେଷ ସଂସ୍କରଣମାନ ମଧ୍ୟ ପ୍ରକାଶିତ ହୁଏ । ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟ ରଚନା, ଶିଶୁ ରଚନା, ଭ୍ରମଣ କାହାଣୀ ଇତ୍ୟାଦି ଏଥିରେ ପ୍ରକାଶିତ ହୁଏ ।

ଏହି ପତ୍ରିକାରେ ଲେଖା ପ୍ରକାଶିତ କରିବା ପାଇଁ ନୂଆ ଓ ପୁରୁଣା ଉଭୟ ସାହିତ୍ୟିକାରଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ । ଯେହେତୁ ଏହି ପତ୍ରିକା ନିଃଶୁଳ୍କ ବିତରଣ ନିମିତ୍ତ ଉଦ୍ଦିଷ୍ଟ ତେଣୁ ଲେଖକ, ଲେଖିକାମାନଙ୍କୁ କୌଣସି ପ୍ରକାରର ପ୍ରୋତ୍ସାହନ ରାଶି ଦିଆଯାଏ ନାହିଁ । ପାରିଶ୍ରମିକ ଆଶା କରୁଥିବା ଲେଖକ ଲେଖିକାମାନେ ନିଜ ଲେଖା ବ୍ୟବସାୟିକ ପତ୍ରପତ୍ରିକାକୁ ପଠାଇ ପାରିବେ ।

ଏହି ପତ୍ରିକା ପ୍ରତ୍ୟେକ ମାସରେ ଇଣ୍ଟରନେଟ୍‌ରେ ନିଃଶୁଳ୍କ ପଢ଼ିବା ପାଇଁ ଉପଲବ୍ଧ ହୋଇଥାଏ । ପାଠକ ଚାହିଁଲେ ଏହି ପତ୍ରିକାର ଗୋଟିଏ ପ୍ରତିଲିପି ନିଜ କଂପ୍ୟୁଟରରେ ଡ଼ାଉନ୍‌ଲୋଡ୍ କରି ପାରିବେ ।

ଲେଖକ ଲେଖିକାମାନେ ନିଜ କୃତି ଆମ ନିକଟକୁ ଡ଼ାକଦ୍ୱାରା କିମ୍ବା ଇ-ମେଲ୍ ଦ୍ୱାରା ପଠାଇ ପାରିବେ । ଡ଼ାକ ଦ୍ୱାରା ପଠାଉଥିଲେ ନିଜ ଲେଖାକୁ ଧଳା କାଗଜର ଗୋଟିଏ ପାର୍ଶ୍ୱରେ ନିର୍ଭୁଲ ହସ୍ତାକ୍ଷରରେ ଲେଖି ପଠାନ୍ତୁ, କିମ୍ବା ଟାଇପ୍ କରି ମଧ୍ୟ ପଠାନ୍ତୁ । ଇ-ମେଲ୍ ଦ୍ୱାରା ପଠାଉଥିଲେ ଲେଖାକୁ ଲେଖି ସାରିବା ପରେ ସ୍କାନ୍ କରି ଆମ ଇ-ମେଲ୍ ଠିକଣାରେ ପଠାନ୍ତୁ ।

ଆହ୍ୱାନର ପ୍ରକାଶନ ସଂପୂର୍ଣ୍ଣ ପରିବେଶ ଅନୁକୂଳ, କାରଣ ଏହାଦ୍ୱାରା କାଗଜର ବ୍ୟବହାର କମ ହୋଇଥାଏ, ଯେଉଁଥିପାଇଁ ଗଛ କାଟିବାକୁ ପଡ଼େନାହିଁ । ଆମେ ପରିବେଶ ପ୍ରଦୁଷଣ ବିରୋଧି କରୁ ।

ଆହ୍ୱାନ ଇ-ପତ୍ରିକାରେ ଲେଖା ପ୍ରକାଶିତ କରିବାପାଇଁ ଯଦି ଆପଣ ଇଚ୍ଛୁକ ତେବେ ନିଜ

ଲିଖିତ କୃତିକୁ ଆପଣ ଆମ ନିକଟକୁ ପଠାନ୍ତୁ । ଯେହେତୁ ଏହି ପତ୍ରିକା ଇଣ୍ଟରନେଟରେ ପ୍ରକାଶିତ ହୁଏ ଏବଂ ପ୍ରତ୍ୟେକ ମାସରେ ଶହସ୍ରାଧିକ ଓଡ଼ିଆଙ୍କ କମ୍ପ୍ୟୁଟରରେ ଶୋଭାପାଏ ତେଣୁ ଏହି ପତ୍ରିକାପାଇଁ ଲେଖା ମଧ୍ୟ ଇଣ୍ଟର୍ନେଟ ମାଧ୍ୟମରେ ହିଁ ଗ୍ରହଣ କରାଯାଏ । ଯଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ଲେଖା ପଠାଇ ପାରିବେ ନାହିଁ, ତେବେ ଆପଣ ନିଜ ଲେଖା ଧଳା କାଗଜରେ ଗୋଟିଏ ପାର୍ଶ୍ୱରେ ନିର୍ମଳ ହସ୍ତାକ୍ଷରରେ ଲେଖି ଆମ ନିକଟକୁ ନିମ୍ନ ଠିକଣାରେ ପଠାଇ ପାରିବେ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ବୀମା ନଗର - ୨ୟ ଗଳି
ଆମ୍ବପୁଆ, ବ୍ରହ୍ମପୁର - ୭୬୦୦୧୦
ଓଡ଼ିଶା, ଫୋନ୍: ୯୦୪୦୯୮୫୪୭୩ / ୯୮୬୧୯୭୨୧୬୦

ଯଦି ଆପଣ ଇଣ୍ଟର୍ନେଟ୍ ମାଧ୍ୟମରେ ଲେଖା ପଠାଇବାକୁ ଚାହାନ୍ତି ତେବେ ନିଜ ଲେଖାକୁ ଟାଇପ୍ (ଓଡ଼ିଆ ୟୁନିକୋଡ଼ ଫଣ୍ଟରେ ଟାଇପ୍ କରିବେ ଯଥା ଅପ୍ରାନ୍ତ ଓଡ଼ିଆ / ଗୁଗୁଲ୍ ଓଡ଼ିଆ ଟ୍ରାନ୍ସ୍ଲିଟେରେସନ୍) କରି Microsoft Word Document ରେ ଆମ ନିକଟକୁ ପଠାନ୍ତୁ, କିମ୍ବା ଲେଖାକୁ ସ୍କାନ୍ କରି ଜେପିଇଜି ଫର୍ମାଟରେ ଇମେଲ୍ Attachment କରି ପଠାନ୍ତୁ । ଆମ ଇ-ମେଲ୍ ଠିକଣା ହେଲା - aahwaan@gmail.com

ଏହି ପତ୍ରିକା ଉନ୍ନତି ହେତୁ ଆପଣଙ୍କ ସହାୟତା ଆମର ଏକାନ୍ତ କାମ୍ୟ ।

ଧନ୍ୟବାଦ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ପ୍ରତିଷ୍ଠାତା-ସମ୍ପାଦକ, 'ଆହ୍ୱାନ'

## ଜୟ ଓଡ଼ିଆ । ଜୟ ଓଡ଼ିଶା । ଜୟ ଜଗନ୍ନାଥ

ଯଦି ଏହି ସଂସ୍କରଣରେ କୌଣସି ତ୍ରୁଟିଥାଏ, ସେଥିପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।